Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 84
Thursday, 28 May 2026
Balasore, Page : 8, ₹ 2/
ବାଲେଶ୍ୱର, ଗୁରୁବାର, ୨୮ ମଇ, ୨୦୨୬
ପୃଷ୍ଠା:୮ , ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଜେଏସ୍‌ଡବ୍ଲ୍ୟୁ ମେଗା ଷ୍ଟିଲ୍ ପ୍ଲାଣ୍ଟର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ପାରାଦୀପ, ୨୭/୫ (ଆ.ପ୍ର) : ପାରାଦୀପର ଏରସମା ଅଂଚଳରେ 'JSW Steel'ର ମେଗା ଇଂଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଂଟର ବ୍ଲାଷ୍ଟଫରନେସ୍ ନିର୍ମାଣ କାର୍ଯ୍ୟ ଆଜି ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଏହି ଅବସରରେ ପାରାଦୀପର ଜିଙ୍ଗିଆ ଅଂଚଳରେ ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିବା ସହିତ ଓଡ଼ିଶାକୁ ଦେଶର 'ଷ୍ଟିଲ୍ ରାଜଧାନୀ' ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଦୃଢ଼ ସଂକଳ୍ପ ନେଇଥିବା ପ୍ରକାଶ କରିଛନ୍ତି । ଏହି ପ୍ରକଳ୍ପରେ JSW Steel ପକ୍ଷରୁ ସମୁଦାୟ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ । ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଅତ୍ୟାଧୁନିକ ପ୍ଲାଂଟରୁ ବାର୍ଷିକ ପ୍ରାୟ ୨୪ ମିଲିଅନ୍ ଟନ୍ ଷ୍ଟିଲ୍ ଉତ୍ପାଦନ ହେବ । ତା' ସହ ଏଠାରେ ୧୨ ମିଲିଅନ୍ ଟନର ଏକ ସିମେଂଟ ପ୍ଲାଂଟ, ୯୦୦ ମେଗାୱାଟର କାପ୍ଟିଭ୍ ପାୱାର ସିଷ୍ଟମ୍ ଏବଂ ଏକ ସ୍ୱତନ୍ତ୍ର ଜେଟି ମଧ୍ୟ ନିର୍ମାଣ କରାଯିବ । ଓ୍ୱିଂଡ ଗ୍ରୁପର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଏବଂ ଜାପାନର ସହଯୋଗୀ କମ୍ପାନୀ JFE Steel ର ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ କମ୍ପାନୀକୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି । ନିଜ ଅଭିଭାଷଣରେ ପୂର୍ବ ସରକାରଙ୍କୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ, ଯେଉଁ ପ୍ରକଳ୍ପ ପାଇଁ ଜନସାଧାରଣ ଦୁଇ ଦଶନ୍ଧି ଧରି ଅପେକ୍ଷା କରିଥିଲେ ଏବଂ ଦୁଇ ବର୍ଷ ତଳେ ଯାହାର କେବଳ ତରତରିଆ

ଶିଳାନ୍ୟାସ କରାଯାଇଥିଲା, ତାହାକୁ ନୂତନ 'ଡବଲ ଇଞ୍ଜିନ' ସରକାର ଆସିବା ପରେ ଫାଷ୍ଟ-ଟ୍ରାକ୍ ମୋଡ୍‌ରେ କାର୍ଯ୍ୟକାରୀ କରାଯାଉଛି । ପୂର୍ବ ଗତିରେ କାମ ଚାଲିଥିଲେ ଯେଉଁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୮ ମସିହାରେ ଆରମ୍ଭ ହୋଇଥାନ୍ତା, ବର୍ତ୍ତମାନ ତାହା ୨୦୨୮ ସୁଦ୍ଧା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ଷ୍ଟିଲ୍ ଉତ୍ପାଦନ ଆରମ୍ଭ ହେବ । ସରକାରଙ୍କ ଏହି ଦ୍ରୁତ କାର୍ଯ୍ୟଶୈଳୀର ଉଦାହରଣ ଦେଇ ସେ ଖୋର୍ଦ୍ଧାର ଟ୍ରାଇମେଟ୍ରୋ ଗାର୍ମେଂଟସର ସଫଳତା ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି, ଯେଉଁଠାରେ ଶିଳାନ୍ୟାସର ବର୍ଷକ ମଧ୍ୟରେ ଉତ୍ପାଦନ ଆରମ୍ଭ ହୋଇସାରିଛି । ଓଡ଼ିଶାର ବୈଦେଶିକ ଶିଳ୍ପ ଭାଗିଦାରୀକୁ ନେଇ ମୁଖ୍ୟମନ୍ତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି । ଜାପାନର ଓ୍ୱିରର ଷ୍ଟିଲ୍ ସହଯୋଗରେ ଝାରସୁଗୁଡ଼ାରେ ଚାଲିଥିବା ୩୦ ହଜାର କୋଟି ଟଙ୍କାର ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବା ସହ ସେ କହିଥିଲେ, ଜାପାନ ସହ ଆଲୋଚନା ଅନୁଯାୟୀ ଖୁବ୍ ଶୀଘ୍ର ଓଡ଼ିଶା ଏବଂ ଜାପାନର 'ତୋତୋରି' (Tottori) ରାଜ୍ୟ ମଧ୍ୟରେ 'Sister States' ବା ଭଗିନୀ ରାଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବ । ଏହାଦ୍ୱାରା ଓଡ଼ିଶାର ଶିଳ୍ପ, ପର୍ଯ୍ୟଟନ ଏବଂ ଶିକ୍ଷା କ୍ଷେତ୍ରରେ ଜାପାନ ବ୍ୟାପକ ପୁଞ୍ଜି ନିବେଶ କରିବ । କେବଳ ପାରାଦୀପ କିମ୍ବା ଝାରସୁଗୁଡ଼ା ନୁହେଁ, ବରଂ ଢେଙ୍କାନାଳ ଓ କେନ୍ଦୁଝରରେ ମଧ୍ୟ ଖୁବ୍ ଶୀଘ୍ର ନୂତନ ଷ୍ଟିଲ୍ ପ୍ଲାଂଟମାନ ଗଢ଼ିଉଠିବ ବୋଲି ଶ୍ରୀ ମାଝୀ ସୂଚନା ଦେଇଥିଲେ । ରାଜ୍ୟରେ ଶିଳ୍ପାୟନ ଓ ନିଯୁକ୍ତି ତାଙ୍କ ସରକାରଙ୍କ ସବୁଠୁ ବଡ଼ ଫୋକସ୍ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ଦୁଇ ବର୍ଷର ସଫଳତା ରିପୋର୍ଟ ଉପସ୍ଥାପନ କରିଥିଲେ । ଏହି ସମୟ ମଧ୍ୟରେ ସରକାର ୪୩୩ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୮ ଲକ୍ଷ ୫୦ ହଜାର କୋଟି ଟଙ୍କାର ନିବେଶ ସହ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ବର୍ତ୍ତମାନ ସୁଦ୍ଧା ୧୪୮ଟି ପ୍ରକଳ୍ପର ଭୂମିପୂଜା ସରିଛି, ଯାହା ମାଧ୍ୟମରେ ପ୍ରାୟ ୨ ଲକ୍ଷ ୩୭ ହଜାର ଯୁବକଯୁବତୀ ନିଯୁକ୍ତି ପାଇଛନ୍ତି । ଦେଶର ବିଭିନ୍ନ ପ୍ରମୁଖ ସହର ଯଥା ହାଇଦ୍ରାବାଦ, କୋଲକାତା ଓ ଗୁଜରାଟ ଗସ୍ତ କରି ସେ ପ୍ରାୟ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆଣିବାରେ ସଫଳ ହୋଇଥିବା ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ପ୍ରତି ଥିବା ସ୍ନେହ ଏବଂ ତାଙ୍କର 'ଯହି ସମୟ ହେ, ସହି ସମୟ ହେ' ଆହ୍ୱାନ ଯୋଗୁଁ ନିବେଶକମାନେ ଏବେ ଓଡ଼ିଶା ମୁହାଁ ହେଉଛନ୍ତି ବୋଲି ସେ କହିଥିଲେ । ପାରାଦୀପର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ଗୁଜରାଟର ମୁନ୍ଦ୍ରା ବନ୍ଦର ଶୈଳୀରେ 'Two-Coast Strategy' ବା ଦୁଇ ଉପକୂଳ ବିକାଶ ରଣନୀତି ଉପରେ ଗୁରୁତ୍ୱାରୋପ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' କଳ୍ପନାରେ ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର ପ୍ରମୁଖ ଭୂମିକା ଗ୍ରହଣ କରିବେ, ଯେଉଁଥିରେ ପାରାଦୀପ ସବୁଠାରୁ ଶୀର୍ଷରେ ରହିବ । ପାରାଦୀପରେ ଇଣ୍ଡିଆନ୍ ଅଏଲ୍ ରିଫାଇନାରୀ ଏବଂ ପେଟ୍ରୋ କେମିକାଲ୍ସ କମ୍ପ୍ଲେକ୍ସ ପରେ ଏବେ ଏକ କ୍ରୁଡ୍ ଟର୍ମିନାଲ୍ ଏବଂ ମେଗା ଜାହାଜ ନିର୍ମାଣ କମ୍ପ୍ଲେକ୍ସ ପ୍ରତିଷ୍ଠା ପାଇଁ ଯୋଜନା ରହିଛି । ଏହା ସହିତ କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଳିଥିବା ୫ ହଜାର କୋଟି ଟଙ୍କା ଅନୁଦାନରେ ପାରାଦୀପ-କଟକ-ଭୁବନେଶ୍ୱର-ପୁରୀ ଅର୍ଥନୈତିକ କରିଡର (BCPPER) ନିର୍ମାଣ ହେବ, ଯେଉଁଥିରେ ପାରାଦୀପ 'ମୁଖଶାଳା' ସାଜିବ ।

ୟୁନେସ୍କୋ ମାନ୍ୟତା ଅପେକ୍ଷାରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା

ପୁରୀ, ୨୭/୫ (ଆ.ପ୍ର) : ୟୁନେସ୍କୋ ମାନ୍ୟତା ଅପେକ୍ଷାରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା । ୨୦୨୨ ରୁ ୨୦୨୪, ପର୍ଯ୍ୟନ୍ତ ୩ ବର୍ଷ ଧରି ପ୍ରଚେଷ୍ଟା ବିଫଳ ହେବାପରେ ୨୦୨୫ରେ ସଫଳତାର ସହିତ ନାମାଙ୍କନ ଦାଖଲ କରିଥିଲା ଶ୍ରୀମନ୍ଦିର ପ୍ରଶାସନ । କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ସଙ୍ଗୀତ ନାଟକ ଏକାଡେମୀର ବିଦ୍ଧିବଦ୍ଧ ଭାବରେ ଜାତୀୟ ଐତିହ୍ୟ ତାଲିକାଭୁକ୍ତ ହୋଇ ସାରିଛି । ଆସନ୍ତା ୟୁନେସ୍କୋ ବୈଠକରେ ବିଭିନ୍ନ ଦେଶର ଭୋଟିଂକୁ ରହିଛି ଅପେକ୍ଷା । ୟୁନେସ୍କୋ ମାନ୍ୟତା ପରେ ସାରା ବିଶ୍ୱ ଜାଣି ପାରିବ ମୂଳପୀଠର ମର୍ଯ୍ୟାଦା ଓ ରିତି ପରମ୍ପରା । ସେହି ଆଧାରରେ ଅଦିନିଆ ରଥଯାତ୍ରାରେ ଲାଗିପାରେ ରୋକ୍ । ୟୁନେସ୍କୋ ଦ୍ୱାରା ବୈଶ୍ୱିକ ସାଂସ୍କୃତିକ ଐତିହ୍ୟ ମାନ୍ୟତା ଅପେକ୍ଷାରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା । ଗତବର୍ଷ ସଫଳତାର ସହ ସରିଛି ନାମାଙ୍କନ । କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ସଙ୍ଗୀତ ଏକାଡେମୀ କରିଛି ଜାତୀୟ ଐତିହ୍ୟ ତାଲିକା ଭୁକ୍ତ । ତେବେ ୟୁନେସ୍କୋ ଦ୍ୱାରା ବିଭିନ୍ନ ଦେଶକୁ ନେଇ ଭୋଟିଂ ପ୍ରକ୍ରିୟା ପରେ ବିଶ୍ୱ ସାଂସ୍କୃତିକ ଐତିହ୍ୟ ରେ ସାମିଲ ହେବ ଘୋଷଯାତ୍ରା । ବିଶ୍ୱ ଅବଗତ ହେବ ମୂଳପୀଠର ମର୍ଯ୍ୟାଦା ଓ ରିତି ପରମ୍ପରା ।ଅଦିନିଆ ରଥଯାତ୍ରାରେ ଲାଗିପାରେ ରୋକ୍ । ଚଳିତ ରଥଯାତ୍ରା ଅବସରରେ ପୁରୀ ଆସି ସମୀକ୍ଷା କରିପାରେ ୟୁନେସ୍କୋ ଟିମ୍ । ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ କ୍ରମାଗତ ୩ ବର୍ଷ ବିଫଳ ହେବାପରେ ଗତ ବର୍ଷ ନାମାଙ୍କନ ଦାଖଲ ସଫଳତାର ସହ ଶେଷ ହୋଇଛି । ପରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ସଙ୍ଗୀତ ଏକାଡେମୀ, ଜାତୀୟ ଐତିହ୍ୟ ତାଲିକା ଭୁକ୍ତ କରି ସାରିଛି । ୟୁନେସ୍କୋର ଆସନ୍ତା ବୈଠକ ପରେ ବିଭିନ୍ନ ଦେଶର ଭୋଟିଂ ପରେ ଐତିହ୍ୟ ମାନ୍ୟତା ମିଳିପାରିବ ବୋଲି କହିଛନ୍ତି ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ । ତେବେ ମାନ୍ୟତା ମିଳିବା ପରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ମୂଳ ପୀଠ ର ମର୍ଯ୍ୟାଦା ଓ ରିତି ପରମ୍ପରା ଉପରେ ବେଶୀ ଅବଗତ ହୋଇ ପାରିବେ ବିଶ୍ୱବାସୀ । ଯାହାଫଳରେ ଅଦିନିଆ ରଥଯାତ୍ରାରେ ରୋକ୍ ଲାଗିବା ନେଇ ଆଶା କରିଛନ୍ତି ସେବାୟତ ଓ ବୁଦ୍ଧିଜୀବୀ । ବିଶ୍ୱରେ ୬୦୦ ରୁ ଊର୍ଦ୍ଧ୍ୱ ଉପାଦାନ ମଧ୍ୟରେ ୪୦ରୁ ଅଧିକ ବିଭିନ୍ନ ବର୍ଗର ଫେଷ୍ଟିଭାଲକୁ ୟୁନେସ୍କୋ କଲ୍ଚରାଲ ସାଂସ୍କୃତିକ ଐତିହ୍ୟ ମାନ୍ୟତା ଦେଇଥିବା ବେଳେ ଭାରତର ହିମାଚଳ ପ୍ରଦେଶର ରମ୍ମନ, କୁମ୍ଭମେଳା, ଦୁର୍ଗାପୂଜା ଭଳି ପର୍ବ ବା ଫେଷ୍ଟିଭାଲକୁ ମାନ୍ୟତା ମିଳିସାରିଛି । ଶ୍ରୀ ଜଗନ୍ନାଥଙ୍କ ପରମ୍ପରା ପୌରାଣିକ କିମ୍ବଦନ୍ତୀରୁ ଆରମ୍ଭ କରି ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ତଥ୍ୟ ଭିତ୍ତିକ ଓ ପ୍ରାମାଣିକ ରହିଆସିଛି । ଏହାର ନିର୍ମାଣ ଶୈଳୀ, ପ୍ରକ୍ରିୟା, ଲୋକ ସମାଗମ ଏହାର ପୌରାଣିକ ତଥ୍ୟ, ପରମ୍ପରାକୁ ନେଇ ୟୁନେସ୍କୋ ମାନ୍ୟତା ପାଇଁ ଚେଳବାଇ ପକ୍ଷରୁ ପୂର୍ବରୁ ଚିଠି କରାଯାଇଥିଲା । ଅନ୍ୟପଟରେ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରାରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେଉଥିବାରୁ ଏହି ଯାତ୍ରାକୁ ସ୍ମରଣୀୟ କରିବା ପାଇଁ ଅଂଟା ଭିଡିଛନ୍ତି ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର । ଏ

ଦୁଇ ବରିଷ୍ଠ ଓଏଏସ୍ ଅଧିକାରୀଙ୍କୁ ପଦୋନ୍ନତି

ଭୁବନେଶ୍ୱର, ୨୭/୫ (ଆ.ପ୍ର) : ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଦୁଇଜଣ ବରିଷ୍ଠ ଓପ୍ରସେ (ଓଏଏସ୍) ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଛି । ଆଜି (ବୁଧବାର) ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଚୂଡ଼ାନ୍ତ ଚୟନ ତାଲିକା ବିଚାରାଧୀନ ଥିବା ପର୍ଯ୍ୟନ୍ତ ଓପ୍ରସେ (ଏସ୍‌ଏବି) ଗ୍ରେଡ୍ ଅଧିକାରୀ ରାଜେଶ କୁମାର ଅଗ୍ରୱାଲ୍ ଓ ମାନସ ରଞ୍ଜନ ସାମଲଙ୍କୁ ପେ – ମାଟ୍ରିକ୍ସର ସ୍ତର ୧୭ର ପଦୋନ୍ନତି ଓ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ପଦୋନ୍ନତି ଆଡ୍‌ହକ୍ ଭିତିରେ ଦିଆଯାଇଛି । ପଦୋନ୍ନତି ଏକ ବର୍ଷରୁ ଅଧିକ ଅବଧି ନହେବା, ଓପିଏସ୍‌ସି ସୁପାରିଶ ମିଳିବା ଯାଏଁ କିମ୍ବା ଅବସର ପର୍ଯ୍ୟନ୍ତ ଯାହା ଆଗୁଆ ହେବ ସେଥିପ୍ରତି ଦୃଷ୍ଟି ରଖି କାର୍ଯ୍ୟକାରୀ ହେବ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅବସ୍ଥାପିତ ରାଜେଶ କୁମାର ଅଗ୍ରୱାଲ୍‌ଙ୍କୁ ରାଜ୍ୟ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ଅବସ୍ଥାପିତ କରାଯାଇଛି ।

କର୍ଣ୍ଣାଟକରେ ନେତା ପରିବର୍ତ୍ତନ ଚୁଡାନ୍ତ; ଡିକେ ଶିବ କୁମାର ହେବେ ମୁଖ୍ୟମନ୍ତ୍ରୀ

ବେଙ୍ଗାଲୁରୁ, ୨୭/୫(ନ୍ୟୁ.ଏ): କର୍ଣ୍ଣାଟକ ରାଜନୀତିରେ ବଡ଼ ହଟଚମଟ । ଏକ ବଡ଼ ଧରଣର ସାଙ୍ଗଠନିକ ଓ ନେତୃତ୍ୱ ପରିବର୍ତ୍ତନ ହେବାକୁ ଯାଉଛି । ଆସନ୍ତାକାଲି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ନିଜ ପଦରୁ ଇସ୍ତଫା ଦେଇପାରନ୍ତି । ତାପୂର୍ବରୁ କାଲି ସକାଳେ ସେ ନିଜ ବାସଭବନରେ କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ 'ବ୍ରେକଫାଷ୍ଟ ମିଟିଂ' ଡକାଇଛନ୍ତି । ଦିଲ୍ଲୀରେ ସାଂଗଠନିକ ଦାୟିତ୍ୱ ଏବଂ ରାଜ୍ୟସଭା ଯିବାକୁ ପ୍ରତିଶ୍ରୁତି ଦେଇ ସିଦ୍ଧାରମୈୟାଙ୍କୁ କଂଗ୍ରେସ ହାଇକମାଣ୍ଡ ରାଜି କରାଇଥିବା ଚର୍ଚ୍ଚା ହେଉଛି । ଚୁପଚାପ, ବେଶୀ ହଟଚମଟ ନକରି କର୍ଣ୍ଣାଟକରେ ବଡ଼ ପରିବର୍ତ୍ତନ କରିବାକୁ ଯାଉଛି କଂଗ୍ରେସ । ସିଦ୍ଧରମୈୟାଙ୍କୁ ଟପ୍ ପୋଷ୍ଟରୁ ହଟାଇ ଉପମୁଖ୍ୟମନ୍ତ୍ରୀ ଡିକେ ଶିବ କୁମାରଙ୍କୁ ସିଏମ କରିବାକୁ ଯୋଜନା ପ୍ରସ୍ତୁତ । ସରକାରରେ ନେତୃତ୍ୱ ପରିବର୍ତ୍ତନ ଅବକାଶ ଭିତରେ ନୂଆ ଉପମୁଖ୍ୟମନ୍ତ୍ରୀ କରିବା ନେଇ ମଧ୍ୟ ପ୍ରସ୍ତୁତି ଚାଲିଥିବା ସୂଚନା ମିଳୁଛି । ଦଳିତ, ଓବିସି, ଲିଙ୍ଗାୟତ ଏବଂ ଅଲ୍ପସଂଖ୍ୟକ ଗୋଷ୍ଠୀରୁ ଜଣେ ଜଣେ ନେତାଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ଦିଆଯାଇପାରେ । ତେବେ ଆସନ୍ତାକାଲି ସବୁ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡିବାକୁ ଯାଉଛି । ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଉପମୁଖ୍ୟମନ୍ତ୍ରୀ ଡିକେ ଶିବ କୁମାର ବ୍ରେକ୍ ଫାଷ୍ଟ ମିଟିଂ କରିବେ । ପରେ ପରେ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ରାଜନୀତିର ଚିତ୍ର ସ୍ପଷ୍ଟ କରିବେ । ୨୦୨୮ ନିର୍ବାଚନକୁ ଆଖିରେ ରଖି ରାଜ୍ୟରେ ନୂଆ ଆରମ୍ଭ କରିବାକୁ ଯାଉଛି କଂଗ୍ରେସ । ସିଦ୍ଧରମୈୟାଙ୍କୁ ମଧ୍ୟ ଅସନ୍ତୁଷ୍ଟ କରିବାକୁ ଚାହୁଁନି ଦଳ । କାରଣ ତାଙ୍କ ପାଖରେ ୫୦ରୁ ୬୦ ବିଧାୟକଙ୍କ ସମର୍ଥନ ଥିବା ଚର୍ଚ୍ଚା ହେଉଛି ।

ପିନାରାଇ ବିଜୟନଙ୍କ ଘର ବାହାରେ ଇଡି ଅଧିକାରୀଙ୍କ ଉପରେ ଆକ୍ରମଣ

ଥିରୁଅନନ୍ତପୁରମ୍, ୨୭/୫(ନ୍ୟୁ.ଏ): କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କ ବାସଭବନ ବାହାରେ ଇଡି ଅଧିକାରୀଙ୍କୁ ଆକ୍ରମଣ । ବିଜୟନଙ୍କ ଥିରୁଅନନ୍ତପୁରମ୍ ସ୍ଥିତ ବାସଭବନରୁ ବାହାରିବା ମାତ୍ରେ ଇଡି ଅଧିକାରୀଙ୍କ ଉପରେ ସିପିଆଇଏମ୍ କର୍ମୀମାନେ ଇଟା-ପଥର ମାଡ କରିଥିଲେ । ତାଙ୍କ ଗାଡିକୁ ଟାର୍ଗେଟ କରି ଇଟା ଏବଂ ପଥର ମାଡ କରି କାଚ ଭାଙ୍ଗି ଦେଇଥିଲେ । ବୁଧବାର ସକାଳେ ପିନାରାଇ ବିଜୟନଙ୍କ ବହୁ ଠିକଣା ଉପରେ ଯେତେବେଳେ ଇଡି ଚଢାଉ କରିଥିଲା ସେତେବେଳେ ଏହି ଆକ୍ରମଣ ଶିକାର ହୋଇଥିଲା । ଟିମ୍ ମଧ୍ୟାହ୍ନ ପରେ ବିଜୟନଙ୍କ ବାସଭବନରୁ ବାହାରିବା ମାତ୍ରେ ସେଠାରେ ଥିବା ଦଳୀୟ କର୍ମୀ ଓ ବିଜୟନଙ୍କ ସମର୍ଥକ ଇଡି ଅଧିକାରୀଙ୍କ ଗାଡିକୁ ଘେରିବା ସହ ନାରାବାଜି କରିଥିଲେ । ସ୍ଥିତି ସମ୍ଭାଳିବା ପାଇଁ ଦଳର ବରିଷ୍ଠ ନେତା ଓ ସ୍ଥାନୀୟ ପଦାଧିକାରୀ ସମର୍ଥକଙ୍କୁ ଶାନ୍ତ କରିଥିଲେ । ବହୁ ସମୟ ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା ପ୍ରବଳ ଉତେଜନା । ଇଡି ଅଧିକାରୀଙ୍କୁ ଠେଲାପେଲା ଏବଂ ଧକ୍କା ମରାମରି ହୋଇଥିବାର ଅଭିଯୋଗ ହୋଇଛି । କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ବର୍ତ୍ତମାନର ବିରୋଧି ଦଳ ନେତା ପିନାରାଇ ବିଜୟନଙ୍କ ଘର ବାହାରେ ଇଡିର କାର୍ଯ୍ୟାନୁଷ୍ଠାନକୁ ନେଇ ରାଜନୈତିକ ବିବାଦ ସୃଷ୍ଟି ହୋଇଛି । ଏହି ମାମଲାରେ ସିପିଆଇଏମ୍ ମହାସଚିବ ଏମ୍‌ଏ ବେବି କେନ୍ଦ୍ର ସରକାର ଓ ଇଡିକୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି, ଏହି ପୁରା କାର୍ଯ୍ୟାନୁଷ୍ଠାନ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ବିରୋଧୀ ନେତାମାନଙ୍କୁ ଟାର୍ଗେଟ କରିବାର ଏକ ରଣନୀତିର ଅଂଶ । ବୁଧବାର ଇଡି କେରଳର ୧୦ ଟି ସ୍ଥାନରେ ଚଢାଉ କରିଥିଲା । ଏଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ କେରଳ ବିଧାନସଭାର ବିରୋଧୀ ଦଳ ନେତା ପିନାରାଇ ବିଜୟନ ଏବଂ ତାଙ୍କ ଝିଅ ବୀଣା ବିଜୟନଙ୍କ ବାସଭବନ ମଧ୍ୟ ଅନ୍ତର୍ଭୁକ୍ତ । ରିପୋର୍ଟ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ପିନାରାଇ ବିଜୟନଙ୍କ ଝିଅ ଏବଂ ତାଙ୍କ କମ୍ପାନୀ, ଏକ୍ସାଲୋଜିକ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ ସହିତ ଜଡିତ ଏକ କଥିତ ମନି ଲଣ୍ଡରିଂ ମାମଲା ସହିତ ଜଡିତ ଥିଲା । ଏହି ମାମଲାଟି କୋଚିନ କୋଚି ମିନେରାଲ୍ସ ଆଣ୍ଡ ରୁଟାଇଲ୍ ଲିମିଟେଡ୍ ସହିତ ଦେୟ ଏବଂ ଆର୍ଥିକ ଅନିୟମିତତା ସହିତ ଜଡିତ । ଏହି ଚଢାଉ ଏପ୍ରିଲ ୨୦୨୫ ରେ ସିରିୟସ୍ ଫ୍ରଡ୍ ଇନଭେଷ୍ଟିଗେସନ୍ ଅଫିସ୍ ଦ୍ୱାରା ଦାଖଲ କରାଯାଇଥିବା ଏକ ଚାର୍ଜସିଟ୍ ଉପରେ ଆଧାରିତ ।

ସତ୍ୟମେବ ଜୟତେ

ପବିତ୍ର ଇଦ୍-ଉଲ୍-ଜୁହା-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଜୁହା-୨୦୨୬ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR - 15001/15001/2/26-27/0046

15001/46/2627

ଇଦ୍-ଉଲ୍-ଜୁହା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ଉପଲକ୍ଷେ ରାଜ୍ୟବାସୀ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ନବରଙ୍ଗପୁର ଜିଲ୍ଲାର କ୍ରୀଡ଼ାବିତ୍ ମାନଙ୍କ ପାଇଁ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ଆବେଦନ

ନବରଙ୍ଗପୁର: ୨୭/୦୫(ଆ.ପ୍ର): ୨୦୨୫ ବର୍ଷ ପାଇଁ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ନିମନ୍ତେ ଆବେଦନ/ନାମାଙ୍କନ ଆହ୍ୱାନ କରାଯାଇଛି । କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ୨୦୨୫ ବର୍ଷ ପାଇଁ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ପ୍ରଦାନ କରାଯିବ । ଏହି ପୁରସ୍କାର ନିମନ୍ତେ ଯୋଗ୍ୟ ବ୍ୟକ୍ତି /ସଂସ୍ଥାଙ୍କଠାରୁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟମରେ ଆବେଦନ/ନାମାଙ୍କନ ଆହ୍ୱାନ କରାଯାଇଛି । ଜିଲ୍ଲାପାଳ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟ ପକ୍ଷରୁ ଉପଜିଲ୍ଲାପାଳ, ସମସ୍ତ ତହସିଲଦାର, ବିଡିଓ, ପୌର ନିର୍ବାହୀ ଅଧିକାରୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା କ୍ରୀଡା ସଂଘର ସଚିବଙ୍କୁ ଏହି ସୂଚନାର ବ୍ୟାପକ ପ୍ରଚାର ପାଇଁ ଅନୁରୋଧ କରାଯାଇଛି, ଯାହାଦ୍ୱାରା ଯୋଗ୍ୟ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ କ୍ରୀଡ଼ା ସଂଗଠକମାନେ ଆବେଦନ କରିପାରିବେ । ଏହି କ୍ରୀଡ଼ା ପୁରସ୍କାର ୮ଟି ବର୍ଗରେ ପ୍ରଦାନ କରାଯିବ : କ୍ରୀଡ଼ା ଓ ଖେଳର ପ୍ରଚାର ପ୍ରସାରରେ ଆଜୀବନ ସାଧନା ପାଇଁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର, ବର୍ଷର ଉତ୍କୃଷ୍ଟ କ୍ରୀଡ଼ା ପ୍ରଦର୍ଶନ ପାଇଁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର, ପ୍ରଶିକ୍ଷଣରେ ଉତ୍କର୍ଷତା ପାଇଁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର, କ୍ରୀଡ଼ା ପ୍ରଚାର ପ୍ରସାରରେ ଶ୍ରେଷ୍ଠ ଅବଦାନ ପାଇଁ ପୁରସ୍କାର, କ୍ରୀଡ଼ା ସାମ୍ବାଦିକତାରେ ଉତ୍କର୍ଷତା ପାଇଁ ପୁରସ୍କାର, ବର୍ଷର ଶ୍ରେଷ୍ଠ ପାରା-କ୍ରୀଡ଼ାବିତ୍ ପୁରସ୍କାର, ବର୍ଷର ଶ୍ରେଷ୍ଠ ଉଦୀୟମାନ ଜୁନିଅର ଆଥଲେଟ୍ ପୁରସ୍କାର, ବର୍ଷର ଶ୍ରେଷ୍ଠ କ୍ରୀଡ଼ା ବୈଷୟିକ ଅଧିକାରୀ/ସହାୟକ କର୍ମଚାରୀ ପୁରସ୍କାର ଏଭଳି ପୁରସ୍କାର ବିତରଣ କରାଯିବ । ଏଣୁ ଜିଲ୍ଲାର ଯୋଗ୍ୟ କ୍ରୀଡ଼ାବିତ୍ ମାନଙ୍କୁ ବିଭିନ୍ନ ବର୍ଗରେ ଆବେଦନ କରିବାକୁ ଅନୁରୋଧ କରାଯାଉଛି । https://sports.odisha.gov.in ୱେବ୍ ସାଇଟ୍‌ରେ ନିର୍ଦ୍ଧାରିତ ଫର୍ମ ରେ ଆବେଦନ କରିପାରିବେ । ଏହି ଆବେଦନର ଶେଷ ତାରିଖ ୧୦.୬.୨୦୨୬ ପର୍ଯ୍ୟନ୍ତ ରହିଛି ।

ଠାକୁରାଣୀଙ୍କ ଜାଗାରୁ ମାଟି ଉଠିବାକୁ ନେଇ ଉତେଜନା

ନିମାପଡ଼ା, ୨୭/୦୫ (ଆ.ପ୍ର) : ନିମାପଡ଼ା ଥାନା ଅନ୍ତର୍ଗତ ଅରିଲୋ ଗ୍ରାମର ଠାକୁରାଣୀଙ୍କ ଜମିରୁ ଗତ ରାତିରେ ସାଲବେଗ ଜେନା ଓ ତାଙ୍କ ପୁଅ ଗ୍ରାମକମିଟିର ବିନା ଅନୁମତିରେ ମାଟି ଖୋଳି ନେଇ ଯାଉଥିବା ଗ୍ରାମ କମିଟି ସଂପାଦକ ପବିତ୍ର ବେହେରା ଅଭିଯୋଗ ପାଇ ଘଟଣାସ୍ଥଳକୁ ଯାଇ ପ୍ରତିବାଦ କରିଥିଲେ । ମାଟି ଉଠାଉଥିବା ବ୍ୟକ୍ତି ସାଲବେଗ ଜେନା ଏବଂ ସଂପାଦକ ପବିତ୍ର ବେହେରାଙ୍କ ମଧ୍ୟରେ କଥା କଟାକଟି ହୋଇ ଶେଷରେ ଉଭୟ ଉଭୟଙ୍କୁ ଆକ୍ରମଣ ପ୍ରତି ଆକ୍ରମଣ କରିଥିବା ଉଭୟ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି । ଏହି ଆକ୍ରମଣ ଘଟଣାରେ ସାଲବେଗ ଜେନା ଆହତ ହୋଇଥିବା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ ନ କରି ଗ୍ରାମ କମିଟି ସଂପାଦକ ପବିତ୍ର ବେହେରାଙ୍କୁ ଥାନାରେ ଅଟକ ରଖିଥିଲା । ଏହି ଖବର ଅରିଲୋ ରେ ପହଂଚିବା ପରେ ଗ୍ରାମର ଶତାଧିକ ମହିଳା, ପୁରୁଷ ସଂପାଦକଙ୍କୁ ପୁଲିସ ଅନ୍ୟାୟ ଭାବେ ଅଟକ ରଖିଥିବା ଅଭିଯୋଗ କରି ଥାନା ସମ୍ମୁଖରେ ଧାରଣାରେ ବସିଥିଲେ । ଘଟଣାର ନିରପେକ୍ଷ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ମାନେ ଧାରଣାରୁ ଉଠିଥିଲେ । ଏହି ଘଟଣାକୁ ନେଇ ଗ୍ରାମରେ ଉତେଜନା ପ୍ରକାଶ ପାଇଛି । ପୋଲିସର ନିଷ୍କ୍ରିୟତା ଯୋଗୁଁ ଗ୍ରାମବାସୀ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପୁରୀ ଜିଲ୍ଲା ଏସ ପି ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

ଉପଖଣ୍ଡ ସ୍ତରୀୟ ଭୋଟର ସହାୟତା କେନ୍ଦ୍ର ଉଦଘାଟିତ : ସଠିକ୍ ତଥ୍ୟ ପ୍ରଦାନ କରିବା ପାଇଁ ଗୁରୁତ୍ୱାରୋପ

ବାଲିଗୁଡ଼ା, ୨୭/୦୫ (ଆ.ପ୍ର) : ଚଳିତ ମାସ ମଇ ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ' (SIR) କାର୍ଯ୍ୟକ୍ରମର ସୁପରିଚାଳନା ନେଇ ବୁଧବାର ଦିନ ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରଣିତା ଦାଶଙ୍କ ଅଧ୍ୟକ୍ଷତାରେ ଏକ ଉପଖଣ୍ଡ ସ୍ତରୀୟ ସହାୟତା କେନ୍ଦ୍ର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଖୋଲା ଯାଇଛି । ସହାୟତା କେନ୍ଦ୍ର ବିଷୟରେ ଉପଜିଲ୍ଲାପାଳ ପ୍ରଣିତା ଦାଶ କହିଛନ୍ତି ଯେ, ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟାକୁ ସରଳୀ କରଣ କରାଯିବ । ସଂଶୋଧନ କାର୍ଯ୍ୟରେ ୮୨ନଂ. ବାଲିଗୁଡା ନିର୍ବାଚନୀ ମଣ୍ଡଳୀରେ ୧୭୮ଜଣ ଏବଂ ୮୩ ନଂ.ଜି.ଉଦୟଗିରି ନିର୍ବାଚନୀ ମଣ୍ଡଳୀରେ ୨୫୩ଜଣ ବିଏଲଓ ଏସଆଇଆର ସମ୍ବନ୍ଧୀୟ କାର୍ଯ୍ୟରେ ନିୟୋଜିତ କରାଯାଇଛି । ଭୋଟର ତାଲିକା ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ ସମସ୍ତ ଗଣନା ଫର୍ମ ସ୍ଥାନୀୟ ଓଡ଼ିଆ ଭାଷାରେ ଉପଲବ୍ଧ ହେବ, ଯାହାଦ୍ୱାରା ଗ୍ରାମାଂଚଳର ସାଧାରଣ ଲୋକେ ଏହାକୁ ସହଜରେ ବୁଝିପାରିବେ । ଘରକୁ ଘର ବୁଲି ହେବାକୁ ଥିବା ଗଣନା କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ସଚେତନ କରାଯିବ, ଯେପରି ସେମାନେ ନିଜ ସଠିକ୍ ତଥ୍ୟ ପ୍ରଦାନ କରିବେ । ଏହି ଅଭିଯାନରେ କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନ ପଡନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏସ ଆଇ ଆର ସମୟରେ ବିଏଲଓ ମାନେ ଘରକୁ ଘର ବୁଲି ସର୍ଭେ ପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଓ ତ୍ରୁଟିହୀନ ମୁକ୍ତ କରିବା ପାଇଁ ସମସ୍ତ ବ୍ଲକ୍ ସ୍ତରୀୟ ଅଧିକାରୀଙ୍କୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜନସାଧାରଣଙ୍କ ସହାୟତା ପାଇଁ ୧୯୫୦ ଟୋଲ୍ ଫ୍ରି ନିର୍ବାଚନ ହେଲ୍ପଲାଇନ ନମ୍ବର ବ୍ୟାପକ ପ୍ରଚାର କରାଯିବ । ଏହି ନମ୍ବର ଜରିଆରେ ନାଗରିକ ମାନେ ଭୋଟର ତାଲିକା ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ ଏବଂ ନିଜ ଅଂଚଳର ବିଏଲଓଙ୍କ ସହ ଆଲୋଚନା ପାଇଁ 'ବୁକ ଏ କଲ' ମଧ୍ୟ କରିପାରିବେ । ଭୋଟର ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଅନୁରୋଧ କରାଯାଇଛି ।

ମାଧବ ଚରଣ ପୁହାଣ ଛତା, ଗାମୁଛା ଓ ପାଣି ବୋତଲ ବଂଟନ କଲେ

ବାସୁଦେବପୁର, ୨୭/୦୫ (ଆ.ପ୍ର) : ମାନବ ସେବା ହିଁ ମାଧବ ସେବା । ଏହି ଉକ୍ତିକୁ ସାର୍ଥକ କରି ଭଦ୍ରକ ଜିଲ୍ଲା ବାସୁଦେବପୁରର ସମାଜସେବୀ ମାଧବ ଚରଣ ପୁହାଣ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ପାଳନ କରିବା ପରେ ଏବେ ସେ ନିଜକୁ ସମାଜସେବାରେ ସମର୍ପିତ କରିଦେଇଛନ୍ତି । ଆଜି ବାସୁଦେବପୁର ବଜାରରେ ସମାଜସେବୀ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାଧବ ଚରଣ ପୁହାଣ ଟାଣ ଖରାରେ ଯାଉଥିବା ବୟସ୍କ ମହିଳା ଓ ପୁରୁଷମାନଙ୍କୁ ଛତା, ଗାମୁଛା ଓ ପାଣି ବୋତଲ ବଂଟନ କରିଛନ୍ତି । ତାଙ୍କର ଏହି ମାନବିକ କାର୍ଯ୍ୟକୁ ସାଧାରଣ ଲୋକ ଓ ବୁଦ୍ଧିଜୀବୀ ମହଲରେ ଭୂରିଭୂରି ପ୍ରଶଂସା କରାଯାଇଛି । ଆଜିର ଆଧୁନିକ ସମାଜରେ ମାନବିକତା ଏବେ ମଧ୍ୟ ବଂଚି ରହିଛି । "ମାନବ ସେବା ହିଁ ମାଧବ ସେବା"କୁ ଆପଣାଇ ପ୍ରତିମାସର ଶେଷ ତାରିଖରେ ଗରିବ ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିଆସୁଛନ୍ତି ବାସୁଦେବପୁର ବଜାରରେ ଟାଣ ଖରାରେ ଯାତାୟାତ କରୁଥିବା ବୟସ୍କ ମହିଳା ଓ ପୁରୁଷମାନଙ୍କୁ ଓ ଟୋଲି ଚାଳକ, ହକର ମାନଙ୍କୁ ଛତା, ଗାମୁଛା ଓ ପାଣି ବୋତଲ ବଂଟନ କରିଥିଲେ । ଏହି ସେବାମୂଳକ କାର୍ଯ୍ୟକୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଖୁସିର ଲହରୀ ଦେଖାଦେଇଥିବା ବେଳେ ବିଭିନ୍ନ ବୁଦ୍ଧିଜୀବୀ ମହଲରେ ମଧ୍ୟ ତାଙ୍କର ଉଚ୍ଚ ପ୍ରଶଂସା କରାଯାଇଛି ।

ଶ୍ରୀପୁରୁଷୋତ୍ତମ ଏକାଦଶୀରେ ଶ୍ରୀଗୀତଗୋବିନ୍ଦ ଆସର

ନିମାପଡା, ୨୭/୦୫ (ଆ.ପ୍ର) : ଚଳିତ ଶ୍ରୀ ପୁରୁଷୋତ୍ତମ ମାସର ଶୁକ୍ଳ ପକ୍ଷ ଶ୍ରୀ ପୁରୁଷୋତ୍ତମ ଏକାଦଶୀ ପାଳନ ଅବସରରେ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ଦ୍ୱାରା ପବିତ୍ର ପ୍ରାଚୀ ନଦୀ ତଟ ପଦ୍ମ ସଖଚ ପୀଠରେ ଶ୍ରୀ ଗୀତ ଗୋବିନ୍ଦ ଆସର ପ୍ରକୃତି ବନ୍ଧୁ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଚୀ ଆଳତୀ ପରେ ପରେ ଦେବ ସୁନୀରେ ସାମୁହିକ ଶ୍ରୀ ଗୀତ ଗୋବିନ୍ଦ ଗାୟନ ସହ ରାଷ୍ଟ୍ର ଗୀତ ବନ୍ଦେ ମାତରଂ ଓ ବିଷ୍ଣୁ ସହସ୍ର ନାମ ଗାୟନ କରାଯାଇଥିଲା । ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ଠାରୁ ସମସ୍ତେ ପ୍ରାଚୀ ମାହାତ୍ମ୍ୟ ଶ୍ରୀ ପୁରୁଷୋତ୍ତମ ମାସ ମାହାତ୍ମ୍ୟ ଓ ଶ୍ରୀ ପୁରୁଷୋତ୍ତମ ଏକାଦଶୀ ମାହାତ୍ମ୍ୟ ଶ୍ରବଣ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ ଡ଼ଃ ସନ୍ତୋଷ କୁମାର ମିଶ୍ରଙ୍କ ସହ ପ୍ରାଚୀ ମଣ୍ଡଳ ନାବାର୍ଡ କୃଷକ କ୍ଲବ ମହାସଂଘର ସଭାପତି ରାଧାଶ୍ୟାମ ପ୍ରଧାନ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାପକ ପଣ୍ଡିତ ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ନିଜେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଅଧି ମାସକୁ ଶ୍ରୀ ପୁରୁଷୋତ୍ତମ ମାସ ନାମ ପ୍ରଦାନ କରି ଥିବା କହିଥିଲେ । ଏ ମାସରେ କରା ଯାଉଥିବା ପୂର୍ଣ୍ୟ ଫଳ ସହସ୍ର ଗୁଣରେ ଭକ୍ତଙ୍କୁ ମିଳୁ ଥିବାରୁ ଦେବ ସୁନୀରେ ଦାନ ଧର୍ମ ଦେବ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଲାଗିଥିଲା....

ମୋମେଟ୍ ଦାଟ୍ ଚେଞ୍ଜ ଏଭିରିଥିଙ୍ଗ୍ ପୁସ୍ତକ ଶୁଭ ଉନ୍ମୋଚନ

ବାସୁଦେବପୁର, ୨୭/୦୫ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର ନୀଳମଣି ଟାଉନ ହଲ୍ ଠାରେ "ମୋମେଟ୍ ଦାଟ୍ ଚେଞ୍ଜ ଏଭିରିଥିଙ୍ଗ୍" ପୁସ୍ତକର ଶୁଭ ଉନ୍ମୋଚନ ଉତ୍ସବ ଆଡମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି । ଯୁବ ଲେଖିକା ଜସ୍ମିନ୍ ଜ୍ୟୋତି ବେହେରାଙ୍କ ଲିଖିତ ଏହି ପୁସ୍ତକକୁ ବିଭିନ୍ନ ବିଶିଷ୍ଟ ଅତିଥିମାନେ ଉନ୍ମୋଚନ କରିଥିଲେ । ବାସୁଦେବପୁର ନୀଳମଣି ଟାଉନ ହଲ୍ ପରିସରରେ ଆୟୋଜିତ "ମୋମେଟ୍ ଦାଟ୍ ଚେଞ୍ଜ ଏଭିରିଥିଙ୍ଗ୍" ପୁସ୍ତକ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ୍ ରାଉତରାୟ ଯୋଗଦେଇଥିଲେ । ସେହିପରି ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ପୌରାଧକ୍ଷା ନିବେଦିତା ବେହେରା, ବିଶିଷ୍ଟ ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା, ଅଭିନେତା ଅମ୍ଳାନ ଦାସ, ହାସ୍ୟ ଅଭିନେତା ପପୁ ପମ୍ ପମ୍, ଶିଳ୍ପୀ ଅଶୋକ ଓ ସମାଜସେବୀ ବୋଇଲୋଚନ ମହୋଦୟଙ୍କ ସମେତ ବହୁ ବୁଦ୍ଧିଜୀବୀ, ଆଇନଜୀବୀ, କବି ଓ ସମାଜସେବୀ ଉପସ୍ଥିତ ଥିଲେ । ଲେଖିକା ଜସ୍ମିନ୍ ଜ୍ୟୋତି ବେହେରାଙ୍କ ଏହି ପୁସ୍ତକ ଜୀବନର ପରିବର୍ତ୍ତନଶୀଳ ମୁହୂର୍ତ୍ତକୁ ଆଧାର କରି ରଚିତ ହୋଇଥିବା ବେଳେ ଉପସ୍ଥିତ ଅତିଥିମାନେ ପୁସ୍ତକଟିର ଭୂୟସୀ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡରୁ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ଉତ୍ସବକୁ ସଫଳ କରିଥିଲେ ।

ଟ୍ରକ ଓ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣେ ନିହତ ଓ ଜଣେ ଆହତ

ପାରଳାଖେମୁଣ୍ଡି, ୨୭/୦୫ (ଆ.ପ୍ର) : ଗଜପତି ଜିଲ୍ଲା ସେରଂଗ ଥାନା ଅନ୍ତର୍ଗତ ଖଜୁରିପଦା ଆଉଟ ପୋଷ୍ଟ ଅଧିନସ୍ଥ ତିତିସିଂ ଛକ ନିକଟରେ ଗୋଟିଏ ଚାଉଳ ବୁହା ଟ୍ରକ ସହ ଗୋଟିଏ ମୋଟର ସାଇକେଲ ଧକ୍କା ହେବା ଫଳରେ ମୋଟର ସାଇକେଲ ଚାଳକଙ୍କର ମୃତ୍ୟୁ ହୋଇଛି । ଲିଲି ଲିମା ଆହତ ହୋଇଛନ୍ତି । ଘଟଣାରୁ ପ୍ରକାଶ ଚାଉଳ ବୋଝେଇ ଟ୍ରକ ଗୋଷାଣି ବ୍ଲକର ଗାରାବନ୍ଧରୁ ମୋହନା ବ୍ଲକର ଲୁହାଗୁଡି ଯାଉଥିଲା । ତିତିସିଂ ଛକଠାରେ ମୋହନା ବ୍ଲକର ବାଇକରେ ଥିବା ମୋହନା ବ୍ଲକର ବିରିକୋଟର ଚନ୍ଦନ ଲିମାଙ୍କର ମୃତ୍ୟୁ ହୋଇଥିବା ବେଳେ ଲିଲି ଲୀମା ଆହତ ହୋଇଛନ୍ତି । ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇ ଥିଲା । ଗୋଟିଏ ମାମଲା ରୁଜୁ କରାଯାଇଛି ।

ମହାବିଦ୍ୟାଳୟର ଯୁକ୍ତ ଦୁଇ ଟପ୍ପର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଲେ ବିଧାୟକ

ଖଣ୍ଡପଡ଼ା, ୨୭/୦୫ (ଆ.ପ୍ର) : ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ୬ଟି ମହାବିଦ୍ୟାଳୟର ଯୁକ୍ତ ୨ କଳା, ବାଣିଜ୍ୟ ଓ ବିଜ୍ଞାନ ଶ୍ରେଣୀର ୧୧ ଜଣ ଟପ୍ପର ଛାତ୍ରଛାତ୍ରୀଙ୍କୁ ସାମ୍ବାଦିକ ସଂଘ ପକ୍ଷରୁ ରବିବାର ସ୍ୱାଗତ, ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏ ଅବସରରେ ଖଣ୍ଡପଡା ପୂର୍ତ୍ତବିଭାଗ ବଙ୍ଗଳା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ନୟାଗଡ ଜିଲ୍ଲା ସାଂସଦ ପ୍ରତିନିଧି ଗଯାଧର ପରିଡା, ଖଣ୍ଡପଡ଼ା ବ୍ଲକ ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବନିଆର ସିଂ, ଯୁବ ସମାଜସେବୀ ଚିତରଞ୍ଜନ ମିଶ୍ର, ବରିଷ୍ଠ ସାମ୍ବାଦିକ ଭବାନୀ ଶଙ୍କର ସିଂହସାମନ୍ତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଲକ୍ଷ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଚଳିତ ବର୍ଷ ଯୁକ୍ତ ୨ କଳା ପରୀକ୍ଷାରେ ସମଗ୍ର ନୟାଗଡ ଜିଲ୍ଲାସ୍ତରରେ ସର୍ବାଧିକ ୫୬୪ ନଂ ରଖିଥିବା ପଠାଣି ସାମନ୍ତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟା ଶେଫାଳିକା ମହାପାତ୍ରଙ୍କୁ ସ୍ୱତନ୍ତ୍ର ଭାବେ ଟ୍ରଫି, ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ବିଧାୟକ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ବିଜ୍ଞାନ ପରୀକ୍ଷାରେ ଟପ୍ପର ହୋଇଥିବା ପଠାଣି ସାମନ୍ତ ମହାବିଦ୍ୟାଳୟର ଛାତ୍ରୀ ତୁଳସୀ ନାୟକ, କଳା ପରୀକ୍ଷାରେ ଟପ୍ପର ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟର ଛାତ୍ରୀ ଶ୍ରାବଣୀ ପ୍ରଧାନ, କଳା ଓ ବିଜ୍ଞାନରେ ଟପ୍ପର ହୋଇଥିବା ନୀଳମାଧବ ମହାବିଦ୍ୟାଳୟର ଛାତ୍ରୀ ଶୁଭସ୍ମିତା ବେହେରା, ଦିପ୍ତିକ୍ରିଷ୍ଣା ପୃଷ୍ଟି, କଳାରେ କୁଆରପଡା ମହାବିଦ୍ୟାଳୟର ଛାତ୍ର ଅଭିଷେକ ନାୟକ, କଳାରେ ଭାପୁର ଆଂଚଳିକ ମହାବିଦ୍ୟାଳୟର ଛାତ୍ର ଟିଂକୁ ଖୁଂଟିଆ, ବାଣିଜ୍ୟ ଓ ବିଜ୍ଞାନରେ ଟପ୍ପର ହୋଇଥିବା ପ୍ରହଲ୍ଲାଦ ମହାବିଦ୍ୟାଳୟ ପଦ୍ମାବତୀର ଛାତ୍ରୀ ସାଇସ୍ମିତା ସାହୁ ଓ ଫିଜର୍ଲି ମଲ୍ଲିକଙ୍କ ସମେତ ବିଜ୍ଞାନରେ ଟପ୍ପର ହୋଇଥିବା ନୟାଗଡ ସହରସ୍ଥିତ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ଛାତ୍ରୀ ସ୍ମୃତିକିରଣ ଦାଶଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଛାତ୍ର ରାଜେଶ ବିଶୋଇ ଓ ଗାଇଡ ଶିକ୍ଷକ ଧନେଶ୍ୱର ମଲ୍ଲିକଙ୍କୁ ମଧ୍ୟ ଏ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ଆଇନଜୀବୀ ହରିଶ୍ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ଅଧାପକ ଅଜିତ କୁମାର ବସନ୍ତରାୟଙ୍କ ସମେତ ସମସ୍ତ ସାମ୍ବାଦିକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

ମତ୍ସ୍ୟ ଯୋଜନାରେ ଅଗ୍ରଗତି, ଜୀବିକା ସୁଦୃଢ଼ କରିବାକୁ ଜିଲ୍ଲା ପ୍ରଶାସନର ଗୁରୁତ୍ୱ

ନୂଆପଡା, ୨୭/୦୫ (ଆ.ପ୍ର) : ନୂଆପଡା ଜିଲ୍ଲାରେ ମତ୍ସ୍ୟ ବିଭାଗର କାର୍ଯ୍ୟକଳାପକୁ ଆହୁରି ସୁଦୃଢ଼ କରିବା ସହ ଗ୍ରାମୀଣ ଜୀବିକାକୁ ମଜବୁତ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ବିଭାଗ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଡିପିସି (ମିଶନ ଶକ୍ତି) ସୁନୀଲ କୁମାର ମଲ୍ଲିକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁଙ୍କ ସହ ସମସ୍ତ ବ୍ଲକ ସ୍ତରୀୟ ମତ୍ସ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷର ଯୋଜନାଭିତ୍ତିକ ଅଗ୍ରଗତି ସମୀକ୍ଷା କରାଯାଇଥିଲା । ମତ୍ସ୍ୟ ପୋଖରୀ ଯୋଜନା (ଗଠଣ) କମ୍ପୋନେଂଟ-୧ ଅଧୀନରେ ୨୧୬ ହେକ୍ଟର ଲକ୍ଷ୍ୟ ମଧ୍ୟରୁ ୩୦.୨୦ ହେକ୍ଟର ପାଇଁ ୪୭ଟି ଗୋ-ଅହେଡ୍ ଜାରି ହୋଇଛି । ଏଥିରୁ ୨୬ଟି ପ୍ରକଳ୍ପରେ ୧୯ ହେକ୍ଟର କାର୍ଯ୍ୟ ସମ୍ପାଦନ ହୋଇଛି । ସେହିପରି କମ୍ପୋନେଂଟ-୨ ଅଧୀନରେ ୪୫ ହେକ୍ଟର ଲକ୍ଷ୍ୟ ମଧ୍ୟରୁ ୪୦.୭୬ ହେକ୍ଟର ପାଇଁ ୪୫ଟି ଅନୁମୋଦନ ଜାରି ହୋଇଥିବା ବେଳେ ୩୮ଟି ପ୍ରକଳ୍ପରେ ୩୭.୮୦ ହେକ୍ଟର କାର୍ଯ୍ୟ ସମ୍ପାଦନ ହୋଇଛି । ଏହାସହ ବାୟୋ-ଫ୍ଲକ୍ ଯୋଜନାରେ ୧୨୨ଟି ଟ୍ୟାଙ୍କ ପାଇଁ ଅନୁମୋଦନ ଜାରି ହୋଇଥିବା ବେଳେ ୬୬ଟି ଟ୍ୟାଙ୍କ କାର୍ଯ୍ୟକ୍ଷମ ହୋଇଛି । ଇନପୁଟ୍ ଆସିଷ୍ଟାନ୍ସ ଯୋଜନାରେ WSHG-୧ ଅଧୀନରେ ୧୨୦.୯୦ ହେକ୍ଟର, WSHG-୨ ରେ ୭୫ ହେକ୍ଟର ଏବଂ WSHG-୩ ରେ ୧୦୬ ହେକ୍ଟର କାର୍ଯ୍ୟ ସମ୍ପାଦନ ହୋଇଥିବା ସୂଚନା ଦିଆଯାଇଥିଲା । ଜିଲ୍ଲାପାଳ ମତ୍ସ୍ୟ ଚାଷକୁ ସ୍ଥାୟୀ ଜୀବିକାର ମାଧ୍ୟମ ଭାବେ ଗଢ଼ି ତୋଳିବା ସହ ଜିଲ୍ଲାରୁ ପ୍ରବାସ କମାଇବା ଦିଗରେ ଆହୁରି ସକ୍ରିୟ ଭାବେ କାମ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ କାର୍ଲାକୋଟ ଗ୍ରାମପଂଚାୟତର ସଫଳ ମତ୍ସ୍ୟ ଚାଷୀ ରମାକାନ୍ତ ବେହେରାଙ୍କ ସଫଳତା କାହାଣୀ ଉପସ୍ଥାପନ କରାଯାଇଥିଲା । ଶ୍ରବଣ କ୍ଷମତା କମ୍ ଥିବା ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ସେ ୨୦୨୫-୨୬ ମସିହାରେ ମତ୍ସ୍ୟ ପୋଖରୀ ଯୋଜନା (ଗଠଣ) କମ୍ପୋନେଂଟ-୨ ଅଧୀନରେ ମାଛଚାଷ କରି ୨୮୦୦ କିଲୋଗ୍ରାମ ମାଛ ଉତ୍ପାଦନ କରିଥିଲେ । ଏଥିରୁ ପ୍ରାୟ ୫.୫୦ ଲକ୍ଷ ଟଙ୍କା ଆୟ ହେଉଥିବା ବେଳେ ବାର୍ଷିକ ୨.୫୦ରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭ ମିଳୁଥିବା ସୂଚନା ଦିଆଯାଇଥିଲା । ତାଙ୍କ ସଫଳତା ଅନ୍ୟ ମତ୍ସ୍ୟ ଚାଷୀଙ୍କ ପାଇଁ ପ୍ରେରଣାଦାୟକ ବୋଲି ଜିଲ୍ଲାପାଳ କହିଥିଲେ ।

ପ୍ରଖ୍ୟାତ ଜାତୀୟତାବାଦୀ ନାଟ୍ୟକାର ପରଶୁରାମ ହରିଚନ୍ଦନଙ୍କ ରାଜ୍ୟ ସ୍ତରୀୟ ଶ୍ରାଦ୍ଧୋତ୍ସବ ଜନ୍ମମାଟି ବାଣପୁର ଗମ୍ଭରୀମୁଣ୍ଡାରେ ଦିଆଗଲା ଅଶେଷ ଶ୍ରଦ୍ଧାଞ୍ଜଳି

ଚିଲିକା/ବାଣପୁର, ୨୭/୦୫(ଆ.ପ୍ର): ଖୋର୍ଦ୍ଧା ଜିଲ୍ଲା ବାଣପୁର ମାଟିର ଅନନ୍ୟ ସାରସ୍ୱତ ସାଧକ, ବିଶିଷ୍ଟ ଗାନ୍ଧିବାଦୀ, ଅଗ୍ରଗଣ୍ୟ ସମାଜସେବୀ, ସ୍ୱନାମଧନ୍ୟ ନାଟ୍ୟକାର ପରଶୁରାମ ହରିଚନ୍ଦନଙ୍କ ୪୯ତମ ଶ୍ରାଦ୍ଧୋତ୍ସବ ଜନ୍ମମାଟି ଗମ୍ଭାରୀମୁଣ୍ଡା ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପରଶୁରାମ ହରିଚନ୍ଦନ ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ଏବଂ ଚିଲିକା ସାହିତ୍ୟ ସମାଜର ପୂର୍ଣ୍ଣ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ବର୍ଷୀୟାନ୍ ଶିକ୍ଷାବିତ ଗୋଲକବିହାରୀ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ଓଡ଼ିଶାର ପ୍ରଖ୍ୟାତ ନାଟ୍ୟକାର, ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପୂର୍ବତନ ପ୍ରମୁଖ ପ୍ରଫେସର୍ ଡ଼ଃ ବିଜୟ କୁମାର ଶତପଥୀ ମୁଖ୍ୟ ଅତିଥି, 'ବିଶ୍ୱମୁକ୍ତି' ସାହିତ୍ୟ ପତ୍ରିକାର ସଂପାଦକ କବି ପ୍ରଫେସର ଶଶାଙ୍କ ଚୂଡାମଣି ବିଶିଷ୍ଟ ଅତିଥି, ନାରୁଣୀ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରାକ୍ତନ ପ୍ରମୁଖ ଗବେଷକ ଡକ୍ଟର ସତ୍ୟ ଷଡ଼ଙ୍ଗୀ ମୁଖ୍ୟବକ୍ତା, ପରଶୁରାମ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମରାଜ ପ୍ରଧାନ, ଓଡ଼ିଶା ସାହିତ୍ୟ ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆନ ସିଂହ, ଚିଲିକା ମଣ୍ଡଳର ପୂର୍ବତନ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ ଓ ଚିଲିକା ସାହିତ୍ୟ ସମାଜର ସଭାପତି କବି ବାଳ ମୁକୁନ୍ଦ ଦାସ ସମ୍ମାନନୀୟ ଅତିଥି ଭାବରେ ଯୋଗ ଦେଇ ନାଟ୍ୟକାର ପରଶୁରାମ ହରିଚନ୍ଦନଙ୍କ ସାରସ୍ୱତ ସାଧନା ଓ ସମାଜସେବା ସଂପର୍କରେ ଦୀର୍ଘାୟତ ଭାଷଣ ପ୍ରଦାନ କରି ତାଙ୍କ ରଚିତ ବିପ୍ଳବୀ କୃତିବାସ, ଛିନ୍ନାଙ୍ଗୀ, ଅଭିଶପ୍ତ ଦୁର୍ଗ ଏବଂ କପିଳେନ୍ଦ୍ର ଦେବ ପରି ଜାତୀୟତାବାଦୀ ନାଟକ ପରାଧୀନ ଭାରତବର୍ଷର ଯୁବ ବର୍ଗଙ୍କୁ କିପରି ଫିରିଙ୍ଗି ବିରୁଦ୍ଧରେ ଲଢ଼େଇ କରି ଭାରତ ମାତାକୁ ସ୍ୱାଧୀନ କରିବା ନିମନ୍ତେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ କରିବାକୁ ଅସୀମ ପ୍ରେରଣା ଯୋଗାଇ ଦେଇଥିଲା ସେ ସଂପର୍କରେ ପୁଙ୍ଖାନୁପୁଙ୍ଖ ମନ୍ତବ୍ୟ ପ୍ରଦାନ କରି ଓଡ଼ିଆ ଭାଷା ସାହିତ୍ୟ ଭଣ୍ଡାରକୁ ଋଦ୍ଧିମନ୍ତ କରିଥିବା ତାଙ୍କ ରଚିତ କାଳଜୟୀ ଏହି ସବୁ ନାଟକ ଯୁଗଯୁଗ ଧରି ଏ ଜାତିକୁ ମୁକ୍ତିର ମାର୍ଗପ୍ରଦର୍ଶନ କରୁଥିବ ବୋଲି ପ୍ରକାଶ କରି ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସତ୍ୟବାଦୀ ଓଡ଼ିଆ ଭାଷା ସାହିତ୍ୟ ବିଶ୍ୱବିଦ୍ୟାଳୟର ଅଧାପିକା ଡ଼ଃ ସର୍ମିଷ୍ଠା ମହାପାତ୍ର ଏହି ସଭାକୁ ସଂଯୋଜନା କରିଥିବା ବେଳେ ପୂର୍ବତନ ବିଧାୟକ ଡ଼ା. ବିଭୂତି ଭୂଷଣ ହରିଚନ୍ଦନ, ସାହିତ୍ୟ ପ୍ରାଣ ସମାଜସେବୀ ଦୁଷ୍ମନ୍ତ କୁମାର ହରିଚନ୍ଦନ, ଶିକ୍ଷାବିତ୍ ଦୁର୍ଗାପ୍ରସାଦ ମହାରଣା, ନାଟ୍ୟକାର ଭିକାରୀ ଚରଣ ପ୍ରଧାନ, ନାଟ୍ୟ ଗୌରବ ମହେଶ୍ୱର ଜେନା, ଶିକ୍ଷାବିତ୍ ଗଙ୍ଗାଧର ପ୍ରଧାନ, ଶିଶିର କୁମାର ଦାସ, ରଙ୍ଗନାଥ ସେଠୀ, ଗୋଲକ ବିହାରୀ ପରୀଡ଼ା, ରବୀନ୍ଦ୍ରନାଥ ମାନସିଂହ, ବୈରାଗୀ ଚରଣ ବଳ, ସଂଧ୍ୟା ଦେବୀ, ବିଷ୍ଣୁପ୍ରିୟା ବାରିକ, କୈଳାସ ଚନ୍ଦ୍ର ସାମନ୍ତସିଂହାର, ନାରାୟଣ ପାଳଟାସିଂହ, ବାମନଚରଣ ଦାସ, ଭଗବାନ ପ୍ରଧାନ, ବ୍ରଜକିଶୋର ମହାପାତ୍ର, ପରଶୁରାମ ମହାବିଦ୍ୟାଳୟର ଅଧାପକ ଅଧାପିକା, ଛାତ୍ରଛାତ୍ରୀ କର୍ମଚାରୀ, ପତିତପାବନ ବାଣୀ ମନ୍ଦିରର ଶିକ୍ଷକ ଶିକ୍ଷୟିତ୍ରୀ, ସ୍ମୃତି କମିଟିର ସମସ୍ତ ସଭ୍ୟ ଏବଂ ସ୍ଥାନୀୟ ଅଂଚଳର ବହୁ ବୁଦ୍ଧିଜୀବି ଉପସ୍ଥିତ ରହି ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ହରିଚନ୍ଦନଙ୍କ ସ୍ମୃତିରେ ଓଡ଼ିଶାର ଅଗ୍ରଣୀ ସାହିତ୍ୟ ପତ୍ରିକା ବିଶ୍ୱମୁକ୍ତିର ଏକ ସ୍ୱତନ୍ତ୍ର ସଂଖ୍ୟା ଲୋକାର୍ପିତ ହୋଇଥିଲା । ସ୍ମୃତି କମିଟିର ସଂପାଦକ ବିଶିଷ୍ଟ ନାଟ୍ୟକାର ଡ଼ା. ସୁରେନ୍ଦ୍ର ନାଥ ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଗାୟକ କଳାକାର ବିରଂଚ ପରୀଡ଼ା ଓ ସାଥୀ ଭଜନ ପରିବେଷଣ କରିଥିଲେ । ଶେଷରେ ପରଶୁରାମ ମହାବିଦ୍ୟାଳୟର କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଆରମ୍ଭ

SEITHO ARAMBHA

AFFIDAVIT

By virtue of an affidavit sworn before the Executive Magistrate Simulia on dated 26th May 2026, I MANJULATA SINGH, At- Gaudadia, Po/P.S - Simulia, Dist-Balasore, Pin-756126, Odisha have changed my Son's name from SASIKANTASING to SHASHIKANTA SINGH. Henceforth, my son shall be known as SHASHIKANTA SINGH for all purposes.

s/d- Manjulata Singh

ବିପଦ ସଂକୁଳ ଅବସ୍ଥାରେ ଟ୍ରାନ୍ସଫର୍ମର, ଦୁର୍ଘଟଣା ଅପେକ୍ଷାରେ ବିଦ୍ୟୁତ ବିଭାଗ

ଭୋଗରାଇ, ୨୭/୦୫(ଆ.ପ୍ର) : ଭୋଗରାଇ ବ୍ଲକ ଦେଉଳା ହାଟ-ଅନଳିଆ ରାସ୍ତାର ଗ୍ରାମ ପଂଚାୟତ ବେନୁ କାମିଳା ଘର ପାଖରୁ ରାସ୍ତାକୁ ଲାଗି ଦୁଇଟି ବିଦ୍ୟୁତ୍ ଟ୍ରାନ୍ସଫର୍ମାର ମୁକୁଳା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି । ଏନେଇ ଭୋଗରାଇ ଟାଟା ପାୱାର ଅଧିକାରୀଙ୍କଠାରେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ଉଚ୍ଚ ପଦସ୍ଥ ଅଧିକାରୀ ଏଥିପ୍ରତି କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ, ଦେଉଳା ପଂଚାୟତର ଦେଉଳା

ଗାଁର ବେନୁ କାମିଳା ଘର ପାଖରେ ରାସ୍ତାକୁ ଲାଗି ଦୁଇଟି ବିଦ୍ୟୁତ୍ ଟ୍ରାନ୍ସଫର୍ମାର ମୁକୁଳା ଅବସ୍ଥାରେ ରହିଛି । ଗୋଟିଏ ବେନୁ କାମିଳା ଘର ଫୁଁପଟ ଅନଳିଆ-ଦେଉଳାହାଟ ରାସ୍ତା କଡ଼ରେ ଓ ଅନ୍ୟଟି ସେହି ରାସ୍ତାର ୪୦/୫୦ ମିଟର ଦୂରରେ ରହିଛି । ଦୁଇଟିଯାକ ମୁକୁଳା ଅବସ୍ଥାରେ ରହିଛି ଏବଂ ଟ୍ରାନ୍ସଫର୍ମାର ର କନେକ୍ସନ ମାତ୍ର ଏକ ମିଟର ଉଚ୍ଚତାରେ ରହିଛି । ସେଠାରେ ବିଭିନ୍ନ ଲତା ମାଡ଼ିଥିବାରୁ ଗୋରୁ ଗାଈ ଖାଇବାକୁ ଯାଇ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ମୁଖରେ ପଡିଛନ୍ତି ? । ଖବର ଜାଣିବା ପରେ ମଧ୍ୟ ଦାୟିତ୍ୱହୀନ ଭାବରେ ବିଦ୍ୟୁତ ବିଭାଗ ଚୁପ ହୋଇ ବସିଛି ଗୋଟିଏ ବଡ଼ ଦୁର୍ଘଟଣାକୁ ଅପେକ୍ଷା କରି । କୌଣସି କାରଣବଶତଃ ଦୁର୍ଘଟଣା ଘଟି କେହି ଯଦି ମୃତ୍ୟୁ ମୁଖରେ ପଡ଼ନ୍ତି ସେଥିପାଇଁ ଦାୟୀ କିଏ ରହିବ ବୋଲି ସାଧାରଣରେ ଆଲୋଚନା ହେବା ସହିତ ଟାଟା ପାୱାର ଅଧିକାରୀଙ୍କ ପାରିବା ପଣିଆ ଉପରେ ପ୍ରଶ୍ନ ଉଠିଛି । ବିଭାଗୀୟ କର୍ତ୍ତୃପକ୍ଷ ଏହାର ସରଜମିନ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ଏନେଇ ଭୋଗରାଇ ଏସଡ଼ିଓ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଭେଟି ସମସ୍ୟା ବିଷୟରେ ଅବଗତ କରିବାପରେ ତାହା ତୁରନ୍ତ ତଦନ୍ତ କରିଥିଲେ ମାତ୍ର ଆଜକୁ ଏକ ବର୍ଷ ହୋଇଗଲା କୌଣସି କାର୍ଯ୍ୟକାରୀ ହୋଇନାହିଁ । ଉକ୍ତ ରାସ୍ତା ଦେଇ ଗ୍ରାମବାସୀ, ସ୍କୁଲ ଛାତ୍ରଛାତ୍ରୀମାନେ ବିପଦ ସଙ୍କୁଳ ଅବସ୍ଥାରେ ଯିବାଆସିବା କରୁଛନ୍ତି । ସମୟ ସମୟ ଓଭରଲୋଡ଼ ପଡ଼ିରେ ସେଥିରୁ ନିଆଁ ହୁକା ହୁକା ବାହାରିଥାଏ । କୌଣସି କାରଣବଶତଃ ଦୁର୍ଘଟଣା ଘଟିଲେ ଦାୟୀ କିଏ ରହିବ ବୋଲି ସାଧାରଣରେ ଆଲୋଚନା ହେଉଛି

ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାରରେ ଶତକୀୟ ଭାଗବତ ସନ୍ଧ୍ୟା ସମ୍ପନ୍ନ

ନୀଳଗିରି, ୨୭/୦୫(ଆ.ପ୍ର) : ଦିବ୍ୟ ଜୀବନଲାଭରେ ଚିରନ୍ତନ ଆନନ୍ଦ ଓ ସୁଖ ପ୍ରାପ୍ତ ହୁଏ । ଗୃହସ୍ଥ ଇନ୍ଦ୍ରିୟପ୍ରୀତି ଅର୍ଥରେ ରୋଜଗାର କରୁଛି । ଜୀବନର ଉଦ୍ଦେଶ୍ୟ ଅର୍ଥରେ ରୋଜଗାର ହିଁ ପ୍ରକୃତ ରୋଜଗାର । ଇନ୍ଦ୍ରିୟ ତର୍ପଣମୂଳକ କର୍ମରୁ କଷ୍ଟପ୍ରଦ ଶରୀରର ଉତ୍ପତ୍ତି । ଇନ୍ଦ୍ରିୟ ପ୍ରୀତିମୂଳକ କର୍ମ ହିଁ ଦୁଃଖଦାୟକ । ଇନ୍ଦ୍ରିୟ ପ୍ରୀତିର ଫଳ ହେଉଛି ନର୍କସ୍ଥିତି । ଆତ୍ମତତ୍ତ୍ୱର ଜିଜ୍ଞାସା ନଥିଲେ ଅବିଦ୍ୟା ଜନିତ କ୍ଳେଶ ମିଳେ । ସକାମ କର୍ମ ହିଁ ଜଡ ଶରୀରର ଜନନୀ ଅଟେ । ପୁଣ୍ୟକର୍ମ ହିଁ ଦୁଃଖରୁ ମୁକ୍ତି ପ୍ରାପ୍ତିର ଅବସ୍ଥା । ଭୌତିକ ଜୀବନରେ ସମସ୍ୟାର ସମାଧାନ ନାହିଁ । ଆତ୍ମା ଓ ଆତ୍ମକ୍ରିୟା ସମ୍ବନ୍ଧୀୟ ଧାରଣା ବ୍ୟକ୍ତିକୁ ଭବବନ୍ଧନରୁ ଦୂରେଇ ଥାଏ । ଭକ୍ତିତତ୍ତ୍ୱ ମୂଳକ ଜ୍ଞାନାର୍ଜନ ହିଁ ମୁକ୍ତି ଅବସ୍ଥା । ଭକ୍ତକୁ କର୍ମ ଓ ଜ୍ଞାନ ସ୍ପର୍ଶ କରେ ନାହିଁ । ଭଗବଦ ସେବା ଭକ୍ତର ଏକମାତ୍ର ଉଦ୍ଦେଶ୍ୟ । ସକାମ କର୍ମରୁ ମନ ଦୂଷିତ ହୁଏ । ପରିବାର ପ୍ରତି ଆସକ୍ତି ଏକ ଶକ୍ତିଶାଳୀ ମାୟା । ବ୍ୟକ୍ତି ଆତ୍ମାନୁଭୂତି ସମ୍ପନ୍ନ ହେବା ଉଚିତ । ଭକ୍ତିଯୋଗ ମୁକ୍ତିର ସ୍ୱୀକୃତ ପନ୍ଥା । ଆତ୍ମାର କଲ୍ୟାଣ ହିଁ ନିଷ୍କାମ କର୍ମ । ଆଧ୍ୟାତ୍ମିକ ଜ୍ଞାନ ଭୌତିକ ସ୍ଥିତିରୂପକ ଅଜ୍ଞାନତାକୁ ମୁକ୍ତ କରେ । ବ୍ରହ୍ମ ଜିଜ୍ଞାସା ହିଁ ମୁକ୍ତିର ପଥ । ପାରମାର୍ଥିକ ଜୀବନ ହିଁ ଆତ୍ମାନୁଭୂତି ଲାଭରେ ସ୍ଥିତି । ଈଶ୍ୱର ତାଙ୍କ ଯୋଗମାୟା ଶକ୍ତିରେ ଆବୃତ ଥାଆନ୍ତି । ଜଡଦୃଷ୍ଟି ଜଡ଼ଶରୀରରେ ଦିବ୍ୟଆତ୍ମାକୁ ଦେଖିବାକୁ ଦିଏ ନାହିଁ । ସର୍ବୋପରି ଇନ୍ଦ୍ରିୟ ଉପଭୋଗ ବିଷଭକ୍ଷଣ ଠାରୁ ଅଧିକ ବିପଦବୋଲି ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ଶହେତମ ଭାଗବତୀୟ ସନ୍ଧ୍ୟାରେ ପଂଚମ ସ୍କନ୍ଧର ପଂଚମ ଅଧ୍ୟାୟରେ ବର୍ଣ୍ଣିତ ଋଷଭ ଦେବଙ୍କ ଉପଦେଶ ବର୍ଣ୍ଣନାବେଳେ ପରିବାରର ସମ୍ପାଦକ ତଥା ପ୍ରବାଚକ ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ବରିଷ୍ଠ ସଦସ୍ୟ ଶିକ୍ଷାବିତ ନୀଳକଣ୍ଠ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ଜୟଶ୍ରୀ ପଣ୍ଡା ସ୍ୱାଗତ ସଂଗୀତ ଗାନ କରିଥିବାବେଳେ ନୟାଗଡ଼ରୁ ଜଗନ୍ନାଥ ସଂସ୍କୃତିର ଗବେଷକ ପ୍ରଫୁଲ୍ଲ କୁମାର ଦାଶ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ । ଅନ୍ତିମ ପର୍ଯ୍ୟାୟରେ କୁମାରୀ ସ୍ମିତିପ୍ରଜ୍ଞା ମହାନ୍ତି ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିବାବେଳେ କେନ୍ଦୁଝର ସଦସ୍ୟ ଶିକ୍ଷାବିତ ରତିନାରାୟଣ ରାଉତ ଶାନ୍ତିପାଠ କରିଥିଲେ । ଉକ୍ତ ଆସରରେ ବହୁ ଶ୍ରଦ୍ଧାଳୁ ଭାଗବତପ୍ରେମୀ ଯୋଗଦାନ କରି ଏହି ଶତକୀୟ ଆଲୋଚନାଚକ୍ରର ଭୂୟସୀ ପ୍ରଶଂସା କରିଥିଲେ ।

ମହୁମାଛି ଦଂଶନରେ ପୁଲିସ ଏସ୍‌ଆଇ, ହାବିଲଦାର ସମେତ ୧୧ ଗୁରୁତର

କାଳିଆପାଣି, ୨୭/୦୫(ଆ.ପ୍ର) : ସୁକିନ୍ଦା ବନାଂଚଳ ଓଡ଼ିଶା ଖଣି ନିଗମ(ଓଏମ୍‌ସି) କାଳିଆପାଣି ଟାଉନସିପର ମୁଖ୍ୟରାସ୍ତା କଡ଼ ଏକ ଗଛରେ ଥିବା ଏକାଧିକ ମହୁଫେଣରୁ ବାହାରିଥିବା ଶହଶହ ବାଘୁଆ ମହୁମାଛି ଦଂଶନରେ ଆଜି ଜଣେ ପୁଲିସ ଏସ୍‌ଆଇ, ଜଣେ ହାବିଲଦାର ଓ ଜଣେ ଓଏମ୍‌ସି ଖଣି ଯନ୍ତ୍ରୀ ସମେତ ୧୧ ଜଣ ଗୁରୁତର ଆହତ ହୋଇଥିଲେ । ଗୁରୁତରମାନେ ହେଲେ ଓଆଇଏସ୍‌ଏଫ୍ କାଳିଆପାଣି ୟୁନିଟ୍ ଏସ୍‌ଆଇ ବିଭୀଷଣ ପାତ୍ର, ହାବିଲଦାର ରାଧାକାନ୍ତ ସେଠୀ, ଓଏମ୍‌ସି ଦକ୍ଷିଣ କାଳିଆପାଣି କ୍ରୋମାଇଟ୍ ଖଣିର ମାଇନିଂ ମେଟ୍ ପ୍ରହ୍ଲାଦ କୁମାର ଦାସ ଓ କର୍ମଚାରୀ ଗଙ୍ଗାଧର ନାଏକ, ଓଏମ୍‌ସି ଠିକା କର୍ମଚାରୀ ରଞ୍ଜନ କୁମାର ରାଉତ ଓ

ପଦ୍ମନାଭ ପାତ୍ର ଏବଂ ସ୍ଥାନୀୟ ଦିର୍ସାନଗର, ଚିରିଗୁଣିଆ ଓ ଆଖପାଖ ବସ୍ତିର ମିନୁ ପାତ୍ର, ସ୍ୱାତୀ ପଟ୍ଟନାୟକ, ବୁଲୁ ବେହେରା, ଭରତ ନାଏକ ଓ ଅନ୍ଧାରୁ ନାଏକ । ପୁଲିସ ଶ୍ରୀ ପାତ୍ର ଓ ଶ୍ରୀ ସେଠୀ ବୁଲେଟ୍‌ରେ ବାଇକ୍ ଆସୁଥିବା ସମୟରେ ମହୁମାଛି ଦଂଶନ ଯୋଗୁ ବାଇକ୍ ଛାଡ଼ି ତଳେ ଗଡ଼ିଥିଲେ । ଖରାତାତି ସତ୍ତ୍ୱେ ପିଚୁ ସଡ଼କରେ ଦୁହେଁ ଗଡୁଥିବା ଦେଖି ଉଭୟଙ୍କୁ ଉଦ୍ଧାର ପାଇଁ ଆସିଥିବା ରଞ୍ଜନଙ୍କୁ ମହୁମାଛି ଦଂଶନ କରିଥିଲେ । ସୁକ୍ରୁଙ୍ଗି କ୍ରୋମାଇଟ୍ ଖଣି ପ୍ରବନ୍ଧକ ତୁଷାରକାନ୍ତ ପ୍ରଧାନଙ୍କ କ୍ୱାର୍ଟର୍ସ ଅଗଣାରୁ ଏକ ନାଗସାପ ଧରିବାକୁ ଆସିଥିବା ପ୍ରଶିକ୍ଷିତ ସାପଧରାଳି ଶ୍ରୀ ଦାସଙ୍କୁ ମହୁମାଛି ଗୋଡ଼େଇ ମାରିଥିଲେ । ସେହି ସମୟରେ ରାସ୍ତାରେ ଯାଉଥିବା ଅନ୍ୟମାନଙ୍କୁ ଅନୁରୂପ ଭାବେ ମହୁମାଛି ୫୦ ମିଟର ପର୍ଯ୍ୟନ୍ତ ଗୋଡ଼ାଇ ଗୋଡ଼ାଇ ଦଂଶନ କରୁଥିବା ଦେଖାଯାଇଥିଲା । ସମସ୍ତ ଆହତଙ୍କୁ ଓଏମ୍‌ସି କାଳିଆପାଣି କେନ୍ଦ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ବରିଷ୍ଠ ଚିକିତ୍ସାଧିକାରୀ ଡାକ୍ତର ବିଶ୍ୱଜିତ ବେହେରାଙ୍କ ପ୍ରତ୍ୟକ୍ଷ ପ୍ରତ୍ୟାବଧାନରେ ଆକ୍ରାନ୍ତଙ୍କ ପ୍ରଭାବିତ ଅଙ୍ଗରୁ ସୁଙ୍କ କଢ଼ାଯାଇ ଆନୁଷଙ୍ଗିକ ପ୍ରାଥମିକ ଚିକିତ୍ସା ଓ ୩ ଘଂଟାର ସ୍ୱତନ୍ତ୍ର ନିରୀକ୍ଷଣ ପରେ ମେଡିକାଲ୍‌ରୁ ସମସ୍ତଙ୍କୁ ଛଡ଼ା ଯାଇଥିଲା ।

ଭାରରେ ବୁହାହେଲେ ଗର୍ଭବତୀ

ଧଣାମୁଣ୍ଡା, ୨୭/୦୫(ଆ.ପ୍ର) : ବଲାଙ୍ଗିର ଜିଲ୍ଲା ଉପାନ୍ତ ଖପ୍ରାଖୋଲ ବ୍ଲକରେ ଅଭାବନୀୟ ଘଟଣା ରାସ୍ତା ନଥିବାରୁ ଯାଇପାରିଲାନି ଆମ୍ବୁଲାନ୍ସ । ଭାରରେ ଖଟରେ ବୁହାହୋଇ ଆସିଲେ ଗର୍ଭବତୀ । ସୂଚନା ମୁତାବକ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଘୁନସର ଗ୍ରାମପଂଚାୟତ ଟଟରାଉଟା ଗ୍ରାମର କୋଶଲପଡାର ରୋହିତ ଧରୁଆଙ୍କ ସ୍ତ୍ରୀ ସୀମା ଧରୁଆ ଗର୍ଭକଷ୍ଟ ପାଇବା ପରେ ଆମ୍ବୁଲାନ୍ସକୁ ଫୋନ କରିଥିଲେ, ହେଲେ ମୂଳଗ୍ରାମଠାରୁ କୋଶଲପଡା ଦେଢ଼ କିଲୋମିଟରରୁ ଅଧିକ ଥିବାବେଳେ ଆମ୍ବୁଲାନ୍ସ ଯିବା ପାଇଁ ରାସ୍ତା ନଥିବାରୁ ଭାରରେ ବୋହି ଆମ୍ବୁଲାନ୍ସ ପାଖକୁ ଆଣିଥିଲେ ଓ ପରେ ଖପ୍ରାଖୋଲ ଡାକ୍ତରଖାନା ଆଣିଥିଲେ । ଖପ୍ରାଖୋଲ ଡାକ୍ତରଖାନାରେ ଗୋଟିଏ ଶିଶୁ ଶିଶୁଜନ୍ମ ହୋଇଥିବା ବେଳେ ଡାକ୍ତର ଗର୍ଭରେ ଆଉ ଗୋଟିଏ ଶିଶୁ ଅଛି ବୋଲି ଜାଣିବା ପରେ ପାଟଣାଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିବା ବେଳେ ପାଟଣାଗଡ଼ ଡାକ୍ତରଖାନାରେ ଆଉ ଗୋଟିଏ ଶିଶୁ ଜନ୍ମଦେଇଥିଲେ । ଶିଶୁର ଅବସ୍ଥା ଗୁରୁତର ଥିବାରୁ ବଲାଙ୍ଗୀର ସ୍ଥାନାନ୍ତର କରାଯାଉଥିବା ବେଳେ ରାସ୍ତାରେ ଶିଶୁଟି ମୃତ୍ୟୁବରଣ କରିଥିଲା । କୋଶଳପଡାକୁ ରାସ୍ତାପାଇଁ ଅନେକ ଦିନରୁ ଦାବି ହୋଇ ଆସୁଥିଲେ ବି କେହି ଶୁଣୁନଥିବାରୁ ଆଜି ତାଙ୍କର ସନ୍ତାନ ନଷ୍ଟ ହୋଇଯାଇଛନ୍ତି ବୋଲି ଅତି ଦୁଃଖର ସହିତ କହିଛନ୍ତି ରୋହିତ ଧରୁଆ ।

ଦକ୍ଷିଣ ଭୋଗରାଇ ଓଷ୍ଟା ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ ୨୦୨୬ ଅନୁଷ୍ଠିତ

ଭୋଗରାଇ, ୨୭/୦୫(ଆ.ପ୍ର) : ଦକ୍ଷିଣ ଭୋଗରାଇ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ମାଟ୍ରିକ ପରୀକ୍ଷାରେ ଭୋଗରାଇ ବ୍ଲକରେ ଏ-୧ ରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ନେଇ ଭୋଗରାଇ ବ୍ଲକ ଭୋଗରାଇ ହେରମ୍ବ ଚନ୍ଦ୍ର ଏକାଡେମୀଠାରେ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଦକ୍ଷିଣ ଭୋଗରାଇ ଓଷ୍ଟା ସଭାପତି ମହେଶ୍ୱର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ସତ୍ୟଶିବ ଦାସ, ବିଶିଷ୍ଟ ଅତିଥି ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ବିଶିଷ୍ଟ ବକ୍ତା ଓଷ୍ଟା ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର, ସମ୍ମାନିତ ଅତିଥି ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ନିହାର ରଞ୍ଜନ ଦାସ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଣି ଜ୍ୟୋସ୍ନାରାଣୀ ପଣ୍ଡା, ଜିଲ୍ଲା ଓଷ୍ଟା ସଭାପତି ମନୋରଞ୍ଜନ ଦାସ, ଦକ୍ଷିଣ ଭୋଗରାଇ ଓଷ୍ଟା ପୂର୍ବତନ ସଭାପତି ଶ୍ରୀନିବାସ ଚନ୍ଦ୍ର ପ୍ରଧାନ, ପୂର୍ବତନ ସମ୍ପାଦକ ନଟରଞ୍ଜନ ଘରାଇ, ସୁନାଧରବସାଣ ସରପଂଚ ଦିଲ୍ଲୀପ କୁମାର ବଡ, ହେରମ୍ବ ଚନ୍ଦ୍ର ଏକାଡେମୀର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ଧଳ ପ୍ରମୁଖ ଉପସ୍ଥିତ ହୋଇ ଛାତ୍ରଛାତ୍ରୀ ମାନଙ୍କୁ ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ । ସଭା ପରେ ଭୋଗରାଇ ବ୍ଲକରେ ମାଟ୍ରିକ ପରୀକ୍ଷାରେ ଏ-୧ ରେ ଉତୀର୍ଣ୍ଣ ହୋଇଥିବା ୩୯ ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର, ଟ୍ରଫି ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ଦକ୍ଷିଣ ଭୋଗରାଇ ଓଷ୍ଟା ସମ୍ପାଦକ ଶାଶ୍ୱତ କୁମାର ଜେନା ଅତିଥି ପରିଚୟ ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲା ବେଳେ ଓଷ୍ଟା ରାଜ୍ୟ ଇ.ସି. ସଭ୍ୟ ଦେବଶଙ୍କର ଦାଶ ବେଦପାଠ କରିଥିଲେ । ଶେଷରେ ଦକ୍ଷିଣ ଭୋଗରାଇ ଓଷ୍ଟା କୋଷାଧ୍ୟକ୍ଷ ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ସୂଚନା ଅଧିକାର ନିୟମକୁ ଅବମାନନା, ତଥ୍ୟ ଦେବାକୁ ମନାକଲେ ଥାନାଧୀକାରିଣୀ
ଏସପିଙ୍କ ଠାରେ ଦ୍ୱାରସ୍ଥ ହେଲେ ସୂଚନା ଅଧିକାର କର୍ମୀ

ନୀଳଗିରି, ୨୭/୦୫(ଆ.ପ୍ର) : ୨୦୦୫ମସିହାରୁ କେନ୍ଦ୍ରସରକାର ସୂଚନାଅଧିକାର ଆଇନ ଲାଗୁ କରିଥିବା ବେଳେ କେତେକ ବିଭାଗର ଅଧିକାରୀମାନେ ତାହାକୁ ଅବମାନନା କରିବା, ସୂଚନାକର୍ମୀଙ୍କ ଦ୍ୱାରା ଆଗତ ଦରଖାସ୍ତ ନରଖିବା, ହାତରେ ନନେଇ ଡାକରେ ପଠାଇବାକୁ ବାଧ୍ୟ କରୁଥିବାରୁ, ସୂଚନା ଅଧିକାର କର୍ମୀ ଜଣଙ୍କ ଏ ଅଫିସରୁ ସେ ଅଫିସ ଦୌଡ଼ିଦୌଡ଼ି ନୟାନ୍ତ ହେଉଥିବାର ଦେଖାଯାଇଛି । ଏପରିକି ଥାନାରେ ଏତଲା ଦେଲେ ୨୪ଘଂଟା ଭିତରେ ପଞ୍ଜିକରଣ କରିବାକୁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିବା ବେଳେ ପ୍ରକୃତରେ ତାହା କେତେଦୂର କାର୍ଯ୍ୟକାରୀ ହେଉଛି ଗୋଟିଏ ଉଦାହରଣରୁ ପ୍ରମାଣିତ ହୋଇଯିବ । ସୂଚନାରୁ ଜଣାଯାଇଛି, ଗତ ୨୬.୪.୨୬ରିଖରେ କୁଲଡ଼ିହା ରେଞ୍ଜର ସୁବ୍ରତ ବେହେରା ଓ ଏସିଏଫ ଦିଗନ୍ତ ଶୋଭନ ବାନ୍ଧ ସୂଚନାକର୍ମୀ ରତିକାନ୍ତ ପରିଡ଼ାଙ୍କ ଜାଲଦସ୍ତଖତ ଓ ଭୋଟର ପରିଚୟପତ୍ର କୁ ଜାଲିଆତି କରି ବାଲେଶ୍ୱର ଡିଏଫଓଙ୍କ ବିରୋଧରେ ଅପ୍ରାସଙ୍ଗିକ କପୋଳକଳ୍ପିତ କାହାଣୀ ଗଢି ବିଭିନ୍ନ ଗଣମାଧ୍ୟମ ଓ ଅଫିସକୁ ପ୍ରେରଣକରି ସୂଚନାକର୍ମୀ ରତିକାନ୍ତଙ୍କୁ ବଦନାମକରିବାର ହୀନପ୍ରୟାସ କରିଥିବାର ସନ୍ଦେହକରି, ଶ୍ରୀ ପରିଡ଼ା

ବରହମପୁର ଥାନାରେ ଅଭିଯୋଗ କରିଥିଲେ ହେଁ ଦୀର୍ଘ ଏକମାସ ବିତିଯାଇଥିଲେ ମଧ୍ୟ ଏଯାବତ ଏତଲାକୁ ପଞ୍ଜିକରଣ କରାଯାଇନଥିବା ଓ ପଚାରିଲେ ଷ୍ଟେସନ ଡାଏରି ହୋଇଥିବାର ଥାନା ଅଧିକାରୀଣି ପ୍ରେମାଦା ନାୟକ ପ୍ରକାଶ କରିଛନ୍ତି । ତେବେ ଷ୍ଟେସନଡାଏରୀ ନମ୍ବର ମାଗିଲେ ଅଭିଯୋଗକାରୀଙ୍କୁ ନଦେବା ଫଳରେ ଅଭିଯୋଗକାରୀ ସୂଚନା ଅଧିକାର ଆଇନବଳରେ ତାହା ପାଇବାକୁ ଦରଖାସ୍ତ ଦେବାକୁ ଯାଇଥିଲା ବେଳେ ଥାନାଅଧିକାରିଣୀ ଦରଖାସ୍ତ ଗ୍ରହଣକରିବାକୁ ରୋକ୍ ଠୋକ୍ ମନାକରିବା ଫଳରେ, ଅଭିଯୋଗ କାରୀ ବାଲେଶ୍ୱର ଏସପିଙ୍କ ଠାରେ ସୂଚନାତଥ୍ୟ ପାଇଁ ହାତେହାତେ ଦରଖାସ୍ତ ପ୍ରଦାନ କରିବା ସହ ଏହାର କପି ମଧ୍ୟ ଗ୍ରହଣ କରିଛନ୍ତି । ତେବେ ଗୁରୁତ୍ୱପୂର୍ଣ୍ଣ କଥା ଏସପି ସୂଚନାତଥ୍ୟ ଆବେଦନର ଦରଖାସ୍ତ ଗ୍ରହଣକରିଥିବା ବେଳେ ବରହମପୁର ଥାନା ଅଧିକାରିଣୀ ଗ୍ରହଣ ନକରିବା ପଛର କାରଣ କଣ ଥାଇପାରେ । ତେବେ ରେଞ୍ଜ ଅଧିକାରୀଙ୍କୁ ସୁରକ୍ଷାଦେବା ପାଇଁ ମୋଟାଅଙ୍କର ଅର୍ଥ କାରବାର ହୋଇଥିବାର ଶ୍ରୀ ପରିଡା ଅନୁମାନ କରିଛନ୍ତି । ଯାହାକୁ ନେଇ ଥାନାଅଧିକାରିଣୀ ଔଷଧ ବିକଳରେ ଡାଟିଆ କାମୁଡ଼ିଲା ଭଳି ବିଭିନ୍ନ ରାଜନୈତିକ ବ୍ୟକ୍ତିମାନଙ୍କୁ ଧରି ଘଟଣାକୁ ଚାପିବାକୁ ମସୁଧା କରିଚାଲିଛନ୍ତି । ଏଠି ପ୍ରଶ୍ନ ଉଠେ ଅଭିଯୋଗକାରୀଙ୍କୁ ଅଭିଯୋଗର କପି ଦେବାକୁ ଥାନା ଅଧିକାରୀଣି ପଛଘୁଂଚା ଦେଉଛନ୍ତି କାହିଁକି ? ଏତଲା ପାଇବା ପରେ ପଞ୍ଜିକରଣ କରିବାର ନିୟମ ଥିବାବେଳେ ବରହମପୁର ଥାନା ଏଥିରୁ ବାଦ ପଡୁଛି କାହିଁକି ? ଏତଲା ପାଇବା ମାତ୍ରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବେଖାତିରି କରୁଥିବା ଥାନାଅଧିକାରିଣୀଙ୍କ ପ୍ରତି ଏସପି କାହିଁକି କଠୋର କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି ? ସୂଚନା ଅନୁଯାୟୀ ତଦନ୍ତ ସମୟରେ ଚାର୍ଜସିଟ କିମ୍ବା ଫାଇନାଲ ରିପୋର୍ଟ କରାଯାଇ ପାରିବା ନିୟମ ଥିବାବେଳେ ଏତଲା ପଞ୍ଜିକରଣ କରାନଯିବାର କାରଣ କଣ ? ଡୋଡାମଦ, କାଠଗାଡି, ବାଲିଗାଡି, ମୋରମଗାଡି ପଛରେ ଦୌଡ଼ି ଦୌଡ଼ି ଭଲ ମୁନାଫା କମାଉଥିବା ବେଳେ ଗୁରୁତ୍ୱପୂର୍ଣ୍ଣ କେସ ଗୁଡିକୁ ଅଣଦେଖା କରୁଥିବାରୁ ଏସ୍ ପି ସେଥିପ୍ରତି ଦୃଷ୍ଟି ନଦେବା ନିଶ୍ଚିତ ଭାବେ କ୍ଷୋଭର ବିଷୟ । ପ୍ରତି ଥାନାରେ ସକାଳ ୯ଟାରେ ପ୍ରତିଦିନର ଖବର ଗ୍ରୁପ୍ ଜଳ ମାଧ୍ୟମରେ ଜଣାଇବାର ନିୟମ ଥିବାବେଳେ, ବରହମପୁର ଥାନା ଅଧିକାରିଣୀ ଶ୍ରୀ ପରିଡ଼ାଙ୍କ ଏତଲାକୁ ରଖି ଏସ ପିଙ୍କୁ ଅବଗତ କରିଥିଲେ କି ? ଯଦି ଜଣାଇନଥିଲେ ତାହେଲେ ଏସ୍ ପି ବରହମପୁର ଥାନା ଅଧିକାରୀଣିଙ୍କୁ କୈଫତ ତଲବ କରିବେ କି ? ବରହମପୁର ଥାନାରେ ଚାଲିଥିବା ଅରାଜକତା ଓ ପ୍ରିୟାପ୍ରୀତି ତୋଷଣର ଅଭିଯୋଗ ବାରମ୍ବାର ହେଉଥିବା ବେଳେ, ଏସ୍ ପି ମହୋଦୟ ସବୁ ଜାଣି ଚୁପ୍ ରହିବା ନିଶ୍ଚିତ ଭାବେ ଥାନା ଅଧିକାରୀଙ୍କୁ ଅନୁକମ୍ପା ଦେଖାଉଥିବାର ଅଭିଯୋଗ ଉଠିଛି । ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ଓ କେନ୍ଦ୍ର ସରକାରଙ୍କ ସୂଚନା ଅଧିକାର ଆଇନକୁ ଫୁ କରି ଚାଲିଥିବା ବରହମପୁର ଥାନା ଅଧିକାରୀଣିଙ୍କ ବିରୋଧରେ ଏସ୍ ପି ଆଗାମୀ ଦିନରେ କଣ ପଦକ୍ଷେପ ନେବେ ତାହା ଦେଖିବାକୁ ବାକି ରହିଲା ।

ମା'ର ଶବକୁ କାନ୍ଧ ଦେଲେନି ଦୁଇ ପୁଅ, ପୁଲିସ କଲା ଶେଷ ସଂସ୍କାର

ବସ୍ତା, ୨୭/୦୫(ଆ.ପ୍ର) : ରାଜ୍ୟରେ ନିକଟରେ ଘଟିଥିବା କ୍ରମାଗତ ଅପରାଧିକ ଘଟଣାରେ ଓଡ଼ିଶା ପୁଲିସର ଲକ୍ଷ୍ୟ 'ସେବା ଓ ସୁରକ୍ଷା' ଉପରେ ପ୍ରଶ୍ନଚିହ୍ନ ଲାଗିଥିଲା । ଆଜି (ବୁଧବାର) ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଧୀନ ସନ୍ତୋଷପୁର ପଂଚାୟତର

ଭୋଳନାଥପୁରରେ ଘଟିଥିବା ଘଟଣା ଓ ପୁଲିସର ପଦକ୍ଷେପରେ 'ଖାକିରେ ଲାଗିଥିବା ଦାଗ' କିଛି ପରିମାଣରେ ଲିଭିଛି । ଗ୍ରାମର ସ୍ୱର୍ଗତ ବଂଶୀଧର ଦାସ ଙ୍କ ପତ୍ନୀ ତୁଳସୀ ଦାସ (୮୦)ଙ୍କ ତିନିଜଣ ପୁଅ । ଅନେକ ବର୍ଷ ପୂର୍ବେ ବଡ଼ ପୁଅ କେଉଁ ଆଡ଼େ ଚାଲିଯାଇଛି, ତା'ର କୌଣସି ଖୋଜଖବର ନାହିଁ । ମଧ୍ୟମ ପୁଅ ନିକଟରେ ବାପା ବଂଶୀଧରଙ୍କ ମୃତ୍ୟୁ ଘଟିଥିଲା । ବୃଦ୍ଧା ତୁଳସୀ ସାନପୁଅ ରାକେଶଙ୍କ ନିକଟରେ ରହୁଥିଲେ । ଆଜି ପୂର୍ବାହ୍ନ ୧୦.୨୫ ରେ ତୁଳସୀଙ୍କ ମୃତ ହୋଇଥିଲା । ତେବେ ପୂର୍ବରୁ ଜମି ବିବାଦ ଓ ପାରିବାରିକ କଳହକୁ କେନ୍ଦ୍ର କରି ଭାଇମାନଙ୍କ ମଧ୍ୟରେ ମତାନ୍ତର ରହିଥିଲା । ରାକେଶ ନଦୀ ଘାଟରେ ମା'ଙ୍କ ଅନ୍ତେଷ୍ଟି କ୍ରିୟା କରିବାକୁ ଜିଦ୍ ଧରିଥିବା ବେଳେ ତାଙ୍କ ଭାଇ ନିଜ ଘର ବାଡ଼ିରେ ଶେଷକ୍ରିୟା କରିବେ ବୋଲି କହିଥିଲେ । ଏହାକୁ ନେଇ ବିବାଦ ତେଜିଥିବା । ଗ୍ରାମର ଲୋକ ମଧ୍ୟ ରାକେଶଙ୍କୁ ଶବ ଉଠାଇବା ପାଇଁ ସାହାଯ୍ୟ କରିନଥିଲେ । ଫଳରେ ରାତି ୮ ଟା ପର୍ଯ୍ୟନ୍ତ ଶବ ଉଠି ପାରିନଥିଲା । ତେବେ ବସ୍ତା ପୁଲିସ ଏହି ଖବର ପାଇ, ଅମରଦାରୋଡ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକ୍ ଓ ତାଙ୍କର ଟିମ ଘଟଣା ସ୍ଥଳରେ ପହଂଚିଥିଲେ । ଉଭୟଙ୍କୁ ବୁଝା ସୁଝା କରି ସମସ୍ୟାର ସମାଧାନ କରିବାକୁ ଉଦ୍ୟମ କରିଥିଲେ । କିନ୍ତୁ ଉଭୟ ନିଜ ଜିଦ୍‌ରେ ଅଟଳ ରହିବାରୁ ସମସ୍ୟାର ସମାଧାନ ହୋଇ ପାରିନଥିଲା । ଶେଷରେ, ବିଜୟ କୁମାର ବାରିକ୍ ସମେତ ତାଙ୍କର ପୋଲିସ ଷ୍ଟାଫ୍ ଶବକୁ କାନ୍ଧ ଦେଇ ଘର ନିକଟରୁ ଦୀର୍ଘ ଦୁଇକିମି ଦୂରରେ ଥିବା ସୁବର୍ଣ୍ଣ ରେଖା ନଦୀର ଓ ଡ଼ିଆପଡ଼ା ବାଲିଘାଟକୁ ନେଇ ସାମ୍ବାଦିକ ଦିନବନ୍ଧୁ ପ୍ରଧାନ, ଅଜିତ୍ କୁମାର ସାହୁ ଏବଂ ସମ୍ବାଦ ବସ୍ତା ପ୍ରତିନିଧି ରବିନାରାୟଣ ଶତପଥୀଙ୍କ ସହାୟତା ଶବ ସତ୍କାର କରିଥିଲେ । ବିଜୟ କୁମାର ବାରିକ୍, ଲକ୍ଷ୍ମୀଧର ବିହାଣୀ, ହାବିଲଦାର ବିଷ୍ଣୁପ୍ରସାଦ ଦେଉରୀ, କନେଷ୍ଟବଳ ରାମଚନ୍ଦ୍ର ହେମ୍ବ୍ରମ, ସିପାହୀ ଠାକୁର ମାଝୀ, ଜଗଲ ମୁର୍ମୁଙ୍କ ସମେତ ସାମ୍ବାଦିକ ଦୀନବନ୍ଧୁ ପ୍ରଧାନ, ଅଜିତ୍ ସାହୁ, ରବିନାରାୟଣ ସତପଥି, ତାଙ୍କର ହାତ ଗଣତି କିଛି ସମ୍ପର୍କୀୟ ବନ୍ଧୁ ବାନ୍ଧବ ଗାତ ଖୋଳି ଶବ ପୋତିଥିଲେ ।

ଗ୍ୟାସ୍ ସିଲିଣ୍ଡର ନିଆଁରେ ଜଳିଗଲା ଘର

ସୁନ୍ଦରଗଡ଼, ୨୭/୦୫(ଆ.ପ୍ର) : ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ପତ୍ରପାଲି ଗ୍ରାମରେ ଆଜି ସକାଳେ ଏକ ଅଭାବନୀୟ ଗ୍ୟାସ ଦୁର୍ଘଟଣା ଘଟିଯାଇଛି । ଆଜି ସକାଳ ପ୍ରାୟ ୮ଟା ୨୦ ମିନିଟ୍ ସମୟରେ, ଗ୍ରାମର ବାସିନ୍ଦା ବୈଜୟନ୍ତୀ ସାନାନି ନିଜ ଘରେ ଖାଦ୍ୟ ପ୍ରସ୍ତୁତ କରୁଥିଲେ । ଏହି ସମୟରେ ହଠାତ୍ ଗ୍ୟାସ ଟାଙ୍କିରୁ ଲିକ୍ ହୋଇ ନିଆଁ ବାହାରି ଏକ ଭୟଙ୍କର ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣର ପ୍ରକୋପ ଏତେ ଅଧିକ ଥିଲା ଯେ ନିଆଁର ଲେଲିହାନ ଶିଖା ମୁହୂର୍ତ୍ତକ ମଧ୍ୟରେ ସମଗ୍ର ଘରକୁ ଗ୍ରାସ କରିନେଇଥିଲା । ଦୁର୍ଘଟଣା ଘଟିବା ମାତ୍ରେ ପାଖରେ ଥିବା ଜଣେ ସାହସୀ ବ୍ୟକ୍ତି ତୁରନ୍ତ ଘଟଣାସ୍ଥଳକୁ ଦୌଡ଼ି ଯାଇଥିଲେ । ନିଆଁ ଘେରରେ ଫସି ରହିଥିବା ବୈଜୟନ୍ତୀଙ୍କୁ ସେ ସାହସିକତାର ସହ ତୁଳି ପାଖରୁ ସାଇଡ୍ କରି ବାହାରକୁ ଆଣିଥିଲେ, ଯାହାଫଳରେ ଏକ ବଡ଼ ଜୀବନହାନିରୁ ସେ ଅଳ୍ପକେ ବଞ୍ଚି ଯାଇଛନ୍ତି । ଖବର ପାଇ ତୁରନ୍ତ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚିଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗରେ ଅଗ୍ନିଶମ ବାହିନୀ ଏବଂ ପାଣି ବ୍ୟବହାର କରି ଦୀର୍ଘ ସମୟର ପ୍ରୟାସ ପରେ ନିଆଁକୁ ଆୟତ୍ତ କରାଯାଇଥିଲା । ଏହି ଅଗ୍ନିକାଣ୍ଡରେ ବୈଜୟନ୍ତୀ ସାନାନି ଏବଂ ତାଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ସାନାନିଙ୍କର ଘର ସମ୍ପୂର୍ଣ୍ଣ ଭାବେ ପୋଡ଼ି ପାଉଁଶ ହୋଇଯାଇଛି । ଘରର ଚାଳ, କାନ୍ଥ ଏବଂ ଘର ଭିତରେ ଥିବା ସମସ୍ତ ସାମଗ୍ରୀ ନିଆଁରେ ଜଳି ନଷ୍ଟ ହୋଇଯାଇଛି । ଗରିବ ପରିବାରଟିର ସମସ୍ତ ସଂଚୟ ଏବଂ ଜୀବନ ଜୀବିକାର ସାଧନ ଏହି ଅଗ୍ନିକାଣ୍ଡରେ ନଷ୍ଟ ହୋଇଯାଇଥିବାରୁ ସେମାନେ ଏବେ ସମ୍ପୂର୍ଣ୍ଣ ଭାବେ ବାସହରା ହୋଇପଡ଼ିଛନ୍ତି । ଏହି ଦୁଃଖଦ ଘଟଣା ପରେ ପରିବାରଟି ଏବେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ରହିଛନ୍ତି । ସ୍ଥାନୀୟ ଅଂଚଳରେ ଏହାକୁ ନେଇ ଗଭୀର ଶୋକର ଛାୟା ଖେଳିଯାଇଛି ।

ବଢୁଛି ତାତି, ପୋଡା ଚାଲିଛି ଇଟାଭାଟି : ଅଚିନ୍ତାରେ ପ୍ରଶାସନ

ମାହାଙ୍ଗା, ୨୭/୦୫(ଆ.ପ୍ର) : ମାହାଙ୍ଗା ବ୍ଲକରେ ମାଟିଇଟା ପକାଯାଇ ଶହ ଶହ ଭାଟି ପୋଡାଯାଉଥିବା ଅଭିଯୋଗ ହେଉଛି । ଏହାଏକ କୁଟୀର ଶିଳ୍ପରେ ପରିଣତ ହୋଇଛି । ହେଲେ ବେଧଡ଼କ ଇଟା ବ୍ୟବସାୟ ଚାଲିଥିଲା ବେଳେ ପ୍ରଶାସନ ହାତବାନ୍ଧି ବସିଛି । ପୂର୍ବରୁ ବାଲିଘାଟ, ମାଟିଉଠା, ଇଟାପକାଇବାର ଦାୟିତ୍ୱ ତହସିଲ ପ୍ରଶାସନ ବୁଝିଥିଲା । ବିଗତ ସରକାର ଅମଳରେ ତହସିଲ ପ୍ରଶାସନ ଠାରୁ ଏହି ଦାୟିତ୍ୱ ସରକାର କାଢ଼ିନେଲା ପରେ ଏବେ ବାଲିମାଫିଆ, ଇଟାମାଫିଆ ଓ ମାଟି ମାଫିଆ ମାନେ ସକ୍ରିୟ ହୋଇଛନ୍ତି । ଫଳରେ ରାଜ୍ୟସରକାର ପ୍ରତିବର୍ଷ ଲକ୍ଷ ଲକ୍ଷ ରାଜସ୍ୱ ହରାଉଛନ୍ତି । ଅପରପକ୍ଷରେ ପ୍ରବଳ ଗ୍ରୀଷ୍ମ ସମୟରେ ଇଟାଭାଟି ପୋଡାଯାଉଥିବାରୁ ସାଧାରଣ ଲୋକ ନାହିଁ ନଥିବା ସମସ୍ୟା ଭୋଗୁଥିଲା ବେଳେ ଗ୍ରୀଷ୍ମର ପ୍ରଭାବ ବୃଦ୍ଧି ପାଉଛି । ଯାହାକି ମୂଳବସନ୍ତ ପଂଚାୟତରେ ଦେଖିବାକୁ ମିଳିଛି । ଏପରିକି ମାହାଙ୍ଗାର ବିଭିନ୍ନ ଅଂଚଳରେ ଇଟାବ୍ୟବସାୟୀମାନେ ଇଟାଭାଟି ପୋଡୁଛନ୍ତି । ଏଣୁ କଟକ ଜିଲ୍ଲାପାଳ ତୁରନ୍ତ ଇଟାଭାଟି ଲିଭାଇବା ପାଇଁ ପଦକ୍ଷେପ ଗ୍ରହଣ କରିବା ସହିତ ଇଟାବ୍ୟବସାୟୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବସାଧାରଣରେ ଦାବି ହେଉଛି ।

ଆରମ୍ଭ
SEITHO ARAMBHA
ଗୁରୁବାର, ୨୮ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଯତ୍ନଶୀଳ ହେବା ଦରକାର

ମାଇରେ ମଣିଷ ହିଁ ଏକମାତ୍ର ଜୀବ ଯାହାଙ୍କର ସମାଜ ପ୍ରତି କିଛି କର୍ତ୍ତବ୍ୟ ରହିଛି ଏବଂ କିଛି ଅଧିକାର ବି ରହିଛି, ସମାଜ ଠାରୁ କିଛି ପାଇବାର ଆଶା ବି ରହିଛି । କର୍ତ୍ତବ୍ୟ ଏବଂ ଅଧିକାରର କଥା କେବଳ ମଣିଷ କ୍ଷେତ୍ରରେ ଲାଗୁହୁଏ । ଜୀବଜଗତର ଅନ୍ୟ କୌଣସି ଜୀବ କ୍ଷେତ୍ରରେ ସେପରି ହୁଏ ନାହିଁ ଯେହେତୁ ବୁଦ୍ଧି , ବିବେକ, ବିଚାରଧାରା କେବଳ ମଣିଷ ପାଖରେ ରହିଛି । ଏଣୁ କର୍ତ୍ତବ୍ୟ, ଅଧିକାରର କଥା କେବଳ ମଣିଷ ଜୀବନର ପରିସର ଭିତରେ ଆସିଥାଏ; ଆସିବା ଉଚିତ୍ ମଧ୍ୟ । ଅନ୍ୟଥା ସଂସାରର ଶ୍ରେଷ୍ଠ ଜୀବ ଭାବରେ ମାନ୍ୟତାପ୍ରାପ୍ତ ମଣିଷ ଜୀବନରେ କି ମାନେ ରହିବ ? ଏ କଥା ବୁଝିବା ଲୋକ ଅନେକ ଅଛନ୍ତି ଏ ଦୁନିଆରେ । ହେଲେ କିଛି ଅବୁଝା ଲୋକ ବି ଅଛନ୍ତି ଯେଉଁମାନେ ତାଙ୍କ ହିସାବରେ କାମ କରନ୍ତି । ତାଙ୍କ ନିଷ୍ପତ୍ତିରେ କାମ କରନ୍ତି । ସମସ୍ତେ ବି ସେଇଆ କରନ୍ତି । ମଣିଷ ପାଖରେ ସେଭଳି ବିଚାରଧାରା ତ ରହିଛି ନିଶ୍ଚୟ । କେବେ କେବେ ସମାଜର କେତେକ ବୁଦ୍ଧିମାନ ଲୋକ ଅଧିକ ଚତୁରତାର ସହ କାମ କରନ୍ତି । ସେହି ଚତୁରତା ମଧ୍ୟରେ ସେମାନେ ତାଙ୍କର ଅବିବେକୀ ପଣିଆ ବି ପ୍ରଦର୍ଶନ କରନ୍ତି ଯାହା ସେମାନେ ଜାଣିପାରନ୍ତି ନାହିଁ କି ଜାଣିଶୁଣି ସେମାନେ କରନ୍ତି, ତାହା ବି ଜଣାପଡ଼ିଯାଏ ପରେ । ଅଧିକ ଚାଲାକୀରୁ କାଉ ଫସିଗଲାଭଳି ସେମାନେ ବି ଫସିଯାଆନ୍ତି ବେଳେବେଳେ ଆଇନ ଜାଲରେ । ବଡ଼ ବଡ଼ିଆମାନେ କିନ୍ତୁ ଅନେକ ସମୟରେ ଖସିଯାଆନ୍ତି ହେଲେ ପରେ ଫସିଯାଆନ୍ତି, କିନ୍ତୁ ସମାଜର କେତେକ ନିର୍ଦ୍ଦିଷ୍ଟ ବର୍ଗର ଅବା କେତେକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକ ଅଛନ୍ତି ଯେଉଁମାନେ ବିଶେଷକରି ସମାଜର ବିତ୍ତଶାଳୀ ବା ପ୍ରଭାବଶାଳୀ ଭାବରେ ପରିଚିତ , ସେମାନେ କିନ୍ତୁ ଏତେ ସହଜରେ ଅସୁବିଧାରେ ପଡ଼ନ୍ତି ନାହିଁ । ସରକାରରେ ଥିବା ସମାଜର କ୍ଷମତାଶାଳୀ ବ୍ୟକ୍ତିମାନେ ବି ଅନେକ ସମୟରେ ଖସିଯାଆନ୍ତି । ଏଥିପାଇଁ ଯେ ସେମାନେ ସରକାରରେ ଥାଆନ୍ତି ତାହା ନୁହେଁ । ସରକାରୀ ପ୍ରଶାସନରେ ଥିବା ବ୍ୟକ୍ତିମାନେ ସେମାନଙ୍କ କ୍ଷମତା ବଳରେ ବହୁତ କିଛି କରି ପାରନ୍ତି; ସବୁ କିଛି ନୁହେଁ । ସେମାନେ ତ ଭଗବାନ ନୁହଁନ୍ତି । ବେଳେ ବେଳେ ସରକାରରେ ଥିବା କେତେକ କ୍ଷମତାଶାଳୀ ବ୍ୟକ୍ତିମାନେ ଏପରି କିଛି କାମ କରନ୍ତି ଯେପରିକି ସେମାନେ ଭଗବାନ, ଯେପରିକି ସେମାନେ ସର୍ବେସର୍ବା । ଏହା କେବେ ବି ଠିକ୍ ନୁହେଁ ହେଲେ ଏହା ହିଁ ହୁଏ । ବେଳେବେଳେ ସେମିତି ବି ହୁଏ ଯେମିତି ହୋଇଛି ଋଷିଆରେ । ବିଶ୍ୱର ପ୍ରଭାବଶାଳୀ ରାଷ୍ଟ୍ର ଋଷିଆ । ଦିନେ ଋଷିଆ ତା'ର ପ୍ରଭାବରେ ସାରା ବିଶ୍ୱକୁ ପ୍ରଭାବିତ କରିଥିଲା । ୟୁନାଇଟେଡ୍ ଷ୍ଟେଟ୍ସ ଅଫ୍ ସୋଭିଏତ୍ ଋଷିଆ ଯାହାର ପ୍ରଭାବରେ ଆମେରିକା ବି ପ୍ରଭାବିତ ହୋଇଯାଇଥିଲା, ଯାହାର ଶକ୍ତି ପ୍ରଦର୍ଶନ ତଥା ବୁଦ୍ଧିମତାରେ ବିଶ୍ୱର ସର୍ବାଧିକ ପ୍ରଭାବଶାଳୀ ଯୁକ୍ତରାଷ୍ଟ୍ର ଆମେରିକା ବି ପ୍ରଭାବିତ ହୋଇଯାଇଥିଲା । ସେହି ଋଷିଆ ତା'ର ଉନ୍ନତ ଶୈଳୀ ଶାସନ ପାଇଁ ସାରା ବିଶ୍ୱରେ ତା'ର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା । ସେହି ଋଷିଆରେ ଆଜି ଚାଲିଛି ମନମାନୀ । ଋଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ମନମାନୀ । ୨୦୦୦ରୁ ୨୦୦୮ ପର୍ଯ୍ୟନ୍ତ ଋଷିଆରେ ରାଷ୍ଟ୍ରପତି ପଦରେ ଥିବା ଭ୍ଲାଦିମୀର ପୁଟିନ୍ ସେହିବର୍ଷ ଦେଶର ରାଷ୍ଟ୍ରପତି ପଦ ଛାଡ଼ିଥିଲେ । ସେ ଆହୁରି କିଛିବର୍ଷ ରହିପାରିଥାନ୍ତେ ହେଲେ ୧୯୯୩ରେ ଦେଶୀୟ ସମ୍ବିଧାନରେ ଲାଗୁହୋଇଥିବା ନୂଆ ନିୟମ ଅନୁସାରେ କେହି ବି ରାଷ୍ଟ୍ରପତି ଲଗାତାର ଦୁଇଟି କାର୍ଯ୍ୟକାଳ ଶେଷ କରିବା ପରେ ତୃତୀୟ ଥର ସେ ଆଉ ସେହି କ୍ଷମତାରେ ରହିପାରିବେ ନାହିଁ କି ସେହି କ୍ଷମତା ଉପଭୋଗ କରିପାରିବେ ନାହିଁ ।

ବଳିଦାନର ମହାପର୍ବ ଇଦୁଲ୍-ଅଜ୍‌ହା

॥ ମୌଲାନା ଫଜଲ ହକ ଖାନ୍ ॥

ଆରବୀ ଭାଷାରେ "ଅଜ୍‌ହା"ର ଅର୍ଥ "କୁରବାନୀ"ବଳିଦାନ ବା ତ୍ୟାଗ । ମୁସଲମାନ ସମ୍ପ୍ରଦାୟ ରମଜାନ ଇଦ୍‌ର ୭୦ଦିନ (ଦୁଇମାସ ଦଶଦିନ) ପରେ ଇଦୁଲ୍ ଅଜ୍‌ହା ପାଳନ କରେ ।

ପବିତ୍ର କୁରଆନ, ପୈଗମ୍ବର ହଜରତ ମୁହମ୍ମଦଙ୍କ ବାଣୀ ଓ ବାଇବେଲରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ଚାରି ହଜାର ବର୍ଷ ପୂର୍ବେ ଆରବ ଭୂଖଣ୍ଡରେ ଘୋର ଅନ୍ଧ ବିଶ୍ୱାସର ବାତାବରଣ ଥିଲା । ଏକେଶ୍ୱରବାଦର କୌଣସି ଚିହ୍ନବର୍ଣ୍ଣ ନଥିଲା । ଯେତେବେଳେ ଏ ଅନ୍ଧବିଶ୍ୱାସ ସେଠାକାର ସମାଜକୁ ସଂପୂର୍ଣ୍ଣ ଗ୍ରାସ କରିବାକୁ ଲାଗିଲା ଓ କୁସଂସ୍କାର ଜଳ ସ୍ଥଳେ ସର୍ବତ୍ର ବ୍ୟାପିଗଲା, ସେତେବେଳେ (ମୁସଲମାନ ଧର୍ମବିଶ୍ୱାସ ଅନୁଯାୟୀ) ଅଲ୍ଲାହ ଚାହିଁଥିଲେ ଯେ ଲୋକମାନେ କେବଳ ତାହାଙ୍କ ନାମ ସ୍ମରଣ କରନ୍ତୁ । ମନୁଷ୍ୟ ଜୀବବଳି ପରି କୁପ୍ରଥାରୁ ଦୂରେଇ ଯାଆନ୍ତୁ ଓ ସେମାନେ ଯେପରି ନର୍କଗାମୀ ହେବାରୁ ବଂଚିତ ହୋଇଯାଆନ୍ତେ । ଫଳରେ ଅଲ୍ଲାହ ସମସ୍ତଙ୍କ ଦୃଷ୍ଟିର ଅନ୍ତରାଳରେ ରହି ଏକ ମହାନ ନାଟକର ସଂରଚନା କରିଥିଲେ, ଯାହା ସବୁ ଦିନ ପାଇଁ ସ୍ମରଣୀୟ ହୋଇ ରହିଗଲା ଏବଂ ବଳିଦାନର ପ୍ରକୃତ ଅର୍ଥ ପ୍ରକାଶ ପାଇଲା । ପ୍ରକୃତ କୁରବାନୀ କିପରି ହେବା ଦରକାର ତାହା ବୁଝାପଡ଼ିଲା । ସେଥିପାଇଁ ଆଜି ଆମେ 'କୁରବାନୀ ଇଦ' ପାଳନ କରୁଛେ ।

ମୁସଲମାନ ସମ୍ପ୍ରଦାୟର ଲୋକମାନେ ରମଜାନ ଇଦ୍‌ର ପରେ ଇଦୁଲ୍ ଅଜ୍‌ହା ପାଳନ କରନ୍ତି । ପବିତ୍ର କୁରଆନର ସୁରା ଅଲ୍-ସାଫାତ୍‌ରେ ବର୍ଣ୍ଣନା କରାଯାଇଛି, ଯେ ଇବ୍ରାହିମ(ଅବ୍ରାହମ) ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ନିଃସନ୍ତାନ ଥିଲେ ଓ ଏକ ପୁତ୍ର ସନ୍ତାନ ପାଇବା ସକାଶେ ପ୍ରାର୍ଥନା କରିଥିଲେ । ଅଲ୍ଲାହ ତାଙ୍କୁ ଏକ ସନ୍ତାନ ଜନ୍ମର ସୁସମ୍ବାଦ ଦେଇଥିଲେ । ତେବେ ସେହି ପୁତ୍ର ସନ୍ତାନ ଅଲ୍ଲାହଙ୍କ କହିବାନୁଯାୟୀ ଜନ୍ମ ହୋଇ ବଢ଼ିବାକୁ ଲାଗିଲା । ଯେତେବେଳେ ଏହି ବାଳକ ଖେଳକୁଦର ବୟସରେ ଉପନିତ ହେଲା, ସେତେବେଳେ ହଠାତ୍ ଦିନେ ଅଲ୍ଲାହ ଇବ୍ରାହିମଙ୍କୁ ସ୍ୱପ୍ନ ଦ୍ୱାରା ନିର୍ଦ୍ଦେଶ ଦେଲେ, ଯେ 'ତୁ' ତୋର ଏହି ଅତିପ୍ରିୟ ସନ୍ତାନକୁ ବଳି ଦେ । ଏହାପରେ ଇବ୍ରାହିମ ଏହି ଖବର ନିଜ ପୁତ୍ର ଇସମାଇଲ୍‌ଙ୍କୁ ଶୁଣାଇଲେ । ସେହି ଭବ୍ୟ କୋମଳମତି ଆଜ୍ଞାବହ ସନ୍ତାନ ଭକ୍ତ ଭଆରେ ସମ୍ମତି ପ୍ରଦାନ କରିଥିଲେ ଓ ଏହି ନିଷ୍ପତ୍ତିରେ ଅଟଳ ରହିବାର ପ୍ରତିଜ୍ଞା କରିଥିଲେ । ତା'ପରେ ହଜରତ ଇବ୍ରାହିମ ନିଜ ପୁତ୍ର ଇସମାଇଲଙ୍କୁ ବଳିଦେବା ପାଇଁ ଉଦ୍ୟତ ହୁଅନ୍ତେ ତାଙ୍କୁ ଦୈବୀବାଣୀ ହେଲା, ହେ ଇବ୍ରାହିମ ! ତୁମେ ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଛ । ତୁମ ପାଇ ଏହା ଏକ ପରୀକ୍ଷା ଥିଲ । ତୁମେ ପ୍ରକୃତରେ ପୁନ୍ୟବାନ । ଏବଂ ତୁମେ ଏକ ଅଣ୍ଡିରା ମେଣ୍ଢାକୁ ବଳିଦିଅ, ଯାହା ତୁମ ପୁତ୍ରବଳିର ପ୍ରତିବଦଳ ହେବ । ଅଲ୍ଲାହ ତୁମକୁ ଉପଯୁକ୍ତ ପୁରସ୍କାର ଅବଶ୍ୟ ପ୍ରଦାନ କରିବେ ଏବଂ ତୁମ ଆଗାମୀ ବଂଶଧରଙ୍କ ପାଇଁ ଏହି ପୁଣ୍ୟକର୍ମ ଏକ ଆଦର୍ଶ ଦୃଷ୍ଟାନ୍ତ ହୋଇ ରହିବ ।

ଯେହେତୁ ସେତେବେଳେ ମଣିଷ ବଳିର ପ୍ରଚଳନ ଥିଲା, ତେଣୁ ହଜରତ ଇବ୍ରାହିମ ମଧ୍ୟ ଭ୍ରମରେ ପଡ଼ିଯାଇ ନିଜ ପୁତ୍ରକୁ ବଳି ଦେବାପାଇଁ ନେଇ ଯାଇଥିଲେ । କିନ୍ତୁ ଅଲ୍ଲାହଙ୍କ ନିର୍ଦ୍ଦେଶ ଅନୁସାରେ ହଜରତ ଇବ୍ରାହିମ ପୁତ୍ରବଳି ପରିବର୍ତ୍ତେ ମେଷବଳି ଦେଇଥିଲେ, ସେହି ସମୟ ଠାରୁ ପଶୁବଳି ପ୍ରଥା ପ୍ରଚଳନ କରିଥିଲେ ଏବଂ ମନୁଷ୍ୟବଳି ସବୁଦିନ ପାଇଁ ବନ୍ଦ କରି ଦେଇଥିଲେ । ଏହାପରେ ଯେତେବେଳେ ଲୋକମାନଙ୍କ ମଧ୍ୟରେ ଏଭଳି ଅନ୍ଧବିଶ୍ୱାସର ଉଦ୍ରେକ ହୋଇଥିଲା, ହଜରତ ଇବ୍ରାହିମଙ୍କ ଉପରେ ବିଶ୍ୱାସ ରଖୁଥିବା ଲୋକମାନେ ଏହାର ପ୍ରବଳ ବିରୋଧ କରିଥିଲେ ।

ଜଣେ ମୂର୍ତ୍ତି ତିଆରି କରୁଥିବା ବାପର ପୁତ୍ର ହୋଇ ମଧ୍ୟ ହଜରତ ଇବ୍ରାହିମ ଏକ ନିରାକାର ପ୍ରଭୁଙ୍କର ଭକ୍ତ ହୋଇ ପାରିଥିଲେ । ନରବଳିକୁ ଉଚ୍ଛେଦ କରି ପଶୁବଳି ପ୍ରଚଳନ କରିଥିଲେ । ତେଣୁ ବଡ଼ବଡ଼ ଧର୍ମ ସଂପ୍ରଦାୟରେ ହଜରତ ଇବ୍ରାହିମଙ୍କୁ ଜଣେ ସଂସ୍କାରକ ଓ ଯୁଗ ପ୍ରବର୍ତ୍ତକ ଭାବରେ ସମ୍ମାନ ଦିଆଯାଉଛି ଏବଂ ଇସଲାମ ଧର୍ମରେ ତାଙ୍କୁ ନବି(ଅବତାର)ଙ୍କ ସ୍ଥାନ ଦିଆଯାଇଛି । ମୁସଲମାନମାନେ ଯେତେବେଳେ ହଜରତ ମୁହମ୍ମଦ ସଲ୍ଲମଙ୍କୁ ଦରୁଦ୍ ପଠାଇଥାନ୍ତି, ସେତେବେଳେ ହଜରତ ଇବ୍ରାହିମଙ୍କ ନାମ ମଧ୍ୟ ନେଇଥାନ୍ତି ।

ଦୈବୀବାଣୀ ପରେ ଆଉ ଏକ ଘଟଣା ଘଟିଥିଲା । ଯାହାଦ୍ୱାରା ହଜରତ ଇବ୍ରାହିମଙ୍କୁ ନିଜ ପତ୍ନୀ ଓ ପୁତ୍ରଙ୍କ ଠାରୁ ପୃଥକ ହେବାକୁ ପଡ଼ିଥିଲା । ଏହା ମଧ୍ୟ ଅଲ୍ଲାହଙ୍କ ନିର୍ଦ୍ଦେଶ ଅନୁସାରେ ହୋଇଥିଲା । କିଛି ଲୋକ ହଜରତ ଇବ୍ରାହିମଙ୍କୁ ଏକ ସତ୍ୟବାଦୀ ପୁରୁଷ ଭାବେ ଗ୍ରହଣ କରି ତାଙ୍କର ଅନୁଗାମୀ ହୋଇଥିଲେ । ଯେହେତୁ ହଜରତ ଇବ୍ରାହିମ ଏକେଶ୍ୱରବାଦର ପ୍ରଚାର କରୁଥିଲେ, ଅନୁଗାମୀମାନେ ଏହାକୁ ସତ୍ୟ ସିଦ୍ଧାନ୍ତ ଭାବେ ଗ୍ରହଣ କରିଥିଲେ ।

ହଜରତ ଇବ୍ରାହିମଙ୍କୁ ଅଲ୍ଲାହ ନିର୍ଦ୍ଦେଶ ଦେଲେ ଯେ ତୁମେ ନିଜ ପତ୍ନୀ ହଜରତ ହାଜ୍‌ରାଙ୍କୁ ଓ ପୁତ୍ର ହଜରତ ଇସମାଇଲଙ୍କୁ ନେଇ ଏକାନ୍ତରେ ଛାଡ଼ିଆସ । ସେ ଅଲ୍ଲାଙ୍କ ଆଜ୍ଞା ପାଳନ କରି ତାହା ହିଁ କରିଥିଲେ । ଛଅ ବର୍ଷର ପୁତ୍ର ଓ ହଜରତ ହାଜ୍‌ରାଙ୍କୁ ସାଙ୍ଗରେ ନେଇ ଏକ ନିର୍ଜନ ବାଲୁକାମୟ ମରୁଭୂମିରେ ଛାଡ଼ି ଆସିଲେ । ଏହି ଘଟଣା ଆଉ ଏକ ସତ୍ୟ ଘଟଣାର ସୂତ୍ରପାତ କଲା । ନିଜ ପତ୍ନୀ ଓ ପୁଅକୁ ଆରବର ମକ୍କା ମରୁପ୍ରାନ୍ତରେ ଛାଡ଼ି ଆସିବା ପରେ ସେଠାରେ ମାତା ଓ ପୁତ୍ରଙ୍କର ବଂଚିବାର ଏକମାତ୍ର ସମ୍ବଳ ଥିଲା, ଅଳ୍ପ ପାଣି ଓ କିଛି ଖଜୁରୀ କୋଳି । ହଜରତ ଇବ୍ରାହିମ ଘର ମୁହାଁ ହେଲା ବେଳେ ପତ୍ନୀ ହାଜ୍‌ରା ପଚାରିଥିଲେ, ଏପରି କରିବାର ଉଦ୍ଦେଶ୍ୟ କ'ଣ ? ବାରମ୍ବାର ଏହି ପ୍ରଶ୍ନ କରନ୍ତେ ହଜରତ ଇବ୍ରାହିମ ଲୋକତପୂର୍ଣ୍ଣ ଚକ୍ଷୁରେ ଉପରକୁ ଇଙ୍ଗିତ କରିଥିଲେ । ହଜରତ ହାଜ୍‌ରା ବୁଝିପାରିଲେ ଯେ ଏହା ଅଲ୍ଲାହଙ୍କ ନିର୍ଦ୍ଦେଶ । ସେ କହିଲେ, "ଯଦି ଏହା ଅଲ୍ଲାହଙ୍କର ଇଛା, ତେବେ ଆପଣ ଆମକୁ ନିଶ୍ଚିତ ହୋଇ ଏଠାରେ ଛାଡ଼ି ଯାଆନ୍ତୁ । ଅଲ୍ଲାହ ଆମକୁ କେବେହେଲେ ନଷ୍ଟ କରିବେ ନାହିଁ ।" କିଛି ଦିନପରେ ପାଖରେ ଥିବା ଖଜୁରୀ କୋଳି ଓ ପାଣି ସରିଗଲା । ଶିଶୁ ପୁତ୍ର ଇସମାଇଲଙ୍କୁ ପ୍ରବଳ ଶୋଷ ହେଲା ଓ ସେ କାନ୍ଦିବାକୁ ଲାଗିଲେ । ହଜରତ ହାଜ୍‌ରା ଅତି ବ୍ୟାକୁଳ ହୋଇ ଅନତି ଦୂରରେ ଥିବା ଦୁଇଟି ପାହାଡ଼ "ସଫା" ଏବଂ "ମରୱା" ଉପରେ ସାତଥର ଚଢ଼ି ପାଣି ଖୋଜିଥିଲେ । କୌଣସି ସ୍ଥାନରେ ପାଣିର ସନ୍ଧାନ ମିଳିଲା ନାହିଁ । ହଜରତ ହାଜ୍‌ରା ଆର୍ତ୍ତନାଦ କରିଥିଲେ" କ'ଣ ଅଲ୍ଲାହଙ୍କର କେହି ପୁଣ୍ୟବନ୍ତ ଭକ୍ତ ଅଛି, ଯେ ଆମକୁ ପାଣି ଯୋଗାଇ ପାରିବ ?" ସେତେବେଳେ ଦୈବୀବାଣୀ ଦ୍ୱାରା ତାଙ୍କୁ ଜଣାଇ ଦିଆଗଲା ଯେ ତୁମ ସନ୍ତାନର ଆବଶ୍ୟକତା ପୂରଣ ହୋଇଯାଇଛି । ସତକୁ ସତ ସେ ପାହାଡ଼ରୁ ତଳକୁ ଓହ୍ଲାଇ ଦେଖିଲେ ଯେ ପୁତ୍ର ଇସମାଇଲଙ୍କ ଗୋଇଠି ଘର୍ଷଣରୁ ବାଲି ମଧ୍ୟରୁ ଏକ କ୍ଷୁଦ୍ର ଝରଣା ସୃଷ୍ଟି ହୋଇଛି । ସେମାନେ ସେହି ଝରଣା କୂଳରେ ନିଜର ଡ଼େରା ପକାଇଲେ । କ୍ରମଶଃ ସେହି ସ୍ଥାନ ବଣିକମାନଙ୍କର ମଧ୍ୟ ଏକ ବିଶ୍ରାମଗାରରେ ପରିବର୍ତ୍ତିତ ହେଲା । ଏହି ସ୍ଥାନକୁ ଏକ ପବିତ୍ର ସ୍ଥାନ ରୂପେ ଗ୍ରହଣ କରାଯାଏ ଓ ଏଠାରୁ ଯେଉଁ ପାଣି ବାହାରିଥିଲା, ପରବର୍ତ୍ତୀ ସମୟରେ ତାହା ଏକ ଝରଣାରେ ପରିଣତ ହେଲା । ଏବଂ ଏହା 'ଆବେ ଜମ୍ ଜମ୍"(ଅର୍ଥାତ୍ ଏ ପାଣି ତୁ ଅଟକି ଯା') ନାମରେ ବିଖ୍ୟାତ ।

କୁରବାନୀର ଅନ୍ତର୍ନିହିତ ଶିକ୍ଷା ହେଉଛି "ନିଜର ସର୍ବସ୍ୱକୁ ଈଶ୍ୱରଙ୍କ ପାଇଁ ଓ ମାନବ କଲ୍ୟାଣ ପାଇଁ ଉତ୍ସର୍ଗ କରିଦେବା ।" ହଜରତ ଇବ୍ରାହିମଙ୍କ ସମୟରେ ପଶୁବଳି ପ୍ରଥା ପ୍ରଚଳିତ ହୋଇଥିଲା । ଏହାକୁ ସେ ସମୟର ଖ୍ରୀଷ୍ଟିଆନ ଓ ୟହୁଦୀ ଧର୍ମାବଲମ୍ବୀମାନେ ମଧ୍ୟ ଗ୍ରହଣ କରିଥିଲେ । ପରବର୍ତ୍ତୀ ସମୟରେ ଏହି ପଶୁବଳି ପ୍ରଥାକୁ ହଜରତ ମହମ୍ମଦ ସଲ୍ଲମ ନିୟମିତ ରୀତିରେ ପରିଣତ କରିଥିଲେ । ସମସ୍ତ ହଜ ଯାତ୍ରୀଙ୍କ ସକାଶେ ପଶୁବଳି ଦେବା ଧାର୍ଯ୍ୟ କରି ଦିଆଗଲା । ସମଗ୍ର ମୁସଲମାନମାନଙ୍କ ପାଇଁ କୁରବାନୀ କରିବାକୁ ଏକ ଆଦର୍ଶ ଭାବେ ଗ୍ରହଣ କରାଗଲା ।

କେତେକ ଅନୁଚରଙ୍କ ପ୍ରଶ୍ନର ଉତର ଦେଇ କୁରବାନୀର ଉଦ୍ଦେଶ୍ୟ ଓ ମହତ୍ୱ ବିଷୟରେ ନବି ଶ୍ରେଷ୍ଠ ହଜରତ ମୁହମ୍ମଦ ସଲ୍ଲମ କୁହନ୍ତି ଯେ 'ଏହା ହେଉଛି ସୁନ୍ନତ୍(ମୋର ଅନୁସୃତ ପନ୍ଥା) । ଏହାପରେ ଅଲ୍ଲାହ ପବିତ୍ର କୋରାନର ସୁରା ଅଲ୍ ହଜ୍‌ରେ ଏହି ଆୟତ ଅବତୀର୍ଣ୍ଣ କଲେ "ତୁମମାନଙ୍କ କୁରବାନୀ ପଶୁର ମାଂସ ବା ରକ୍ତ ଅଲ୍ଲାଙ୍କ ଠାରେ ଗୃହୀତ ହୁଏ ନାହିଁ । ଯାହା ଗୃହୀତ ହୁଏ, ତାହା ହେଉଛି ଅଲ୍ଲାହଙ୍କ ପ୍ରତି ଭକ୍ତି ।"

ଅନ୍ୟ ଧର୍ମାବଲମ୍ବୀଙ୍କର କୁରବାନୀ ପ୍ରଥାଠାରୁ ଇସଲାମୀ କୁରବାନୀ ପ୍ରଥାରେ ପାର୍ଥକ୍ୟ ରହିଛି । ହଜରତ ମୁହମ୍ମଦ ସଲ୍ଲମଙ୍କ ଶିକ୍ଷାରେ ଅନୁପ୍ରାଣୀତ ହୋଇ ଏଯୁଗର କଳକୀ ଅବତାର ତଥା ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ ନିଜ ପୁସ୍ତକ "ଖୁତ୍‌ବା ଇଲ୍‌ହାମିଆ"ରେ ବ୍ୟାଖ୍ୟା କରିଛନ୍ତି ଯେ ଯେଉଁବ୍ୟକ୍ତି ନିଜକୁ ଅଲ୍ଲାହ ପାଖରେ ଆତ୍ମ ସମର୍ପଣ କରିଦିଏ... । ସେ ହିଁ ପ୍ରକୃତ ମୁସଲମାନ ପଦବାଚ୍ୟ ।

ସୁତରାଂ ଏହି ଇଦ୍‌ର ଶିକ୍ଷା ହେଉଛି ତ୍ୟାଗର ମନୋଭାବ ନେଇ ପ୍ରଥମେ କିଛି ଅଲ୍ଲାହଙ୍କ ଉଦ୍ଦେଶ୍ୟରେ ଓ ମାନବ କଲ୍ୟାଣ ପାଇଁ ଉତ୍ସର୍ଗ କର । ଏହାପରେ ଯେଉଁ ଆନନ୍ଦ ମିଳେ ତାହା ହିଁ ପ୍ରକୃତ ଆନନ୍ଦ । ଇଦୁଲ୍ ଅଜ୍‌ହା ଆମକୁ କେବଳ ପଶୁବଳି ଦେବାର ଶିକ୍ଷା ଦେଇନଥାଏ,ବରଂ ଆମେ ନିଜର ଧନ-ଜନ, ମାନ-ସମ୍ମାନ, ଓ ସମୟର କୁରବାନୀ ଦେଇ ଅଲ୍ଲାହଙ୍କ ସାନିଧ୍ୟ ହାସଲ କରିବା ଓ ମାନବ କଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କରିବା ପାଇଁ ମଧ୍ୟ ଶିକ୍ଷା ଦେଇଥାଏ । ଏହାହିଁ ହେଉଛି ସମୟର ଆହ୍ୱାନ ।

ମଙ୍ଗଳାବାଗ-କଟକ
ମୋ : ୯୬୯୨୨୨୫୦୫୭

ଗଂଜାମର ସିଂହ ଅଶ୍ୱିନୀ ସାହୁ ଆଉ ନାହାନ୍ତି

॥ ଶ୍ରୀ ଭାଗବତ ପାଢୀ ॥

ଗତ ୨୫ ତାରିଖ ଥିଲା ଦିବଂଗତ ଅଶ୍ୱିନୀ ସାହୁଙ୍କର ଦ୍ୱାଦଶ ତିଥି । ସମସ୍ତ ବନ୍ଧୁ,ପରିବାରବର୍ଗ ଓ ଶୁଭେଚ୍ଛୁ ବ୍ରହ୍ମପୁର ଲୋଚାପଡାର ଡମ୍ବରୁ କଲ୍ୟାଣ ମଣ୍ଡପରେ ଏକତ୍ର ହୋଇ ସେହି ଦିବଂଗତ ଆତ୍ମାଙ୍କ ନିକଟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।ସତେ ଯେମିତି ଲାଗୁଥିଲା ଅଶ୍ୱିନୀ ବାବୁ ବାହାରକୁ କୁଆଡେ ଯାଇଛନ୍ତି । କିନ୍ତୁ କେହି ଭାବି ନଥିଲେ ସେ ନିର୍ଜୀବ ଶରୀର ହୋଇ ଚାଲିଯିବେ ଛାଡି କିଛି ଅସ୍ଥି ଓ ପାଉଁଶ । ଏସବୁ ସେହି ବିଧାତାର ଖେଳ,ଯେଉଁ ଖେଳରେ ମଣିଷ ସମର୍ପିତ ହେବାକୁ ବାଧ୍ୟ ।କିନ୍ତୁ ସାମାନ୍ୟ ୫୨ ବର୍ଷରେ ଯୁବ ସୁଲଭତା ଭିତରେ କେତେଯେ ସମଗ୍ର ଓଡ଼ିଶାରେ କାର୍ଯ୍ୟ ବିସ୍ତାର କରିଥିଲେ,ଏହା ସ୍ୱପ୍ନ ଭଳି ଲାଗେ । ଗଂଜାମ ଜିଲ୍ଲାର କୁକୁଡାଖଣ୍ଡି ବ୍ଲକର ଲୋଚାପଡା ପଂଚାୟତର ସମିତି ସଭ୍ୟ ହିସାବରେ ନିଜର ରାଜନୈତିକ ଜୀବନ ଆରମ୍ଭ କରି ଶୃଙ୍ଖଳିତ ଅନୁଶାସନ ଭିତରେ ବିଜୁ ଜନତା ଦଳର ଜଣେ ଆଗୁଆ ଧାଡିର ନେତା ରୂପେ ସ୍ୱୀକୃତି ପାଇଥିଲେ ।ନିଜର ଶାଣିତ ମସ୍ତିଷ୍କ ଦ୍ୱାରା ବିଜେଡିର ପୁରୋଧା ନବୀନ ପଟ୍ଟନାୟକଙ୍କ ନିଜର ହୋଇପାରିଥିଲେ । ଯାହା ପ୍ରମାଣ କରିଥିଲା ତାଂକର ଦ୍ୱାଦଶ ତିଥିରେ ଫୋଟ ନିକଟରେ ଥିବା ସେହି ବିଜେଡି ସୁପ୍ରିମୋଂଙ୍କ ଲେଖାଥିବା କିଛି ଧାଡିର ଶ୍ରଦ୍ଧାଞ୍ଜଳି ଓ ସମବେଦନାର ବାର୍ତ୍ତା । ଆଜି ସେ ଛାଡିଯାଇଛନ୍ତି ନିଜର ପୁତ୍ର ବିଜୁ ଓ କନ୍ୟା ମେଘାଙ୍କୁ । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମ ଅନୁସାରେ ତାଙ୍କର ପୁଅର ନାମ ରଖିଥିଲେ ବିଜୁ । ଛାଡିଯାଇଛନ୍ତି ନିଜର ଆଶୀର୍ବାଦର ଆଲୋକ ନିଜର ବାପାମାଆଙ୍କୁ ।ଭଗବାନଙ୍କ ଏ କି ପରୀକ୍ଷା ! ସେମାନଙ୍କର ଉପସ୍ଥିତିରେ ନିଜର ତ୍ୟାଗୀ ପୁଅର ଶୁଦ୍ଧି କାର୍ଯ୍ୟ ସମ୍ପାଦନ କରିବାପାଇଁ ।କୁହାଯାଏ ସମୟ ଓ ସମୁଦ୍ରର ଲହଡି ଅଟକେ ନାହିଁ ।ତାଗିନିଏ ଯେତେବେଳେ ଇଚ୍ଛା କରେ ।ବୋଧହୁଏ ଲୋଚାପଡାବାସୀ ଦେଖିଲେ ଆଉ ଜଣେ ଗୋପବନ୍ଧୁଙ୍କୁ ।ସେହି ସମବୟସରେ ବିଦାୟ ଦେବାକୁ ।ସେ ଚାଲିଗଲେ ସତ,କିନ୍ତୁ ଛାଡି କିଛି ଅସମ୍ପୂର୍ଣ୍ଣ କର୍ତ୍ତବ୍ୟ ଓ ବିକାଶର ଧାରାକୁ । ହୁଏତ ଏହି ପୁଣ୍ୟଭୂମିରେ ଆଉ କିଛି ବ୍ୟକ୍ତି ଉପକୃତ ହୋଇଥାନ୍ତେ ଯଦି ଆଉ କିଛି ଦିନ ବଂଚି ଥାନ୍ତେ । ଭାଗ୍ୟନିୟନ୍ତାର କ୍ରୁର ଆଦେଶରେ ଲୀନ ହୋଇଗଲେ ଏହି ଭବ ଭୂମିରେ,କେବଳ ନିଜର ଶ୍ରେଷ୍ଠ ସମ୍ମାନ ଛାଡି । ଯାହା ପ୍ରମାଣ କଲା ନିଜର ଦ୍ୱାଦଶ ତିଥିରେ । କିଛି ନେତୃସ୍ଥାନୀୟ ଯଥା:-ବିଜେଡିର ବରିଷ୍ଠ ସଦସ୍ୟ ସୁଭାଷ ମହାରଣା, ଗଜପତି ଜିଲ୍ଲା ଆର.ଉଦୟଗିରି ପଂଚାୟତର ପୂର୍ବତନ ସରପଂଚ ସଂଯୁକ୍ତା ପୂଜାରୀ, ସମାଜସେବୀ ଡ.ଜି.ଜଗନ୍ନାଥ ରାଜୁ, ଭାଗବତ ପାଢୀ ତଥା ଆହୁରି ଅନେକ ଶୁଭେଚ୍ଛୁଂଙ୍କ ଉପସ୍ଥିତି ।

ସମାଜସେବୀ, ପାରଳାଖେମୁଣ୍ଡି, ଗଜପତି

ଘରେ ପାଇଖାନାର ଉପଯୁକ୍ତ ସ୍ଥାନ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଆଜିକାଲି ଘରଟିଏ ତୋଳିଲେ ପାଇଖାନାଟିଏ ରଖିବା ନିତାନ୍ତ ଆବଶ୍ୟକ । କିନ୍ତୁ ପୂର୍ବକାଳରେ ଗୃହ ମଧ୍ୟରେ ପାଇଖାନାର ସ୍ଥାନ ନଥିଲା । ପୁରାତନ ବାସ୍ତୁଶାସ୍ତ୍ର 'ମୟମ୍ ମତ୍‌ମ୍'ରେ ବର୍ଣ୍ଣନା କରାଯାଇଛି ଯେ, ଉତର-ପଶ୍ଚିମ ବାୟୁ କୋଣରେ ମଳତ୍ୟାଗ କରିବା ଉଚିତ । ବର୍ତ୍ତମାନ ଏହାର ବ୍ୟତିକ୍ରମ ଦେଖାଯାଉଛି । ଯେଉଁ କାରଣରୁ ମାରାତ୍ମକ ରୋଗ ସୃଷ୍ଟି ହେଉଛି । ବାତ, ପିତ, କଫର ସମାନତା ରହୁନାହିଁ । ଗୃହର ଉତର ଦିଗରେ ପାଇଖାନା ନିର୍ମାଣ କଲେ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ କଳହ ଓ ସ୍ୱାସ୍ଥ୍ୟହାନି, ଗୃହର ଐଶାନ୍ୟ କୋଣରେ ପାଇଖାନା ମାରାତ୍ମକ ରୋଗ, ଗୃହର ପୂର୍ବଭାଗରେ ପାଇଖାନା ହୃଦରୋଗ, ଗୃହର ଦକ୍ଷିଣ ଭାଗରେ ପାଇଖାନା ନିର୍ମାଣ ହେବା ଦ୍ୱାରା ସନ୍ତାନମାନେ ଗୃହ ପ୍ରତି ବିମୁଖୀ ହୋଇଥାନ୍ତି ।

ଗୃହରେ ଦକ୍ଷିଣ-ପଶ୍ଚିମ ନୈଋତ୍ୟ କୋଣରେ ପାଇଖାନା ରହିଲେ ହୃଦରୋଗ, କିଡ଼ନୀ ଓ ଲିଭରରେ ରୋଗ ସୃଷ୍ଟି ହୋଇଥାଏ । ସ୍ନାୟବିକ ଯନ୍ତ୍ରଣା ମଧ୍ୟ ଦେଖାଯାଇଥାଏ । ଘରର ବ୍ରହ୍ମ ସ୍ଥାନରେ ପାଇଖାନା ମହିଳାମାନଙ୍କର ବିଭିନ୍ନ ରୋଗ ସୃଷ୍ଟି କରିଥାଏ । ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁସାରେ ବାସ୍ତୁଶାସ୍ତ୍ର କହେ, ଉତର ଅଧିପତି ବୁଧ, ଐଶାନ୍ୟର ଅଧିପତି ବୃହସ୍ପତି, ପୂର୍ବର ଅଧିପତି ରବି, ଅଗ୍ନିକୋଣର ଅଧିପତି ଶୁକ୍ର ଓ ମଙ୍ଗଳ, ଦକ୍ଷିଣର ଅଧିପତି ରାହୁ, ଦକ୍ଷିଣ-ପଶ୍ଚିମର ଅଧିପତି ଶନି, ବାୟୁକୋଣର ଅଧିପତି ଚନ୍ଦ୍ର । ଏଣୁ କେବଳ ବାୟୁ କୋଣରେ ପାଇଖାନା ନିର୍ମାଣ କଲେ ଗୃହରେ ସୁଖଶାନ୍ତି ବିରାଜମାନ କରିଥାଏ । ଅନ୍ୟ ସ୍ଥାନରେ ପାଇଖାନା ଥିଲେ ଅଯଥା ସମସ୍ୟାରେ ପୀଡ଼ିତ ହେବେ ଓ କେବଳ ଭାଗ୍ୟକୁ ଦୋଷ ଦେବେ । ଯଦି ଭୁଲ ସ୍ଥାନରେ ପାଇଖାନା ରହିଛି ଓ ରୋଗ ଦୁଃଖ, କଷ୍ଟ ଭୋଗ କରୁଛନ୍ତି ତେବେ ଚିନ୍ତା ନ କରି ବୈଜ୍ଞାନିକ ପଦ୍ଧତିରେ ଉପାୟ ଓ ଉପଚାର କଲେ ସୁଫଳ ମିଳିବ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ :
୯୪୩୭୦୩୧୨୫୩

କୃତ୍ରିମ ବୁଦ୍ଧିମତ୍ତା : ଆମ ଜୀବନରେ ସମ୍ଭାବନା ଓ ଆହ୍ୱାନ

॥ ସୁକାନ୍ତ ଛାଟୋଇ ॥

ମାନବ ଜାତିର ସମୃଦ୍ଧିରେ କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ ଇଂଟେଲେଜନ୍ସି ବାସ୍ତବରେ ହେଉଛି ମେସିନଗୁଡ଼ିକ ଦ୍ୱାରା ମାନବୀୟ ବୁଦ୍ଧିରେ ଅନୁକରଣୀୟ । ଏହି ଅନୁକରଣର ସର୍ବୋଚ୍ଚ ଯନ୍ତ୍ରଟି ଏପରି ଏକ ବ୍ୟବସ୍ଥା ଯାହା ଆମେ ଯେମିତି ଭାବିଥାଉ, ଶିଖିଥାଉ, ଆଲୋଚନା, ବିଶ୍ଳେଷଣ ସମୀକ୍ଷା କରିପାରୁ ଏପରିକି ନିଷ୍ପତି ମଧ୍ୟ ନେଇପାରୁ । ଏ ସବୁ କାମ ଏହି କୃତ୍ରିମ ବୁଦ୍ଧିମତା ଦ୍ୱାରା ସମ୍ଭବ ହେଉଛି । କୃତ୍ରିମବୁଦ୍ଧିମତା ହେଉଛି ଏକ ପ୍ରଯୁକ୍ତି ଯାହା ମେସିନ ଗୁଡ଼ିକୁ ମାନବୀୟ ବୁଦ୍ଧି, ଚିନ୍ତନ ଓ ଶିକ୍ଷା ଶକ୍ତି ଦେଇଥାଏ । ଏହା ମାନବ ପରି ତଥ୍ୟ ବିଶ୍ଳେଷଣ କରି ଅନୁଭବରୁ ଶିଖି ନିଷ୍ପତି ନେଇପାରେ ।

କୃତ୍ରିମ ବୁଦ୍ଧିମତା କମ୍ପ୍ୟୁଟର ବିଜ୍ଞାନର ଏକ ଶାଖା ରୂପେ ଆରମ୍ଭ ହୋଇଥିଲା । ଏହାର କାମ ଥିଲା ମେଶିନ ଗୁଡ଼ିକୁ ମଣିଷ ପରି ଆଚରଣ ବା ଚିନ୍ତା କରିବାର ତାଲିମ ଦେବା । ଏହା କମ୍ପ୍ୟୁଟର ଗୁଡ଼ିକକୁ ଅଭିଜ୍ଞତାରୁ ଶିଖିବା, ଆକୃତି ଚିହ୍ନିବା ଏବଂ ନିଷ୍ପତି ନେବାର ଶକ୍ତି ପ୍ରଦାନ କରେ । ଯେତେବେଳେ ଆପଣ ରାସ୍ତା ଖୋଜିବା ପାଇଁ ଗୁଗୁଲ ମେପସ ବ୍ୟବହାର କରନ୍ତି ବା ସ୍ମାର୍ଟଫୋନ ଆପଣଙ୍କ ମୁହଁକୁ ଚିହ୍ନି ଅନଲକ ହୁଏ, କିମ୍ବା ଯେତେବେଳେ ନେଟଫ୍ଲିକ୍ସ ଆପଣଙ୍କ ପସନ୍ଦର ଚଳଚିତ୍ର ସୁପାରିଶ କରେ ସେତେବେଳେ କୃତ୍ରିମ ବୁଦ୍ଧିମତାରୂପତାପ ତାର କାମ କରୁଥାଏ । ଆମ ଅଜାଣତରେ ଆମର ଘର, ଫୋନ, ଅଫିସ ଏବଂ ଏପରିକି ଆମ କଳ୍ପନାରେ ମଧ୍ୟ କୃତ୍ରିମ ବୁଦ୍ଧିମତା ପ୍ରବେଶ କରିସରିଲାଣି ।

ବର୍ତ୍ତମାନ କୃତ୍ରିମ ବୁଦ୍ଧିମତାର ବିକାଶ ଯଥେଷ୍ଟ କ୍ଷେତ୍ରରେ ବଢ଼ିଛି । ପରିବେଶ ଉପରେ ମଧ୍ୟ ଏହାର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ଏହାର ବ୍ୟବହାର ଏପରି ବ୍ୟବସ୍ଥିତ ଯାହାଦ୍ୱାରା ତାପଜ ବିଦ୍ୟୁତ ଉପରେ ନିର୍ଭର କରି ପରିବେଶ କ୍ଷେତ୍ରକୁ ଅଧିକ ବିକଶିତ କରିଥାଏ । ସୃଜନଶୀଳତା ହେଉଛି ମଣିଷର ସବୁଠାରୁ ଅନନ୍ୟ ଗୁଣ ମଧ୍ୟରୁ ଗୋଟିଏ । ଏହା ହେଉଛି ସୃଜିଙ୍ଗ, ଯାହା ଆମକୁ ଉଦ୍ଭାବନ, ଚିତ୍ର ଆଙ୍କିବା, ଗୀତ ଲେଖିବା ଏବଂ ନୂତନ ଉପାୟରେ ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରେ । ସୃଜନଶୀଳତା କେବଳ କଳାକାର କିମ୍ବା ଲେଖକଙ୍କ ମଧ୍ୟରେ ସୀମିତ ନୁହେଁ । ଜଣେ ଚାଷୀ ଯିଏ ଚାଷ କରିବାର ଏକ ଉତମ ଉପାୟ ଖୋଜନ୍ତି, ଜଣେ ଶିକ୍ଷକ ଯିଏ ଶିକ୍ଷା ଦେବା ପାଇଁ ଏକ ମଜାଦାର ଉପାୟ ବାହାର କରନ୍ତି, କିମ୍ବା ଜଣେ ବୈଜ୍ଞାନିକ ଯିଏ ଏକ ନୂତନ ଔଷଧ ଆବିଷ୍କାର କରନ୍ତି ସମସ୍ତେ ନିଜର ସୃଜନଶୀଳତା ବ୍ୟବହାର କରନ୍ତି, ଯାହା କଳ୍ପନା, ଭାବନା ଏବଂ ଅଭିଜ୍ଞତାରୁ ଆସେ ।

ବିଗତ ଅଳ୍ପ କିଛି ବର୍ଷ ମଧ୍ୟରେ ଏଆଇ ମାନବ ଜୀବନର ପ୍ରାୟ ସମସ୍ତ କ୍ଷେତ୍ରରେ ପ୍ରବେଶ କରିଛି ଏବଂ ଆର୍ଥିକଓ ସାମାଜିକ ପରିବର୍ତ୍ତନ ଆଣୁଛି । କୃଷି କ୍ଷେତ୍ରରେ ଏଆଇର ବ୍ୟବହାର ବ୍ୟାପକ ହେବାରେ ଲାଗିଛି । କୃଷି ଉତ୍ପାଦନ ଓ ପ୍ରଶାସନ କ୍ଷେତ୍ରରେ ଏଆଇ ଅନେକ ସହାୟତା କରିପାରୁଛି । ଡ୍ରୋନ ଓ ସେନ୍‌ସର ଦ୍ୱାରା ଫସଲର ଅବସ୍ଥା, ମାଟିର ଆର୍ଦ୍ରତା ଓ ଉର୍ବରତା ମାପ ଯାଇ ପାରୁଛି । ଉପଗ୍ରହ ତଥ୍ୟ ଓ ମେଶିନ ଲର୍ଣ୍ଣିଂ ମଡ୍ଲ ଦ୍ୱାରା ପାଣିପାଗ ଓ ଫସଲ ଉତ୍ପାଦନର ପୂର୍ବାନୁମାନ ସମ୍ଭବ ହୋଇଛି । ଏଆଇ ଆଧାରିତ ସ୍ମାର୍ଟ ଜଳ ସେଚନ ଓ କୀଟପତଙ୍ଗ ନିୟନ୍ତ୍ରଣ ପ୍ରଣାଳୀ ଚାଷୀଙ୍କୁ ବହୁ ପରିମାଣରେ ସାହାଯ୍ୟ କରୁଛି । ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରକୁ ଦେଖିଲେ, ସ୍ୱାସ୍ଥ୍ୟ ସେବାରେ ଏଆଇର ଅବଦାନ ଅସାଧାରଣ । ରୋଗ ଚିହ୍ନଟରେ ଏଆଇ ଡାକ୍ତରମାନଙ୍କୁ ଅନେକ ମାତ୍ରାରେ ସହାୟତା କରୁଛି । ଯେପରି ଏକ୍ସରେ, ଏମଆରଆଇ ଓ ସିଟି ସ୍କାନରେ କ୍ୟାନସର କିମ୍ବା ଅନ୍ୟ ରୋଗ ଚିହ୍ନଟ ଏଆଇ ଦ୍ୱାରା ସହଜ ହୋଇଛି । ଏଥିସହିତ, ଏଆଇ ଦ୍ୱାରା ନୂଆ ଔଷଧ ଆବିଷ୍କାର ଓ ବ୍ୟକ୍ତିଗତ ଚିକିତ୍ସାରେ ଅଗ୍ରଗତି ହେଉଛି । ଭର୍ଚୁଆଲ ହେଲଥ ଆସିଷ୍ଟାଂଟ ଓ ଚାଟବଟ୍ ରୋଗୀମାନଙ୍କୁ ଅନେକ ସୁବିଧା ଯୋଗାଇ ଦେଉଛି । ଶିକ୍ଷା କ୍ଷେତ୍ର ମଧ୍ୟ ଏଥିରେ ପଛରେ ପଡ଼ିନାହିଁ । ଏଆଇର ସର୍ବାଧିକ ବ୍ୟବହାର ଶିକ୍ଷା କ୍ଷେତ୍ରରେ ହେଉଛି । ଉଭୟ ଛାତ୍ର ଓ ଶିକ୍ଷକ ଏଆଇରୁ ଅନେକ ମାତ୍ରାରେ ଲାଭବାନ ହୋଇପାରିଛନ୍ତି । ଭାଷା ଶିକ୍ଷା, ଅନଲାଇନ କୋର୍ସ ଓ ଶିକ୍ଷକ ସହାୟକରେ ଏଆଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି ।

ଜଣେ ବିଶିଷ୍ଟ ବୈଜ୍ଞାନିକ ଷ୍ଟିଫେନ ହକିମ୍ ଆଶଙ୍କା ପ୍ରକାଶ କରିଥିଲେ ଯେ ଏଆଇ ଅଧିକ ସମ୍ମୁନ୍ନତ ହେଲେ ଏହା ବୁଦ୍ଧିମତାରେ ମନୁଷ୍ୟଙ୍କୁ ଅତିକ୍ରମ କରିଯାଇ ଶେଷରେ ମନୁଷ୍ୟକୁ ନିଜର ଦାସ କରିରଖିପାରେ । ବର୍ତ୍ତମାନର ସମୟକୁ ଦେଖିଲେ କୃତ୍ରିମ ବୁଦ୍ଧିମତାକୁ ନେଇ ଆଧିପତ୍ୟ ବିସ୍ତାର କରିବା ନିମିତ୍ତ ଏକ ଯୁଦ୍ଧର ସ୍ଥିତି ସୃଷ୍ଟି ହେବାକୁ ଯାଉଛି ଯାହାଦ୍ୱାରା ନୈତିକତା ଓ ସଠିକତାରେ କୃତ୍ରିମ ବୁଦ୍ଧିମତାର ଏହି ବିରାଟ ସମ୍ଭାବନା ଅନ୍ଧାରକୁ ଚାଲିନଯାଉ । ଆର୍ଥିକ ଓ ବ୍ୟାଙ୍କିଂ କ୍ଷେତ୍ରରେ ମଧ୍ୟ ଏଆଇର ବ୍ୟବହାରିତା ବଢୁଛି । ଆର୍ଥିକ କ୍ଷେତ୍ରରେ ଏଆଇର ମୁଖ୍ୟ ପ୍ରୟୋଗ ହେଉଛି ଠକେଇ ଚିହ୍ନଟ, ବିଶ୍ଳେଷଣ ଓ ଆର୍ଥିକ ଉପଦେଶ । ବ୍ୟାଙ୍କ ଓ ବୀମା ସଂସ୍ଥାଗୁଡ଼ିକ ଏଆଇ ଆଧାରିତ ଚାଟବଟ୍ ଦ୍ୱାରା ଗ୍ରାହକ ସେବା ଦେଉଛନ୍ତି । ଅଲଗୋରିଥମିକ ଟ୍ରେଡିଂ ଦ୍ୱାରା ଅଳ୍ପ ସମୟରେ ବଡ଼ ବ୍ୟବସାୟିକ ନିଷ୍ପତି ନିଆଯାଉଛି । ଉତ୍ପାଦନ ଓ ଶିଳ୍ପ କ୍ଷେତ୍ରରେ ଏଆଇର ଆଧାରିତ ରୋବୋଟିକ୍ସ ଦ୍ୱାରା ଶିଳ୍ପ କାର୍ଯ୍ୟ ଦ୍ରୁତ ଓ ନିଖୁଣ ଭାବରେ ହୋଇପାରୁଛି । ଯଥାନୁସମୟ ମରାମତି କାର୍ଯ୍ୟ ପ୍ରଣାଳୀ ଦ୍ୱାରା ଯନ୍ତ୍ର ଭାଙ୍ଗିବା ପୂର୍ବରୁ ତାହାକୁ ଚିହ୍ନଟ କରି ମରାମତି କରାଯାଇ ପାରୁଛି । ଜଟିଳ ଯନ୍ତ୍ରପାତି ଗୁଡ଼ିକର ସଠିକ ସମସ୍ୟା ଚିହ୍ନଟ ଦ୍ୱାରା ମରାମତି କାର୍ଯ୍ୟ ସ୍ୱଳ୍ପ ସମୟରେ କରାଯାଇ ପାରୁଛି । ଏହା ଉତ୍ପାଦନ ଖର୍ଚ୍ଚ କମାଏ ଓ ଦକ୍ଷତା ବଢ଼ାଏ । ପରିବହନ ଓ ଲଜିଷ୍ଟିକ ଏଆଇ ଆଧାରିତ ସ୍ୱୟଂ ଚାଳିତ ଯାନ ଓ ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥାପନରେ ପରିବହନ ବ୍ୟବସ୍ଥା ଅନେକ ମାତ୍ରାରେ ସୁଧୁରୁଛି । ସଠିକ ରାସ୍ତା ଚିହ୍ନଟ ଏବଂ ଦ୍ରବ୍ୟ ହସ୍ତାନ୍ତରରୁ ପୂର୍ବାନୁମାନ ଦ୍ୱାରା ଲଜିଷ୍ଟିକ କ୍ଷେତ୍ରରେ ସମୟ ଓ ଅର୍ଥ ଉଭୟ ସଂଚୟ ହୋଇପାରୁଛି । ଶାସନ ଓ ପ୍ରଶାସନ ମଧ୍ୟ ଏଆଇ ଦ୍ୱାରା ନିୟନ୍ତ୍ରଣର ଅଧିକ ବିଧିବ୍ୟବସ୍ଥା ସବୁ ଆସୁଛି । ଏଆଇ ଦ୍ୱାରା ପ୍ରଶାସନ ଓ ସାର୍ବଜନୀକ ସେବା ଅଧିକ ପ୍ରଭାବଶାଳୀ ହୋଇପାରେ । ତଥ୍ୟ ବିଶ୍ଳେଷଣ ଦ୍ୱାରା ସରକାରୀ ଯୋଜନା, ଯୋଗାଯୋଗ ଓ ନୀତି ନିର୍ଦ୍ଧାରଣ ସୁଧାରିପାରେ ।

ଏହା ନିଶ୍ଚିନ୍ତ କୃତ୍ରିମ ବୁଦ୍ଧିମତା ନୂତନ ସୃଜନଶୀଳ ଯୁଗର ଦ୍ୱାର ଖୋଲି ଦେଉଛି । କୃତ୍ରିମ ବୁଦ୍ଧିମତା ବିକଶିତ ହେବାସହ ସୃଜନଶୀଳତାନା ବା ନବ ସୃଜନ ମଧ୍ୟ ବିକଶିତ ହେବ । ଆସନ୍ତା କାଲିର କୃତ୍ରିମ ବୁଦ୍ଧିମତା ଶକ୍ତିଶାଳୀ ହୋଇପାରେ କିନ୍ତୁ ଏହା ଜୀବନ୍ତ ନୁହେଁ । ଏମିତି ବି ହୋଇପାରେ ଶେଷରେ ମାନବ ସୃଜନଶୀଳତା ଏବଂ କୃତ୍ରିମ ବୁଦ୍ଧିମତା ସହଭାଗିତା ଆମ ସମୟର ସବୁଠାରୁ ରୋମାଂଚକର କାହାଣୀ ଭିତରୁ ବି ହୋଇପାରେ ଗୋଟିଏ । ସୁତରାଂ କୃତ୍ରିମ ବୁଦ୍ଧିମତାର ବ୍ୟାପକ ପ୍ରସାର ଆମ ସମାଜ, ଅର୍ଥନୀତି, ପରିଚାଳନା ବ୍ୟବସ୍ଥା, ଦୈନନ୍ଦିନଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିପାରିବ । ଏହା ପୂର୍ବରୁ ସମସ୍ତଙ୍କୁ ଡିଜିଟାଲ ସାକ୍ଷରତା ଅନ୍ତର୍ଭୁକ୍ତ କରିବା ଜରୁରୀ । କୃତ୍ରିମ ବୁଦ୍ଧିମତାର ପ୍ରୟୋଗ କ୍ଷେତ୍ରରେ ବ୍ୟକ୍ତିଗତ ଡାଟା ସୁରକ୍ଷା, ଗୋପନୀୟତା ରକ୍ଷା ଓ ନ୍ୟାୟ ସଙ୍ଗତ ପ୍ରକ୍ରିୟାକୁ ସୁନିଶ୍ଚିତ କରାଯିବା ଅବଶ୍ୟକ । କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଦ୍ୱାରା ଆଗାମୀ ଦିନରେ ସୃଷ୍ଟି ହେବାକୁ ଥିବା ସଙ୍କଟକୁ ଦୂରଦୃଷ୍ଟି ଦ୍ୱାରା ଏବେଠୁ ନିରୂପଣ କରି ସମାଧାନ ଓ ପ୍ରତିକାର ନିମନ୍ତେ ନିରାକରଣ ପ୍ରଣାଳୀ ବିକାଶ କରାଯିବା ଉଚିତ । ଏ ଦାୟିତ୍ୱ ଆମ ସମସ୍ତଙ୍କର ।

ଗୋପରଡ଼ା, ନୂଆବଜାର, କଟକ
ମୋ : ୮୨୪୯୨୬୦୬୨୧

ସିଥୋ ଆରମ୍ଭ

SEITHO ARAMBHA

ହକ୍ ଦାବିରେ ରାଜପଥକୁ ଅଙ୍ଗନୱାଡି କର୍ମୀ : ୧୪ ଦଫା ଦାବିପତ୍ର ଦେଇ ଆନ୍ଦୋଳନ ଚେତାବନୀ

ନୂଆପଡ଼ା, ୨୭/୦୫(ଆ.ପ୍ର) : ନୂଆପଡା ଜିଲ୍ଲାରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ଅସନ୍ତୋଷ ତୀବ୍ର ରୂପ ନେଇଛି । ନିଜର ହକ୍ ଓ ଦୀର୍ଘଦିନର ସମସ୍ୟା ସମାଧାନ ଦାବିରେ ଆଜି ଶତାଧିକ ଅଙ୍ଗନୱାଡି କର୍ମୀ ଏବଂ ସହାୟିକା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ୧୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସେମାନେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି । କର୍ମୀମାନଙ୍କ ଅଭିଯୋଗ ଅନୁଯାୟୀ, ଅଙ୍ଗନୱାଡି କେନ୍ଦ୍ର ପରିଚାଳନା ପାଇଁ ଆବଶ୍ୟକ ଅର୍ଥ ସମୟମତେ ମିଳୁନାହିଁ । ଫଳରେ ସେମାନେ ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରି କେନ୍ଦ୍ର ଚଳାଉଛନ୍ତି କିମ୍ବା ଧାରକରଜ କରିବାକୁ ବାଧ୍ୟ ହେଉଛନ୍ତି । କୋମଳମତି ଶିଶୁମାନଙ୍କ ପାଇଁ ଖାଦ୍ୟ ବାବଦରେ ମିଳୁଥିବା ଅର୍ଥ ମାସ ମାସ ଧରି ବିଳମ୍ବ ହେଉଥିବାରୁ ପୋଷଣ ବ୍ୟବସ୍ଥା ଗଭୀର ଭାବେ ପ୍ରଭାବିତ ହେଉଥିବା ସେମାନେ କହିଛନ୍ତି । ୧୪ ଦଫା ଦାବିପତ୍ରରେ ନିୟମିତ ଦରମା ପ୍ରଦାନ ସହ ୨୦୨୪ ମସିହାରୁ ବକେୟା ଥିବା "ମମତା" କାର୍ଯ୍ୟକ୍ରମର ଇନସେଂଟିଭ୍ ତୁରନ୍ତ ଦେବାକୁ ଦାବି କରାଯାଇଛି । ସେହିପରି ପିଲାମାନଙ୍କ ଜୋତା କିଣା ଅର୍ଥ, କିଶୋରୀ ବାଳିକାଙ୍କ ପୋଷଣ ଅନୁଦାନ, କଂଟିଜେନ୍ସି ଫଣ୍ଡ ବକେୟା, ଘର ଭଡା, ମୋବାଇଲ୍ ରିଚାର୍ଜ ଭତ୍ତା, ଅନୁପସ୍ଥିତି ଭତ୍ତା ଓ ବିଦ୍ୟୁତ ବିଲ୍ ଦେୟ ଶୀଘ୍ର ପ୍ରଦାନ କରିବାକୁ ସଂଘ ଦାବି ଉଠାଇଛି । ଅନ୍ୟପକ୍ଷରେ ମାସ ମାସ ଧରି କେନ୍ଦ୍ରଗୁଡିକୁ ଚାଉଳ ଯୋଗାଣ ବନ୍ଦ ରହିଥିବାରୁ କାର୍ଯ୍ୟ ସଂଚାଳନରେ ଅସୁବିଧା ସୃଷ୍ଟି ହେଉଥିବା କର୍ମୀମାନେ କହିଛନ୍ତି । ୬୦ ବର୍ଷ ପରେ ଫିଟନେସ ସର୍ଟିଫିକେଟ ଆଧାରରେ ପୁନଃନିଯୁକ୍ତି ପ୍ରକ୍ରିୟା ଆରମ୍ଭ ନ ହେବା ଓ ଦୀର୍ଘ ତିନି ବର୍ଷ ଧରି ସୁପରଭାଇଜରମାନଙ୍କ ବଦଳି ନ ହେବାକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି । ଆଜିର ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଅଙ୍ଗନୱାଡି ସଂଘର ସମ୍ପାଦିକା ଚନ୍ଦ୍ରପ୍ରଭା ପାଣିଗ୍ରାହୀ, ସଭାନେତ୍ରୀ ଲୋଭ ଲୁହାରଙ୍କ ସମେତ ପଦ୍ମିନୀ ଶବର, ତପୋବନି ଦୁରିଆ, ରଶ୍ମିତା ପ୍ରଧାନ, ଭାନୁପ୍ରିୟ ନାୟକ ଓ ମୀନା ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ନୂଆପଡା ଜିଲ୍ଲାର ପାଂଚଟି ବ୍ଲକରୁ ଆସିଥିବା ଶତାଧିକ କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜ ଦୁଃଖ ଓ ସମସ୍ୟା ପ୍ରଶାସନ ସମ୍ମୁଖରେ ରଖିଥିଲେ ।

କନ୍ଧମାଳରେ ୧୭ ଜଣ କଂଗ୍ରେସ କର୍ମୀଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ପାଇଁ ଚିଠି ଲେଖିଲେ ରାଜ୍ୟ ସଭାପତି

ବାଲିଗୁଡା, ୨୭/୦୫(ଆ.ପ୍ର) : କନ୍ଧମାଳ ଜିଲା ପ୍ରଦେଶ କଂଗ୍ରେସ କମିଟିର ଜିଲ୍ଲା ସଭାପତି ଚନ୍ଦ୍ରଶେଖର ପରିଡା ଗତ କିଛି ଦିନ ପୂର୍ବରୁ ଦାରିଙ୍ଗବାଡି ଏବଂ ରାଇକିଆ ବ୍ଲକର ମୋଟ ୧୭ ଜଣ ଦଳୀୟ କର୍ମୀ ଓ ନେତାଙ୍କୁ କୌଣସି କାରଣରୁ ନିଲମ୍ବିତ କରିଥିଲେ । ତାଙ୍କୁ ନିଲମ୍ବନ ପ୍ରତ୍ୟାହାର କରିବାକୁ ମଙ୍ଗଳବାର ରାଜ୍ୟ ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସଭାପତି ଭକ୍ତ ଚରଣ ଦାସ ନିର୍ଦ୍ଦେଶ ଦେଇଛନ୍ତି । ସେ ଏହି ନିର୍ଦ୍ଦେଶ ଜିଲା ସଭାପତିଙ୍କୁ ଲେଖିଥିବା ଜଣାପଡିଛି । ଉକ୍ତ ଚିଠିରେ ରାଜ୍ୟ ଉପ ସଭାପତି (ସଂଗଠକ) ସନ୍ତୋଷ ସିଂ ସାଲୁଜାଙ୍କ ଦସ୍ତଖତ ସମ୍ବଳିତ ଚିଠି ହୋଇଥିବା ଜଣାପଡିଛି । ଦାରିଙ୍ଗବାଡି ବ୍ଲକର ତିଆର୍ଡ଼ି ନାୟକଙ୍କ ସମେତ ପ୍ରଭଞ୍ଜନ ନାୟକ, ସନ୍ତୋଷ ପ୍ରଧାନ, ସୁରେନ୍ଦ୍ର ସାହୁ, ଶରତ ଚନ୍ଦ୍ର ପ୍ରଧାନ, ପ୍ରଦୀପ ମଲ୍ଲିକ, ପିଟର ଦିଗାଲ, ବାପୁଜୀ ଦିଗାଲ, ମନୋଜ ପ୍ରଧାନ, ରଞ୍ଜନ ସିଂ ଏବଂ ନାଗେଶ୍ୱର ପ୍ରଧାନଙ୍କୁ ନିଲମ୍ବନ ପ୍ରତ୍ୟାହାର ପାଇଁ ନିର୍ଦ୍ଦେଶ ରହିଛି । ସେହିପରି ରାଇକିଆ ବ୍ଲକର ମଧ୍ୟ ୬ ଜଣଙ୍କୁ ନିଲମ୍ବନ ପ୍ରତ୍ୟାହାର ପାଇଁ ନିର୍ଦ୍ଦେଶ ରହିଥିବା ଚିଠିରେ ଉଲ୍ଲେଖ ରହିଛି ସେମାନଙ୍କ ମଧ୍ୟରେ ପ୍ରକାଶ ଚନ୍ଦ୍ର ପ୍ରଧାନ, ବୀରେନ୍ଦ୍ର ପ୍ରଧାନ, ବିପିନ ଦଳବେହେରା ଓରଫ ବାବୁଲା, ବିଜୟ ସାହୁ, ଆଲିୟ ଦିଗାଲ ଏବଂ ବୁଦ୍ଧଦେବ ମଲ୍ଲିକଙ୍କ ନାମ ରହିଥିବା ଜଣାପଡିଛି । ଏସମ୍ପର୍କରେ ଜିଲାସଭାପତି ଚନ୍ଦ୍ରଶେଖର ପରିଡାଙ୍କ ପ୍ରତିକ୍ରିୟା ନିଆଯିବାରୁ ସେ କହିଥିଲେ ଯେ ଦଳର ନୀତି ଆଦର୍ଶ କୁ ମାନି ଚଳିବା ପାଇଁ ରାଜ୍ୟ ସଭାପତିଙ୍କୁ ସେମାନେ ଜଣାଇଥିଲେ । ତେଣୁ ଦଳ ତାଙ୍କୁ ନିଲମ୍ବନ ପ୍ରତ୍ୟାହାର କରିଛି । କାହିଁକି ସେମାନଙ୍କୁ ନିଲମ୍ବନ କରାଯାଇଥିଲା ବୋଲି ପ୍ରଶ୍ନରେ ଜିଲା ସଭାପତି କହିଥିଲେ ଯେ, କଂଗ୍ରେସର ବିଭିନ୍ନ ସମୟରେ କାର୍ଯ୍ୟକ୍ରମକୁ ଏହିମାନେ ବିରୋଧ କରିଆସୁଥିଲେ । ଏଥିସହ ମହମ୍ମଦ ମୋକିମ ନୂତନ ଦଳ ଗଠନ କରିବା ପାଇଁ ଦାରିଙ୍ଗବାଡି ଗସ୍ତରେ ଆସିଥିଲେ ସେହିସମୟରେ ଦଳୀୟ ନେତା ଓ କର୍ମୀ ତାଙ୍କ ବୈଠକରେ ଯୋଗଦାନ କରିଥିଲେ, ଯାହାକି ଦଳ ବିରୋଧି କାର୍ଯ୍ୟ ବୋଲି ସେ କହିଛନ୍ତି ।

ଲାବଣ୍ୟ ମାଝୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ, ଚନ୍ଦାହାଣ୍ଡି ଚମ୍ପିୟାନ

ଚନ୍ଦାହାଣ୍ଡି, ୨୭/୦୫(ଆ.ପ୍ର) : ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଜୁନାପାଣି ସ୍ଥିତ ଟଙ୍କଧର ମାଝୀ ଷ୍ଟାଡିୟମ ଠାରେ ଲାବଣ୍ୟ ମାଝୀ ଯୁବକ ସଂଘର ଆନୁକୂଲ୍ୟରେ ଆୟୋଜିତ ଲାବଣ୍ୟ ମାଝୀ ସ୍ମାରକୀ ବ୍ଲକ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଂଟ-୨୦୨୬ର ଫାଇନାଲ ମ୍ୟାଚ ଓ ପୁରସ୍କାର ବିତରଣୀ ଉତ୍ସବ ଧୁମଧାମରେ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଚନ୍ଦାହାଣ୍ଡି ଦଳ ସର୍ଗିବେହେଲି ଦଳକୁ ଭେଟିଥିଲା । ୧୦ ଓଭର ବିଶିଷ୍ଟ ଏହି ରୋମାଂଚକର ମ୍ୟାଚରେ ପ୍ରଥମେ ବ୍ୟାଟିଙ୍ଗ କରି ଚନ୍ଦାହାଣ୍ଡି ଦଳ ୧୮୫ ରନ ସଂଗ୍ରହ କରି ପ୍ରତିପକ୍ଷ ଦଳକୁ ୧୮୬ ରନର ବିଶାଳ ଲକ୍ଷ୍ୟ ଦେଇଥିଲା । ଜବାବରେ ସର୍ଗିବେହେଲି ଦଳର ଖେଳାଳିମାନେ ଧୂଆଁଧାର ବ୍ୟାଟିଙ୍ଗ ପ୍ରଦର୍ଶନ କରିଥିଲେ ମଧ୍ୟ ଶେଷରେ ଉପବିଜେତା ହୋଇଥିଲେ । ଚନ୍ଦାହାଣ୍ଡି ଦଳ ବିଜୟୀ ହୋଇ ଚମ୍ପିୟାନ ଟ୍ରଫି ହାସଲ କରିଥିଲା । ଭୈରବ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଚନ୍ଦାହାଣ୍ଡି ସରପଂଚ ଗଙ୍ଗେଶ୍ୱରୀ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବରେଣ୍ୟ ଅତିଥି ଭାବେ ପ୍ରତାପ ବାଘ, ସମିତି ସଭ୍ୟ ପୌରସ ମାଝୀ ଲକ୍ଷ୍ମଣ ମାଝୀ, କ୍ଷେମସିଂ ନାୟକ, କ୍ଷୀରସିନ୍ଧୁ ପୋଡ଼, ଅକାଳୁ ଜାନି, ଗିଙ୍କୁ ଜାନି, ମହେନ୍ଦ୍ର ନାୟକ, ମଧୁସୁଧନ ନାଗେଶ, ଭୁବନେ ଓ ବରିଷ୍ଠ ଶିକ୍ଷକ ଚନ୍ଦ୍ରଧ୍ୱଜ ଡଙ୍ଗରି, ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଲାବଣ୍ୟ ମାଝୀଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଚମ୍ପିୟାନ ଚନ୍ଦାହାଣ୍ଡି ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ଏବଂ ରନରଅପ ସର୍ଗିବେହେଲି ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ । ଫାଇନାଲ ମ୍ୟାଚରେ ସର୍ବାଧିକ ରନ କରିଥିବା ଚନ୍ଦାହାଣ୍ଡି ଦଳର ପୌରଷ ମାଝୀଙ୍କୁ "ମ୍ୟାନ ଅଫ ଦି ମ୍ୟାଚ" ଏବଂ କାହ୍ନୁଙ୍କୁ "ମ୍ୟାନ ଅଫ ଦି ସିରିଜ" ପୁରସ୍କାର ପ୍ରଦାନ କରାଯାଇଥିଲା । ଆଜିର ମ୍ୟାଚରେ ଦୁଖୀ ଓ କୁଞ୍ଜ ଅମ୍ପାୟର ଦାୟିତ୍ୱ ତୁଲାଇଥିବା ବେଳେ ହେମନ୍ତ ସିଂହ୍ନା ଭାଷ୍ୟକାର ଏବଂ ତାରାକାନ୍ତ ପୂଜାରୀ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ । ବୁଲୁ, ଅର୍ଜୁନ, ସୁରେଶ, ବୃନ୍ଦାବନ, ଆକାଶ, ମିଂଟୁ, ମହେନ୍ଦ୍ର, ବିମଳ, ମନିଷ, ତ୍ରିପତି, ନେପାଳ, ପିଂଟୁ, ଉମେଶ,ଡେଲୁ, ଲିପୁନ ଓ କୁଳେସଙ୍କ ସମେତ ଲାବଣ୍ୟ ମାଝୀ ଯୁବକ ସଂଘର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ । ଶେଷରେ ଗୌରୀ ଶଙ୍କର ଡ଼ଙ୍ଗରି ସମସ୍ତ ଙ୍କୁ ଧନ୍ୟବାଦ ପ୍ରଦାନ କରି ସଭା ସାଙ୍ଗ କରିଥିଲେ ।

ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ

ନବରଙ୍ଗପୁର, ୨୭/୦୫(ଆ.ପ୍ର) : ନବରଙ୍ଗପୁର ଜିଲ୍ଲାର ସମସ୍ତ ୧୦ ଟି ବ୍ଲକରେ ପର୍ଯ୍ୟାୟ କ୍ରମେ ୨୫/୫,୨୬/୫ ଏବଂ ଆଜି ୨୭.୫.୨୦୨୬ ରିଖ ତିନି ଦିନ ଧରି ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ବୁଥ ସ୍ତରୀୟ ସଫଳ ଭାବେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଡ଼ ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ବିଶ୍ୱଜିତ ଚନ୍ଦ୍ର ବର୍ମନ, ମୁଖ୍ୟ ଉନ୍ନୟନ

ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ହିରଂଚି ନାରାୟଣ ଦରଖ୍ୱାନ, ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଅଧିକାରୀ ମାନଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଚାରିଗୋଟି ନିର୍ବାଚନ ରିଟର୍ଣ୍ଣିଂ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ

ଜିଲ୍ଲା ଦଣ୍ଡ ବାଦ୍ୟକାର ମହାସଙ୍ଘର ପ୍ରଥମ ସାଧାରଣ ବୈଠକ ଅନୁଷ୍ଠିତ

ଭୁବନ, ୨୭/୦୫(ଆ.ପ୍ର) : ଢେଙ୍କାନାଳ ଜିଲ୍ଲା ଦଣ୍ଡ ବାଦ୍ୟକାର ମହାସଂଘର ସଭାପତି ବିଜୟ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ପ୍ରଥମ ସାଧାରଣ ବୈଠକ ଭୁବନ ବ୍ଲକର କାଶିପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥୀଭାବେ ଯୁବ ସମାଜସେବୀ ବିରେନ୍ଦ୍ର ପ୍ରତାପ ଜେନା, ସମ୍ମାନିତ ଅତିଥିଭାବେ ଦଣ୍ଡନୃତ୍ୟର ଜିଲ୍ଲା ସଭାପତି ପ୍ରକାଶ ପୃଷ୍ଟି, ସମ୍ପାଦକ ଦିଲିପ ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ସଂଘର ମୂଳଲକ୍ଷ ଦଣ୍ଡନୃତ୍ୟ କଳାକାର ଓ ବାଦ୍ୟକାରଙ୍କ ଭିତରେ ସମନ୍ୱୟ ଏବଂ ଦଣ୍ଡନୃତ୍ୟ କିପରି ସଂସ୍କୃତି ସମ୍ପନ୍ନ ହୋଇପାରିବ ତାହା ସମ୍ପାଦକ ରାଜେନ୍ଦ୍ର ନାଏକ କହିଥିଲେ । ଜିଲ୍ଲାର ଦଣ୍ଡନୃତ୍ୟ ଏବଂ ବାଦ୍ୟକାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ସଂଘ କୋଷାଧ୍ୟକ୍ଷ ମାନସ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

୮ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଦଶପଲ୍ଲା, ୨୭/୦୫(ଆ.ପ୍ର) : ଦଶପଲ୍ଲା ଅବକାରୀ ବିଭାଗ ଏବଂ ନୟାଗଡ଼ ଜିଲ୍ଲା ମୋବାଇଲ ସ୍କାଡ୍‌ର ମିଳିତ ଭାବେ ଚଢ଼ାଉ କରାଯାଇ ଗଞ୍ଜେଇ ଜବତ କରାଯିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତି ଜଣକ କଟକ ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ବଡ଼ପାଟସୁନ୍ଦରପୁର ଗ୍ରାମର ସ୍ୱର୍ଗତ ରବୀନ୍ଦ୍ରନାଥ ଭୋଇଙ୍କ ପୁଅ ବ୍ରଜକିଶୋର ଭୋଇ (୩୨ ବର୍ଷ) ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ବୁଧବାର ଦିନ ବ୍ରଜକିଶୋର ଗଞ୍ଜେଇ ଧରି ମହିତମା ଛକ ନିକଟରେ ବସ୍‌କୁ ଅପେକ୍ଷା କରିଥିଲେ । ଖବର ପାଇ ଦଶପଲ୍ଲା ଅବକାରୀ ଥାନାର ସବ୍-ଇନ୍ସପେକ୍ଟର ବାଦଲ ସାମଲ ଓ ନୟାଗଡ଼ ଜିଲ୍ଲା ମୋବାଇଲ ସ୍କାଡ୍ ?ର କର୍ମଚାରୀମାନେ ମିଳିତ ଭାବେ ସେଠାରେ ଚଢ଼ାଉ କରିଥିଲେ । ?ଏହି ମିଳିତ ଚଢ଼ାଉ ସମୟରେ ମୋଟ ୮ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି, ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୮୦,୦୦୦ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅଧିକ ତଦନ୍ତ ଜାରି ରହିଛି ।

ବରିଷ୍ଠ ନାଗରିକ ପରିଷଦର କାର୍ଯ୍ୟକାରିଣୀ ବୈଠକ

ଧାମନଗର, ୨୭/୦୫(ଆ.ପ୍ର) : ଧାମନଗର ସ୍ଥିତ ଏପିଜେ ଅବଦୁଲ କଲାମ ପାଠାଗାର କେନ୍ଦ୍ର ତଥା ଧାମନଗର ବରିଷ୍ଠ ନାଗରିକ ପରିଷଦର ସଭାଗୃହରେ ସଭାପତି ଅନିଲ କୁମାର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସୋସାଇଟି ଆକଟ ଅନୁଯାଇ ପାଂଚ ବର୍ଷରେ ପରିଷଦ ନବୀକରଣ, ଧାମନଗର ସହରରେଟ୍ରାଫିକସମସ୍ୟା, ବାର୍ଷିକ ମୁଖପତ୍ର ପ୍ରକାଶନ ପାଇଁ ସମ୍ପାଦନା ମଣ୍ଡଳୀ ଗଠନ, ଓଡ଼ିଆ ସଂସ୍କୃତି, ହାନପର୍ବ ଜଳମୋହଚ୍ଛବ ପାଳନ, ଚଳିତ ଶିକ୍ଷା ବର୍ଷରେ ମାଧ୍ୟମିକ ଶିକ୍ଷା ବୋର୍ଡ ପରୀକ୍ଷା ରେ ବ୍ଲକ ଟପ୍‌ର ମେଧାବୀ ଛାତ୍ର ଛାତ୍ରୀଙ୍କୁ ପ୍ରତିଭା ସମ୍ମାନ ଦେବା ଓ ବିଭିନ୍ନ ସାମାଜିକ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ପରିଷଦର ସାଧାରଣ ସମ୍ପାଦକ ଶଶୀକାନ୍ତ ପଣ୍ଡା, ଉପସଭାପତି ସୁରଥ ଚନ୍ଦ୍ର ସେଠୀ, ସେକ ଅବଦୁଲ ହାକିମ, ବରିଷ୍ଠ ସଦସ୍ୟ ବୃନ୍ଦାବନ କର, ଅଭିମନ୍ୟୁ ମଲ୍ଲିକ, ନରେନ୍ଦ୍ର ମଲ୍ଲିକ, ରାମଚନ୍ଦ୍ର ସାହୁ, ବିଶ୍ୱନାଥ ବେହେରା, ଲମ୍ବୋଦର ମହାନ୍ତି, ମହେଶ୍ୱର ସ୍ୱାଇଁ, ବ୍ରହ୍ମାନନ୍ଦ ପୃଷ୍ଟି, ରମଣୀ ରଞ୍ଜନ ଦାଶ, ଭିକାରୀ ବେହେରା, ଦଶରଥ ଦାସ,ନିରାକାର ଧଳ ପ୍ରମୁଖ ଅଂଶଗ୍ରହଣ କରିଥିବା ବେଳେ ପରିଷଦର ଅନେକ ସଦସ୍ୟ ଉପସ୍ଥିତ ଥିଲେ । ବରିଷ୍ଠ ସଭ୍ୟ ବୃନ୍ଦ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

ବାଣପୁରରେ ଆଇନ ସଚେତନତା ଶିବିର

ଚିଲିକା/ ବାଣପୁର, ୨୭/ ୦୫(ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ପରିସରରେ ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ସମିତି ଅଧ୍ୟକ୍ଷ ତଥା ବାଣପୁର କୋର୍ଟ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଇପ୍ସିତା ପ୍ରିୟା ଏକ୍କା, ଏବିଡ଼ିଓ ଯୋଗେନ୍ଦ୍ର କୁମାର ମହାକୁଡ଼, ସିଡ଼ିପିଓ ଏ.ବାସନ୍ତୀ ଏବଂ ବ୍ଲକର ସମସ୍ତ ଅଙ୍ଗନବାଡି କର୍ମୀମାନେ ଯୋଗଦେଇଥିଲେ । ଉକ୍ତ ଆଇନ ସଚେତନତା କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ(ଜନ ଉପଯୋଗୀ ସେବା), ଆଇନ ସହାୟତା ଏବଂ ଡ଼ିକେ ବାସୁ ବନାମ ପଶ୍ଚିମବଙ୍ଗ ରାଜ୍ୟ ମାମଲାରେ ପ୍ରକାଶିତ ରାୟ ଅନୁଯାୟୀ ବନ୍ଦୀଙ୍କ ଅଧିକାର ଓ ଗିରଫଦାରୀ ସମୟରେ ପୋଲିସର କର୍ତ୍ତବ୍ୟ ଆଦି ବିଷୟରେ ଆଲୋକପାତ କରାଯାଇଥିଲା । ବିଚାରପତି ଶ୍ରୀ ମହାପାତ୍ର ଉକ୍ତ ସମସ୍ତ ଆଇନ ବାବଦରେ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ସଚେତନ କରାଇଥିଲେ । ସ୍ଥାୟୀ ଲୋକ ଅଦାଲତ(ଜନ ଉପଯୋଗୀ ସେବା)ଓ ଆଇନ ସହାୟତାର ସୁଫଳ ବିଷୟରେ ଆଲୋଚନା କରିବାସହ ଉକ୍ତ ଆଇନ ସେବା ଦ୍ୱାରା ନାଗରିକମାନେ ଅଯଥା କୋର୍ଟ କଚେରୀର ଦ୍ୱାରସ୍ଥ ନ ହୋଇ ଏବଂ ଖର୍ଚ୍ଚାନ୍ତ ନହୋଇ ନିଃଶୁଳ୍କରେ ନିଜର ଆଇନଗତ ସମସ୍ୟାର ସମାଧାନର ବାଟ ପାଇପାରିବେ ବୋଲି କହିଥିଲେ ବିଚାରପତି ଶ୍ରୀ ମହାପାତ୍ର । ଉକ୍ତ ସେବା ଦ୍ୱାରା ନାଗରିକମାନଙ୍କର ଦୀର୍ଘ ଦିନର ବିବାଦ ଗୁଡିକ ମଧ୍ୟ ଆଇନ ଅନୁଯାୟୀ ସମାଧାନ ହୋଇପାରିବ ବୋଲି ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ଝରିଗାଁ ବ୍ଲକ୍ ଠାରେ ନୂତନ ଭାବରେ ଟ୍ରଓକ୍ଟର ମଓଳିକ ସଂଘ ଗଠନ

ଝରିଗାଁ, ୨୭/୦୫(ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ସମସ୍ତ ଟ୍ରାକ୍ଟର ମାଲିକ ଏକତ୍ରିତ ହୋଇ ଆଜି ଝରିଗାଁ ବ୍ଲକ ଗୁରୁସିଙ୍ଗା ପଂଚାୟତର ପରଡିଗୁଡା ଗ୍ରାମଠାରେ ଏକ ବୈଠକର ଆୟୋଜନ କରିଥିଲେ । ଉକ୍ତ ବୈଠକରେ ଟ୍ରାକ୍ଟର ମାଲିକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବା ସହ ଏକ ଟ୍ରାକ୍ଟର ମାଲିକ ସଙ୍ଘ ଗଠନ କରିବାକୁ ନିଷ୍ପତି ନେବା ପରେ ଏକ ଟ୍ରାକ୍ଟର ମାଲିକ ସଙ୍ଘ କରାଯାଇଥିଲା । ଉପସ୍ଥିତ ସମସ୍ତ ସଦସ୍ୟଙ୍କ ନିଷ୍ପତି କ୍ରମେ ୨୫ ଜଣ ମେମ୍ବର ଭାବେ ଚୟନ କରାଯାଇଥିଲା । ଏହି ସଙ୍ଘ ଟ୍ରାକ୍ଟର ମାଲିକ ମାନଙ୍କ ସମସ୍ୟା ସବୁର ସମାଧାନ କରିବ ବୋଲି ସଙ୍ଘର ସଦସ୍ୟମାନେ ମତ ପ୍ରକାଶ କରିଥିଲେ । ଏହି ବୈଠକ ଟ୍ରକ୍ଟର ମଲିକ ସଙ୍ଘ ରେ ସଭାପତି ସୀତାରାମ ମାଝୀଙ୍କୁ କରିଥିଲେ, ସେକ୍ରେଟାରୀ ଭାବରେ ଚୈତନ୍ୟ ଗୌଡ଼ କେସିୟର, ଭାବରେ ତରୁଣ ସାହୁ ବଚଣଯାଇଥିଲା ଆଖି ଆଗରେ ତେଲ ଦର ବଢୁଥିବା ଦେଖି ଗାଡି ରେଟ୍ ନିର୍ଦ୍ଧାରିତ କରାଯାଇଥିବା ସୂଚନା ମିଳିଛି ଏହି ସଙ୍ଘ ରେ ମୁଖ୍ୟ ଟ୍ରକ୍ଟର ମଓଳିକ ସଙ୍ଘ ସୁବିଧା ଅସୁବିଧା ଆଲୋଚନା କରିଥିଲେ, ଏହି କାର୍ଯ୍ୟକ୍ରମ ରେ ସୀତାରାମ ପୂଜାରୀ, ଲବମାଝୀ, ସୁନଧର ମାଝୀ ବଳଦେବ ଗୌଡ଼, ଅନନ୍ତ ରାମ ସାହୁ,ବୀରସିଂ ଯାନୀ, ଭଞ୍ଜ ମୁଦଳି, ଅର୍ଜୁନସାନ୍ତା, ହରେଶ ଗୌଡ଼, ଧନଗୌଡ଼, ଚନ୍ଦ୍ରସାନ୍ତା, ବିଡ଼ିଓ ସାନ୍ତା, ମଙ୍ଗଳସାନ୍ତା, ଲିମାସାନ୍ତା, ଲଳି ସାନ୍ତା, ମନରଞ୍ଜନ ମାଝୀ, ଟଙ୍କ ଗୌଡ଼, ପଦନ ଗୌଡ଼, ଭକ୍ତ ସାନ୍ତା,ନୀଳାମ୍ବର ମାଝୀ, ଯୋଗେଶ ଧରୁଆ, ନକୁଳ ସାନ୍ତା, କମଳ ସାନ୍ତା ଟ୍ରଓକ୍ଟର ମଓଳିକ ମାନେ ଯୋଗ ଦେଇଥିଲେ ।

ଯାଜପୁରର ବିଭିନ୍ନ ବ୍ଲକରେ ସ୍ୱତନ୍ତ୍ର ସଘନ ସଂଶୋଧନ ତାଲିମ କାର୍ଯ୍ୟକ୍ରମ

ଯାଜପୁର, ୨୭/୦୫(ଆ.ପ୍ର) : ଯାଜପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର୍ ପ୍ରକ୍ରିୟାକୁ ସୁଚାରୁ ରୂପେ ତୁଲାଇବା ପାଇଁ ଆଜି ସୁକିନ୍ଦା, ବରୀ, ଧର୍ମଶାଳା, ବିଂଝାରପୁର, ଯାଜପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦାନଗଦି, ରସୁଲପୁର, ଦଶରଥପୁର, କୋରେଇ, ବରୀ, ବିଂଝାରପୁର, ଯାଜପୁର ବ୍ଲକ, ଯାଜପୁର ମୁନିସିପାଲିଟିରେ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ) ଏବଂ ବିଏଲଓ ସୁପରଭାଇଜରମାନଙ୍କ ଏସଆଇଆର ଭୋଟର ତାଲିକା ସଂଶୋଧନ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏସଆଇଆର୍ ସମୟ ସାରଣୀ, ଏନୁମେରେସନ୍ ଫର୍ମ ବିତରଣ ଓ ସଂଗ୍ରହ, ବିଏଲଓ ଏବଂ ବିଏଲଓ ସୁପରଭାଇଜରଙ୍କ ଦାୟିତ୍ୱ, ଫର୍ମ ପୂରଣ ପ୍ରକ୍ରିୟା ଇତ୍ୟାଦି ସମ୍ପର୍କରେ ତାଲିମ ଦିଆଯାଇଛି । ଏହାସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମାର୍ଗଦର୍ଶିକା କ୍ରମେ ଚଳିତ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ସତର୍କତା ନିୟମାବଳୀ ଅବଲମ୍ବନ କରି କାର୍ଯ୍ୟ ସମ୍ପାଦନ କରିବାକୁ ବିଏଲଓମାନଙ୍କୁ ପରାମର୍ଶ ଦିଆଯାଇଛି । ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ବିଡ଼ିଓ, ତହସିଲଦାର ଏବଂ ଅତିରିକ୍ତ ତହସିଲଦାର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ ।

ଭିଜିଲାନ୍ସ ହାତରେ ଧରା ପଡ଼ିଲେ ଉପଖଣ୍ଡ ଯୋଗାଣ ଅଧିକାରୀ

ଚମ୍ପୁଆ, ୨୭/୦୫(ଆ.ପ୍ର) : ଲାଂଚ ନେବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି ଚମ୍ପୁଆ ଉପଖଣ୍ଡ ଯୋଗାଣ ଅଧିକାରୀ । ୧୫ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ମାଡ଼ି ବସିଲା ଭିଜିଲାନ୍ସ ବିଭାଗ । ସୂଚନା ଅନୁସାରେ ଜଣେ ଲ୍ୟାମ୍ପସ ଅଧିକାରୀଙ୍କ ଠାରୁ ଧାନ କିଣା ବାବଦରେ ବିଲ୍ କରାଇଦେବାକୁ ୧୫ ହଜାର ଟଙ୍କା ଲାଂଚ ମାଗିଥିଲେ ଚମ୍ପୁଆ ଉପଖଣ୍ଡ ଯୋଗାଣ ଅଧିକାରୀ ଧୃମାରାମ ମୁର୍ମୁ । ଏ ନେଇ ସମ୍ପୃକ୍ତ ଲ୍ୟାମ୍ପସ ଅଧିକାରୀ ଭିଜିଲାନ୍ସ ବିଭାଗ ସହିତ ଯୋଗାଯୋଗ କରିଥିଲେ । ଆଜି ତାଙ୍କ କାର୍ଯ୍ୟାଳୟରେ ଉକ୍ତ ଲାଂଚ ତାଙ୍କ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ଧୃମାରାମ ମୁର୍ମୁଙ୍କୁ ମାଡ଼ି ବସିବା ସହିତ ତାଙ୍କ ଠାରୁ ୧୫ ହଜାର ଟଙ୍କା ଜବତ କରିଥିଲା । ବାଲେଶ୍ୱର ଭିଜିଲାନ୍ସ ଥାନା ପକ୍ଷରୁ ୭ ପିସି ଆକ୍ଟରେ ୮/ ୨୦୨୬ ନମ୍ବର କେସ ରୁଜୁ କରାଯାଇ ଧୃମାରାମଙ୍କୁ ଗିରଫ କରାଯାଇଛି ।

ଖୁବଶୀଘ୍ର ଚାଲିବ ପ୍ରଥମ ସ୍ୱଦେଶୀ ହାଇଡ୍ରୋଜେନ୍ ଟ୍ରେନ୍

ନୂଆଦିଲ୍ଲୀ, ୨୭/୦୫(ପି.ଆଇ.ବି) : ସ୍ୱଚ୍ଛ ଓ ସ୍ଥାୟୀ ପରିବହନ ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ, ଭାରତୀୟ ରେଳ ଏକ ୧୦ ଡବା ବିଶିଷ୍ଟ ହାଇଡ୍ରୋଜେନ୍ ଫୁଏଲ୍ ସେଲ୍ ଚାଳିତ ରେଳଗାଡ଼ି ଚଳାଇବାକୁ ଅନୁମୋଦନ କରିଛି । ଉତ୍ତର ରେଳବାଇର ଜିନ୍ଦ-ସୋନିପତ୍ ସେକ୍ସନରେ ଖୁବଶୀଘ୍ର ଚାଲିବାକୁ ଥିବା ଏହି ରେଳଗାଡ଼ି ଏକ ୧୨୦୦ କିଲୋୱାଟ୍ ହାଇଡ୍ରୋଜେନ ଫୁଏଲ୍ ସେଲ୍ ପ୍ରୋପଲ୍ସନ ସିଷ୍ଟମ୍ ଦ୍ୱାରା ଚାଳିତ ଓ ଏହା ଘଂଟାପ୍ରତି ସର୍ବାଧିକ ୭୫ କିଲୋମିଟର ବେଗରେ ଗତି କରିପାରିବ । ହାଇଡ୍ରୋଜେନ୍ ଫୁଏଲ୍ ସେଲ୍ ପ୍ରଯୁକ୍ତିବିଦ୍ୟା ଉଦ୍ ?ଯାନ ବ୍ୟବହାର କରି ରାସାୟନିକ ପ୍ରକ୍ରିୟା ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ କରେ, ଏହି ପ୍ରକ୍ରିୟାରେ କେବଳ ଜଳୀୟ ବାଷ୍ପ ନିର୍ଗତ ହୁଏ । ତେଣୁ, ଏହା ପାରମ୍ପରିକ ଜୀବାଶ୍ମ ଇନ୍ଧନ-ଆଧାରିତ ରେଳ ବ୍ୟବସ୍ଥାର ଏକ ସ୍ୱଚ୍ଛ ବିକଳ୍ପ ଭାବରେ କାର୍ଯ୍ୟ କରେ । ହାଇଡ୍ରୋଜେନ୍-ଆଧାରିତ ରେଳ ବ୍ୟବସ୍ଥା ସ୍ଥାୟୀ ପରିବହନ ପାଇଁ ଏକ ପ୍ରତିଶ୍ରୁତିପୂର୍ଣ୍ଣ ସମାଧାନ ଭାବରେ ବିଶ୍ୱସ୍ତରୀୟ ସ୍ୱୀକୃତି ହାସଲ କରୁଛି । ଏହି ପଦକ୍ଷେପ ସହିତ, ଜର୍ମାନୀ, ଜାପାନ, ଚୀନ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ପରି ବିଶ୍ୱର ମୁଷ୍ଟିମେୟ ଦେଶଙ୍କ କ୍ଲବରେ ସାମିଲ ହୋଇଛି ଭାରତ । ଏସବୁ ଦେଶ ସ୍ୱଚ୍ଛ ରେଳ ପରିବହନ ପାଇଁ ହାଇଡ୍ରୋଜେନ୍ ବ୍ୟବହାର କରିବାର ସମ୍ଭାବନା ଅନୁସନ୍ଧାନ କରୁଛନ୍ତି । ଏହି ପ୍ରଯୁକ୍ତିବିଦ୍ୟା ବର୍ତ୍ତମାନ ଏହାର ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବାରୁ, କେବଳ ଅଳ୍ପ କିଛି ଦେଶ ଏବେ ଏପରି ପ୍ରଣାଳୀର ପରିଚାଳନା କିମ୍ବା ପରୀକ୍ଷଣ କରୁଛନ୍ତି । ହରିୟାଣାର ଜିନ୍ଦ-ସୋନିପତ ସେକ୍ସନକୁ ଏହି ରେଳ ଚାଳନା ପାଇଁ ପାଇଲଟ୍ ରୁଟ୍ ଭାବରେ ଚୟନ କରାଯାଇଛି । ଏହାକୁ ସହଜ କରିବା ପାଇଁ, ଜିନ୍ଦରେ ଏକ ସ୍ୱଦେଶୀ ଭାବରେ ବିକଶିତ ହାଇଡ୍ରୋଜେନ୍ ଭଣ୍ଡାରଣ ଏବଂ ଇନ୍ଧନ ପୁନଃଭରଣ କେନ୍ଦ୍ର ପ୍ରତିଷ୍ଠିତ ହୋଇଛି । ପେଟ୍ରୋଲିୟମ୍ ଏବଂ ବିସ୍ଫୋରକ ସୁରକ୍ଷା ସଂଗଠନ (ପିଇଏସ୍ଓ) ଏହି ସ୍ଥାନରେ କମ୍ପ୍ରେସ୍ଡ ହାଇଡ୍ରୋଜେନ୍ ଗ୍ୟାସର ସଂରକ୍ଷଣ ଏବଂ ବଂଟନ ପାଇଁ ଆବଶ୍ୟକୀୟ ଲାଇସେନ୍ସ ପ୍ରଦାନ କରିଛି । ନିର୍ଭରଯୋଗ୍ୟ ଏବଂ ତ୍ରୁଟିମୁକ୍ତ ଚାଳନା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ବୈଷୟିକ ସହାୟତା ଏବଂ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ସହିତ ଇନ୍ଧନ ପାଇଁ ଏକ ହାଇଡ୍ରୋଜେନ କମ୍ପ୍ରେସର ବ୍ୟବସ୍ଥା ଯୋଗାଇ ଦିଆଯାଇଛି । ଏହା ସହିତ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ଏକ ପୃଥକ କମ୍ପ୍ରେସର ୟୁନିଟକୁ ପ୍ରସ୍ତୁତ ରଖାଯାଇଛି । ଉଦ୍‌ଯାନ ଲିକ୍ ଏବଂ ଅଗ୍ନିକାଣ୍ଡ ଚିହ୍ନଟ କରିବା ପାଇଁ ଉଦ୍‌ଯାନ ଉତ୍ପାଦନ, ସଂରକ୍ଷଣ ଏବଂ ବଂଟନ କେନ୍ଦ୍ରରେ ସ୍ଥାପିତ ବିଭିନ୍ନ ସୁରକ୍ଷା ସେନ୍ସରଗୁଡ଼ିକର ନିୟମିତ ପରିଦର୍ଶନ କରାଯିବ ଓ ସେଥିରେ ଧୂଳି ଜମାକୁ ରୋକିବା ଏବଂ ସୁରକ୍ଷିତ ଚାଳନା ସୁନିଶ୍ଚିତ କରିବା ପାଇଁ ନିୟମିତ ଭାବରେ ଯାଂଚ ଏବଂ ପରିଷ୍କାର କରାଯିବ । ଆରଡିଏସଓ ଦ୍ୱାରା ଅନୁମୋଦିତ ହାଇଡ୍ରୋଜେନ ଟ୍ରେନ-ସେଟ୍ ଏବଂ ହାଇଡ୍ରୋଜେନ ପ୍ଲାଂଟ ପାଇଁ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ମାନୁଆଲ ମଧ୍ୟ ଉପଲବ୍ଧ କରାଯାଇଛି । ଶାକୁରବସ୍ତିରେ ପ୍ରସ୍ତାବିତ ରକ୍ଷଣାବେକ୍ଷଣ ସୁବିଧା ପାଇଁ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା, ନିୟମିତ ଅଡିଟ୍ ଏବଂ ମାନକ ପରିଚାଳନା ପ୍ରକ୍ରିୟା (ଏସ୍ଓପି)ର ପାଳନ ସୁନିଶ୍ଚିତ କରାଯାଉଛି । ଏହି ଅନୁମୋଦନ ସହ ହାଇଡ୍ରୋଜେନ ରିଫ୍ୟୁଏଲିଂ ପ୍ରଣାଳୀର ୨୪ ଘଂଟିଆ ତଦାରଖ, ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ତାଲିମପ୍ରାପ୍ତ ଏବଂ ପ୍ରମାଣିତ କର୍ମଚାରୀଙ୍କ ନିୟୋଜନ ଏବଂ ନିୟମିତ ଯାଂଚ ଏବଂ ରକ୍ଷଣାବେକ୍ଷଣ ସମୟସୂଚୀ କାର୍ଯ୍ୟକାରୀ କରିବା ସମେତ ବ୍ୟାପକ ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ପ୍ରୋଟୋକଲର କଠୋର ପାଳନକୁ ବାଧ୍ୟତାମୂଳକ କରାଯାଇଛି ।

ପ୍ରଶ୍ନ ପଚାରିଲେ ପାକିସ୍ତାନୀ କହିବା ବନ୍ଦ କର, ଓଡ଼ିଶାର ଜଳ-ଜଙ୍ଗଲ-ଜମି କର୍ପୋରେଟ୍ ଲୁଟକୁ ରୋକ

ପ୍ରେସ ସମ୍ମିଳନୀରେ ଦୀପଙ୍କର ଭଟ୍ଟାଚାର୍ଯ୍ୟଙ୍କ ତୀବ୍ର ଆକ୍ରମଣ

ଖୋର୍ଦ୍ଧା/ଭୁବନେଶ୍ୱର, ୨୭/୦୫(ଆ.ପ୍ର) : ସିପିଆଇ(ଏମଏଲ) ଲିବରେସନର ସାଧାରଣ ସମ୍ପାଦକ କମ୍ରେଡ. ଦୀପଙ୍କର ଭଟ୍ଟାଚାର୍ଯ୍ୟ ଭୁବନେଶ୍ୱରରେ ଆୟୋଜିତ ଏକ ପ୍ରେସ ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟର ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରି କହିଲେ ଯେ ଦେଶରେ ଯେ କେହି ପ୍ରଶ୍ନ ଉଠାଉଛନ୍ତି, ସେମାନଙ୍କୁ 'ପାକିସ୍ତାନୀ', 'ବାଙ୍ଗ୍ଲାଦେଶୀ' ବୋଲି ଟାଗ୍ କରି ଦମନ କରିବାର ରାଜନୀତି ଚାଲିଛି । ସେ କହିଲେ ଯେ ନୀଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ପେପର ଲିକ୍ ଘଟଣା ସାମ୍ନାକୁ ଆସିଛି ଏବଂ ସିବିଏସଇ ପରୀକ୍ଷାରେ ଗଡ଼ବଡ଼ି ନେଇ ପ୍ରଶ୍ନ ଉଠାଇଥିବା ଜଣେ ଛାତ୍ରଙ୍କୁ "ପାକିସ୍ତାନୀ" କୁହାଯାଇଥିବା ଘଟଣା ଗଭୀର ଚିନ୍ତାର ବିଷୟ । "ପ୍ରଶ୍ନ ପଚାରିବା ଯଦି ଅପରାଧ ହେବ, ତେବେ ଗଣତନ୍ତ୍ର କେଉଁଠି ରହିବ ?" ବୋଲି ସେ ପ୍ରଶ୍ନ କରିଥିଲେ । ଓଡ଼ିଶା ପରିପ୍ରେକ୍ଷିତରେ କମ୍ରେଡ୍ ଦୀପଙ୍କର କହିଲେ ଯେ ବିଜେପି ସରକାର ଆଦିବାସୀଙ୍କ ନାମରେ ପ୍ରଚାର କରୁଥିବା ବେଳେ ବାସ୍ତବରେ ରାୟଗଡ଼ା, କଳାହାଣ୍ଡି, କେନ୍ଦୁଝର ସହ ସମଗ୍ର ଓଡ଼ିଶାରେ ଆଦିବାସୀମାନେ ନିଜ ଜମି, ଜଙ୍ଗଲ ଓ ଅସ୍ତିତ୍ୱ ବଂଚାଇବା ପାଇଁ ଲଢୁଛନ୍ତି । ସେ କହିଲେ ଯେ ଆଦିବାସୀମାନେ ଧର୍ମ ଆଧାରିତ ବିଭାଜନ ନୁହେଁ, ବରଂ ସଂବିଧାନ ଦେଇଥିବା ପଂଚମ ସୂଚୀ, ଗ୍ରାମସଭା ଓ ଜଳ-ଜଙ୍ଗଲ-ଜମିର ଅଧିକାର ଚାହୁଁଛନ୍ତି । ସେ ଅଭିଯୋଗ କଲେ ଯେ କର୍ପୋରେଟ୍ ମାଇନିଂ ପାଇଁ ଆଦିବାସୀଙ୍କ ଜମି ଛିନାଯାଉଛି ଏବଂ ରାଜ୍ୟର ସମ୍ପଦ କେବଳ କିଛି ବଡ଼ କର୍ପୋରେଟ୍ ଘରାଣାଙ୍କ ହାତକୁ ସମର୍ପଣ କରାଯାଉଛି ।"ଓଡ଼ିଶାର ଖଣିଜ ସମ୍ପଦରୁ କର୍ପୋରେଟମାନେ ଲାଭ କମାଉଛନ୍ତି, କିନ୍ତୁ ଓଡ଼ିଶାର ଲୋକ ଦାରିଦ୍ର୍ୟ, ବେରୋଜଗାରି ଓ ପ୍ରବାସ ଭୋଗୁଛନ୍ତି," ବୋଲି ସେ କହିଥିଲେ । କମ୍ରେଡ୍ ଦୀପଙ୍କର ନୂତନ ଲେବର କୋଡ୍ ଓ ମନ୍ରେଗାକୁ ଦୁର୍ବଳ କରିବାର ବିରୋଧ କରି କହିଲେ ଯେ ଦେଶରେ "କର୍ପୋରେଟ୍ ଜଙ୍ଗଲରାଜ" ଚାଲିଛି । ଶ୍ରମିକ, ଗିଗ୍ ୱର୍କର, ଡେଲିଭରି କର୍ମଚାରୀ ଓ ଗ୍ରାମୀଣ ଶ୍ରମିକମାନଙ୍କ ଜୀବନ ଅଧିକ ସଂକଟପୂର୍ଣ୍ଣ ହୋଇପଡ଼ିଛି ବୋଲି ସେ କହିଥିଲେ । ସେ କହିଲେ ଯେ ଦେଶରେ ଆର୍ଥିକ ସଙ୍କଟ ଗଭୀର ହେଉଛି, କିନ୍ତୁ ସରକାର ଲୋକଙ୍କ ମୂଳ ସମସ୍ୟା — ମହଙ୍ଗାଇ, ବେରୋଜଗାରି, କୃଷକ ଓ ଶ୍ରମିକଙ୍କ ଦୁରବସ୍ଥା — ଉପରେ କଥା ନକହି ଘୃଣା ଓ ବିଭାଜନର ରାଜନୀତି କରୁଛି । ଗତକାଲି ଆୟୋଜିତ କମ୍ରେଡ୍ କ୍ଷିତିଶ ବିଶ୍ୱାଳଙ୍କ ସ୍ମୃତିରେ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମର ଉଲ୍ଲେଖ କରି ସେ କହିଲେ ଯେ ଓଡ଼ିଶାରେ ବାମପନ୍ଥୀ, ସମାଜବାଦୀ, ଆମ୍ବେଦକରବାଦୀ, ଗାନ୍ଧୀବାଦୀ ଓ ସମସ୍ତ ଗଣତାନ୍ତ୍ରିକ ଶକ୍ତିଙ୍କ ଏକ ବ୍ୟାପକ ଏକତା ଗଠନର ଆବଶ୍ୟକତା ରହିଛି । ନଫରତ, ମବ୍ ଲିଂଚିଂ, ବୁଲଡୋଜର ରାଜ ଓ ସଂବିଧାନ ବିରୋଧୀ ଆକ୍ରମଣ ବିରୋଧରେ ସମସ୍ତ ବିରୋଧୀ ଶକ୍ତିଙ୍କୁ ଏକତାବଦ୍ଧ ହେବାକୁ ସେ ଆହ୍ୱାନ କରିଥିଲେ । ଶେଷରେ ସେ କହିଲେ ଯେ ଦେଶରେ ଯେ ଡିଜିଟାଲ୍ ଅସନ୍ତୋଷ ଦେଖାଯାଉଛି, ତାହା ଆଗାମୀ ଦିନରେ କୃଷକ, ଶ୍ରମିକ, ଯୁବକ, ଛାତ୍ର ଓ ମହିଳାଙ୍କ ବଡ଼ ଜନଆନ୍ଦୋଳନର ରୂପ ନେବ । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ରାଜ୍ୟ କମିଟି ସଦସ୍ୟ ଅଶୋକ ପ୍ରଧାନ, ମହେନ୍ଦ୍ର ପରିଡା, ଶ୍ରୀନିବାସ ନାୟକ, ବଂଶୀଧର ପରିଡା ଓ ସଂଗୀତ ରାଉତ ଉପସ୍ଥିତ ଥିଲେ ।

ଗଜପତିର ବନ୍ଦନା ରାଣୀ ନାଏକ ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ

ପାରଳାଖେମୁଣ୍ଡି, ୨୭/୦୫(ଆ.ପ୍ର) : ଓଡ଼ିଶା ସିଭିଲ୍ ସର୍ଭିସ୍ ୨୦୨୬ ପରୀକ୍ଷାଫଳ ପ୍ରକାଶ ପାଇଛି । ଏଥିରେ ଗଜପତି ଜିଲ୍ଲା ରାୟଗଡ ବ୍ଲକ କରଡାସିଂ ପଂଚାୟତର ନଟବର ନାଏକଂକ କନ୍ୟା ବନ୍ଦନାରାଣୀ ନାଏକ ୧୯୦ ରାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଏହିଭଳି ସୁନାମ ଆଣିଥିବାରୁ ବନ୍ଦନାଂକୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି ।

ଖରିଫ ଋତୁରେ ଧାନ ସଂଗ୍ରହ ପାଇଁ ଜିଲ୍ଲା ପ୍ରଶାସନର ସଚେତନତା ରଥ

ଯାଜପୁର, ୨୭/୦୫(ଆ.ପ୍ର) : ଖରିଫ ୨୦୨୫-୨୬ ବିପଣନ ଋତୁରେ ରବି ଧାନ ସଂଗ୍ରହ ପାଇଁ ଚାଷୀଙ୍କ ସଚେତନତା ନିମନ୍ତେ ପ୍ରଚାର ରଥକୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ ଉଦଘାଟନ କରିଛନ୍ତି । ଚଳିତ ଖରିଫ ବିପଣନ ବର୍ଷ ନିମନ୍ତେ ପଞ୍ଜୀକୃତ ଚାଷୀ ଭାଇ ଭଉଣୀମାନଙ୍କଠାରୁ ୩୦ ଟି ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଧାନ କ୍ରୟ କରାଯାଉଛି । ପଞ୍ଜୀକୃତ ଚାଷୀମାନେ ସମ୍ପୃକ୍ତ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକମାନଙ୍କ ସହ ଯୋଗାଯୋଗ କରି ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରକୁ ଧାନ କ୍ରୟ ସମ୍ବନ୍ଧରେ ଆସିଥିବା ବାର୍ତ୍ତା (ଟୋକନ ନମ୍ବର, ତାରିଖ, ଧାନର ପରିମାଣ ଇତ୍ୟାଦି) ଅନୁସାରେ ନିର୍ଦ୍ଧାରିତ ତାରିଖ ଓ ପରିମାଣ ଅନୁଯାୟୀ ବିକ୍ରିଯୋଗ୍ୟ ବଳକା ଧାନ ବିକ୍ରି କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଚଳିତ ଖରିଫ ଧାନ କ୍ରୟରେ ବଡ଼ଚଣା, ବିଂଝାରପୁର, ଦଶରଥପୁର, ଯାଜପୁର, କୋରେଇ, ସୁକିନ୍ଦା ବ୍ଲକର ପ୍ରାଥମିକ କୃଷି ସମବାୟ ସମିତି ଅଂଶଗ୍ରହଣ କରୁଛନ୍ତି । ଚଳିତ ଖରିଫ ବର୍ଷରେ ଜିଲ୍ଲାରେ ମୋଟ ୪୬୦୩ ଜଣ କୃଷକ ପଞ୍ଜୀକରଣ କରିଛନ୍ତି । ଏହି ପ୍ରଚାର ରଥ ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କୃଷ୍ଣ ଚନ୍ଦ୍ର ନାୟକ , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଡିଆରସିଏସ ଅମୂଲ୍ୟ କୁମାର ସେଠୀ, ସହକାରୀ ନିବନ୍ଧକ ନିହାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଅବକାରୀ ଚଢ଼ାଉ ମଦ ଓ ସ୍କୁଟି ସହିତ ଦୁଇ ଗିରଫ

ଟାଙ୍ଗୀ ଚୌଦ୍ୱାର, ୨୭/୦୫(ଆ.ପ୍ର) : ଅବକାରୀ ସୁପେରିଂଟେଣ୍ଡେଂଟଙ୍କ ନିର୍ଦ୍ଦେଶରେ ଚୌଦ୍ୱାର ଅବକାରୀ ତରଫରୁ ବଡ଼ ଧରଣର ଛଡାଉ କରି ଭଟପଡା, ଗୋବିନ୍ଦପୁର ଆଦି ବିଭିନ୍ନ ଅଂଚଳରୁ ୬୦ ଲିଟର ଦେଶୀ ମହୁଲି ମଦ ସହିତ ଏକ ସ୍କୁଟି ଓ ୨ଜଣଙ୍କୁ ଗିରଫ କରାଯାଇଛି ବୋଲି ଅବକାରୀ ଇନ୍ସପେକ୍ଟରଙ୍କ ପକ୍ଷରୁ ସୂଚନା ମିଳିଛି ଏହି ଚଢ଼ାଉରେ ଗ୍ରାମାଂଚଳର ଇନସ୍ପେକଟର ମାନସୀ ନାୟକ ଓ ଚୌଦ୍ୱାର ଅବକାରୀ ଥାନାର ଇନସ୍ପେକଟର ଭକ୍ତ ବତ୍ସଳ ବର୍ମା, ଆଶୁତୋଷ ଜେନା, ସୁନୀଲ ବଳ, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା ପ୍ରମୁଖ ସାମିଲ ରହିଥିଲେ । ଆସାମୀ ମାନଙ୍କ ବିରୁଦ୍ଧରେ ଅବକାରୀ ମାମଲା ରୁଜୁ କରାଯାଇ ଅଛି । ଅସାମି ମାନଙ୍କର ନାମ ଯଥାକ୍ରମେ ପୂର୍ଣ୍ଣଚନ୍ଦ୍ର ଖଣ୍ଡୁଆଳ, ଗଣିଆ ଛତର ଉଭୟ ଗୋବିନ୍ଦପୁର ଅଂଚଳର ବୋଲି ଜଣା ପଡ଼ିଛି ।

ଶାଗବାହାଲି-ସାନକେନ୍ଦୁଗୁଡ଼ା ରାସ୍ତାକାମ ନେଇ ବିବାଦ

ଧର୍ମଗଡ଼, ୨୭/୦୫(ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ତେଣ୍ଡାପାଲି ପଂଚାୟତର ଶାଗବାହାଲି ଠାରୁ ସାନକେନ୍ଦୁଗୁଡ଼ାକୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ ଓ ମରାମତି କାମକୁ ନେଇ ଅଂଚଳରେ ଅସନ୍ତୋଷ ଦେଖାଦେଇଛି । କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ବିରୋଧ ଯୋଗୁଁ ରାସ୍ତା କାମ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ କରି ଶାଗବାହାଲି, ଘଂଟିଗୁଡ଼ା ଓ ପଦ୍ମପୁର ଗ୍ରାମର ଲୋକମାନେ ଧର୍ମଗଡ଼ ବିଧାୟକ ଏବଂ ଧର୍ମଗଡ଼ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରି ତୁରନ୍ତ କାମ ଚାଲୁ ରଖିବାକୁ ଦାବି କରିଛନ୍ତି । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଶାଗବାହାଲିରୁ ସାନକେନ୍ଦୁଗୁଡ଼ା ପର୍ଯ୍ୟନ୍ତ ଥିବା ଏହି ରାସ୍ତାଟି ତିନୋଟି ଗ୍ରାମ ପାଇଁ ଏକମାତ୍ର ମୁଖ୍ୟ ଯାତାୟାତ ମାର୍ଗ ଅଟେ । ବର୍ତ୍ତମାନ ରାସ୍ତାଟି ସମ୍ପୂର୍ଣ୍ଣ ମେଟାଲ ଅବସ୍ଥାରେ ଥିବାରୁ ଗ୍ରାମବାସୀ ମାନେ ଅନେକ ସମସ୍ୟା ମଧ୍ୟରେ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି । ବିଶେଷକରି ବର୍ଷା ଦିନରେ ରାସ୍ତା ଉପରେ ଖୋଲା ମେଟାଲ ଓ କାଦୁଆ ପରିସ୍ଥିତି ସୃଷ୍ଟି ହେବାରୁ ପାଦଚାରୀ, ସାଇକେଲ ଓ ଦୁଇଚକିଆ ଯାନ ଚଳାଚଳ ଅତ୍ୟନ୍ତ ବିପଦଜନକ ହୋଇପଡୁଛି । ପଂଚାୟତ ମୁଖ୍ୟାଳୟ ତେଣ୍ଡାପାଲିକୁ ଯାଇ ପିଡିଏସ ଚାଉଳ ଆଣିବା, ଭତ୍ତା ଗ୍ରହଣ କରିବା ସହ ପ୍ରତିଦିନ ସ୍କୁଲ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଓ ରୋଗୀମାନେ ଏହି ଦୁର୍ବିସହ ପରିସ୍ଥିତି ମଧ୍ୟରେ ଯାତାୟାତ କରୁଥିବାରୁ ଅଂଚଳବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଉଛି । ଶାଗବାହାଲି ଠାରୁ ସାନକେନ୍ଦୁଗୁଡ଼ାକୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ ପାଇଁ ଅଂଚଳବାସି ଦୀର୍ଘ ଦିନରୁ ଦାବି କରିଆସୁଥିବା ବେଳେ ସ୍ଥାନୀୟ ସରପଂଚଙ୍କ ପ୍ରୟାସରେ ଏହି ରାସ୍ତା ନିର୍ମାଣ ପାଇଁ ଗାଏଘରଏଇ ଯୋଜନାରେ ପ୍ରାୟ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା ଏବଂ କାମ ଆରମ୍ଭ ହୋଇଥିଲା । ହେଲେ ସାନକେନ୍ଦୁଗୁଡ଼ା ଗ୍ରାମର କେତେକ ସ୍ୱାର୍ଥନେଷି ବ୍ୟକ୍ତି ଏହି କାର୍ଯ୍ୟକୁ ବିରୋଧ କରୁଥିବାରୁ କାମ ପ୍ରଭାବିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଥିପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ କ୍ଷୋଭ ଓ ଅସନ୍ତୋଷ ବଢ଼ୁଥିବା ଦେଖାଯାଉଛି । ଆଜି ତେଣ୍ଡାପାଲି ସରପଂଚ ଗୌରୀଲୋଚନ ଗୋପାଳଙ୍କ ନେତୃତ୍ୱରେ ଶାଗବାହାଲି, ପଦ୍ମପୁର ଓ ଘଂଟିଗୁଡ଼ା ଗ୍ରାମର ବହୁ ସଂଖ୍ୟକ ଗ୍ରାମବାସୀ ଧର୍ମଗଡ଼ ବିଧାୟକ ଏବଂ ବିଡିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ଏହି ସମୟରେ କୈଳାସ ଗୋପାଳ, ୱାର୍ଡ ମେମ୍ବର ପବିତ୍ର ବାଗ, ଛବିନ୍ଦ୍ର ନାଏକ, ମୁକ୍ତେଶ୍ୱର ନାଏକ, ଶ୍ୟାମଘନ ଧରୁଆ, ଦୈତାରୀ ଗୋପାଳ, ମମତା ମାଝୀ, ରେଣୁବାଳା ବାଗ, ବେଲମତି ନାଏକ, ୱାର୍ଡ ମେମ୍ବର ପୁଷ୍ପାଞ୍ଜଳି ଘିବେଲା, ଭରୁଙ୍ଗରାଜ ଗୋପାଳ, କୁଳଦୀପ ବାଗ, ପଦ୍ମଲୋଚନ ନାଏକ ସମେତ ଅନେକ ଲୋକ ଉପସ୍ଥିତ ଥିଲେ ।ଗ୍ରାମବାସୀମାନେ ଦାବି କରିଛନ୍ତି ଯେ, ଲୋକଙ୍କ ସାଧାରଣ ସୁବିଧା ଓ ଯାତାୟାତ ସମସ୍ୟାକୁ ଦୃଷ୍ଟିରେ ରଖି ରାସ୍ତା କାମକୁ ବନ୍ଦ ନ କରାଯାଇ ତୁରନ୍ତ ମରାମତି ଓ ନିର୍ମାଣ କାର୍ଯ୍ୟ ସମାପ୍ତ କରାଯାଉ । ଏହା ଦ୍ୱାରା ତିନିଟି ଗ୍ରାମର ହଜାର ହଜାର ଲୋକ ଉପକୃତ ହେବେ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି ।

୫ନମ୍ବର ୱାର୍ଡରେ ୫ ଦିନ ଧରି ପିଇବା ପାଣି ଯୋଗାଣ ବନ୍ଦ

ଦଶପଲ୍ଲା, ୨୭/୦୫(ଆ.ପ୍ର) : ତୀବ୍ର ଖରା ଓ ଅସହ୍ୟ ଗରମ ମଧ୍ୟରେ ଏନଏସି ଅନ୍ତର୍ଗତ ୫ନମ୍ବର ୱାର୍ଡରେ ୫ ଦିନ ଧରି ପିଇବା ପାଣି ଯୋଗାଣ ବନ୍ଦ ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ପାଣି ଅଭାବରେ ସ୍ଥାନୀୟ ଲୋକମାନେ ହଇରାଣ ହରକତ ହେଉଛନ୍ତି । ସେହିଭଳି ଆଜି ୪ନମ୍ବର ୱାର୍ଡ଼ରେ ସେଇ ସମାନ ଅବସ୍ଥା ହୋଇପଡିଛି । ପାଣି ଯୋଗାଣ ବନ୍ଦ ରହିଥିବାରୁ ଘରୋଇ କାମକାର୍ଯ୍ୟ ସହ ପିଇବା ପାଣି ପାଇଁ ହାହାକାର ସୃଷ୍ଟି ହେଉଛି । ବିଶେଷ କରି ଛୋଟ ଶିଶୁ ଓ ବୃଦ୍ଧମାନେ ଅଧିକ ସମସ୍ୟାରେ ପଡ଼ିଛନ୍ତି । ସୂଚନା ଅନୁସାରେ ୫ନମ୍ବର ୱାର୍ଡ଼ ଅନନ୍ତ ବିହାରରେ ଡ୍ରେନ ଖୋଳିବା ସମୟରେ ପାଣି ପାଇପ ଫାଟିଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ୪ନମ୍ବର ୱାର୍ଡ଼ ଷ୍ଟେଟ ବ୍ୟାଙ୍କ ନିକଟରେ ସମାନ ଅବସ୍ଥା । ଯେତେବେଳେ ଜେସିପି ଦ୍ୱାରା ଖନନ କାର୍ଯ୍ୟ ଚାଲୁଛି ସେତେବେଳେ ଠିକାଦାର କିମ୍ବା ବିଭାଗୀୟ ଅଧିକାରୀ ରହୁନାହାନ୍ତି । ଏଠି ଭୁଲ କାହାର ? ଭୁଲ କରିବ କିଏ ? କଷ୍ଟ ପାଉଛି କିଏ । ଦେଖାଯାଉ ଏହାର ସମାଧାନ କେବେ ହେଉଛି ।

ବ୍ରାଉନସୁଗାର ୨୩ଗ୍ରାମ, ନଗଦ ୪୩୦୦ଟଙ୍କା ବାଇକ, ମୋବାଇଲ ଜବତ, ଜଣେ ଗିରଫ

ଧାମନଗର, ୨୭/୦୫(ଆ.ପ୍ର) : ଧାମନଗର ଥାନା ପରିସରରେ ଆଇଆଇସି ସୁରଜିତ ଦାଶଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ ଡି ପି ଓ ଅନିରୁଦ୍ଧ ମୁଦୁଲିଙ୍କ ଉପସ୍ଥିତରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ଯୋଗ ଦେଇ ଧାମନଗର ଥାନା ଅଧିନ କଲ୍ୟାଣି ନଗରୀ ଅଂଚଳ ତଥା ଘଟଣା ସ୍ଥଳରୁ ଅତିରିକ୍ତ ତହସିଲଦାର ପଲ୍ଲୀଭାରତ ମାହାଳିକଙ୍କ ଉପସ୍ଥିତରେ ଅଭିଯୁକ୍ତଙ୍କ ଠାରେ ବ୍ରାଉନସୁଗାର ୨୩ଗ୍ରାମ ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୪୦ ହଜାର ହେବ ଏବଂ ନଗଦ ୪୩୦୦ଟଙ୍କା,ଗୋଟିଏ ବାଇକ ଓ ଗୋଟିଏ ମୋବାଇଲ ଜବତ ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଏସଆଇ ନାରାୟଣ ନାୟକ ଅଭିଯୋଗ ମୂଳେ ଧାମନଗର ଥାନା କେଶ ନଂ ୨୩୨/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ତଦନ୍ତ ଅଧିକାରୀ ଏସଆଇ ମହେଶ୍ୱର ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଏଏସପି ଶ୍ରୀ ଦ୍ୱିବେଦୀ ଦେଲେ ସୂଚନା । ମଙ୍ଗଳବାର ପୁଲିସର ସୂଚନା ଅନୁଯାୟୀ ଧୁଷୁରୀ ଥାନା ଅନ୍ତର୍ଗତ ଖପରପଦା ପଂଚାୟତର ଜଣେ ଯୁବକ ମଣିଭଦ୍ର ସାହୁ ମଟର ସାଇକେଲରେ ବ୍ରାଉନସୁଗାର ନେଇ କଲ୍ୟାଣିନଗରୀ ଆଡକୁ ଆସୁଥିବା ଗୁପ୍ତ ସୂଚନା ଆଧାରରେ ଦିନ ପ୍ରାୟ ୨ଟା ୩୦ ମିନିଟ ସମୟରେ ଧାମନଗର ଥାନା ଆଇଆଇସି ସୁରଜିତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ନାରାୟଣ ନାୟକ ସଦଳବଳେ କଲ୍ୟାଣୀ ନଗରି ଅଂଚଳରେ ଚଢ଼ାଉ କରି ଯାଂଚ କରୁଥିଲେ । ଏହି ସମୟରେ ଏକ ସ୍କୁଟି (ଓଡି-୨୨-ଜି-୧୨୭୩) ଯୋଗେ ସନ୍ଦେହଜନକ ଭାବେ ଗୋବିନ୍ଦପୁର ଅଂଚଳ ଆଡୁ ଆସୁଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ ଅଟକାଇବାକୁ ଚେଷ୍ଟା କରିଥିଲା । କିନ୍ତୁ ପୋଲିସକୁ ଦେଖି ସେ ଦ୍ରୁତ ଗତିରେ ପଳାଇବାକୁ ଉଦ୍ୟମ କରିଥିଲେ । ପରେ ପୋଲିସ ପିଛା କରି କଲ୍ୟାଣୀନଗରୀ କେଶସାହି ପଡ଼ିଆ ନିକଟରେ ତାଙ୍କୁ କାବୁ କରିଥିଲା । ଅଟକ ବ୍ୟକ୍ତି ନିଜକୁ ଧୁଷୁରୀ ଥାନା ଅଧୀନ ଖପରାପଦା ଗ୍ରାମର ମଣିଭଦ୍ର ସାହୁ(୫୩) ବୋଲି ପରିଚୟ ଦେଇଥିଲେ । ପଚରାଉଚରା ବେଳେ ସେ ଭଦ୍ରକ ଜିଲ୍ଲା ବଉଳପୋଖରୀ ଗ୍ରାମର ରାଜା ମଲ୍ଲିକଙ୍କ ନିକଟରୁ ବ୍ରାଉନ ସୁଗାର କିଣିଥିବା ପୋଲିସ ପାଖରେ ସ୍ୱୀକାର କରିଥିବା ସୂଚନା ମିଳିଛି । ତେବେ ଧାମନଗର ଅଂଚଳରେ ବେଆଇନ ମଦ, ଗଞ୍ଜେଇ, ବ୍ରାଉନସୁଗାର କାରବାର କରୁଥିବା ଏହି ଭଳି ଅସାମାଜିକ ବ୍ୟକ୍ତିଙ୍କ ଉପରେ ଆଗକୁ ଏହି ଚଢ଼ାଉ ଜାରି ରହିବ ବୋଲି ଏଏସପି ଶ୍ରୀ ଦ୍ୱିବେଦୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

କୁକୁର କାମୁଡାରେ ମୃଗ ମୃତ

ଛତିଆ, ୨୭/୦୫(ଆ.ପ୍ର) : କୁକୁର କାମୁଡେରେ ମୃଗ ମୃତ୍ୟୁ ହୋଇଥିବା ଜଣା ପଡ଼ିଛି । ଘଟଣାରୁ ପ୍ରକାଶ ଯେ । ବଡ଼ଚଣା ବ୍ଲକ ଅନ୍ତର୍ଗତ ପାଣିଆ ପଂଚାୟତର ବରୁଣିଆ ଗ୍ରାମ ମଧ୍ୟାକୁ ଏକ ମୃଗ ସକାଳୁ ପାଣି ପିଇବା ପାଇଁ ପଳାଇ ଆସିଥିଲା । ବୁଲା କୁକୁର ମୃଗକୁ କାମୁଡିବା ପାଇଁ ଗୋଡାଇଥିଲେ, ଗ୍ରାମର କିଛି ଯୁବକ ଏହା ଦେଖି ବୈରୀ ସ୍ଥିତ ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ । ମାତ୍ର ଜଙ୍ଗଲ ବିଭାଗ କର୍ମଚାରୀ ବିଳମ୍ବରେ ପହଂଚି ଥିଲେ ସେତେବେଳେ କୁକୁର ମାନେ ମୃଗ ଟିକୁ କାମୁଡିମାରି ପଛପଟରୁ ଖାଇ ଦେଇଥିଲେ । ଜଙ୍ଗଲ ବିଭାଗ ମୃଗଟିର ମୃତ ଦେହକୁ ଜବତ କରିବା ସହିତ ଶବ ବ୍ୟବଛେଦ କରି ଜଙ୍ଗଲ ବିଭାଗ କାର୍ଯ୍ୟାଳୟ ରେ ପୋତି ଦେଇଥିବା ଜଣାପଡିଛି ।

ନୂଆପଡ଼ାରେ ସ୍ୱତନ୍ତ୍ର ସଂଘନ ସଂଶୋଧନ ପାଇଁ ବୁଥସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ

ନୂଆପଡ଼ା, ୨୭/୦୫(ଆ.ପ୍ର) : ନୂଆପଡ଼ା-୭୧ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସ୍ୱତନ୍ତ୍ର ସଂଘନ ସଂଶୋଧନ (ଏସ୍ଆଇଆର) ପ୍ରକ୍ରିୟା ଅନ୍ତର୍ଗତ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ) ମାନଙ୍କ ପାଇଁ ଆଜି ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନୂଆପଡ଼ା ଓ କୋମନା ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ), ସୁର୍ମି ସୋରେନଙ୍କ ଉପସ୍ଥିତିରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହି ଅବସରରେ ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଏଇଆରଓ) ତଥା ନୂଆପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ରୋହିତ ଭୋଇ, ଡେପୁଟି କ୍ଲିଲ୍ଲାପାଳ (ନିର୍ବାଚନ) ଶେଖ ନସୀମ, ଏଇଆରଓ ତଥା ତହସିଲଦାର ନୂଆପଡ଼ା ଇଲାଟେନ୍ଦୁ ଦଣ୍ଡସେନା, ଏଇଆରଓ ତଥା କୋମନା ବ୍ଲକ ଉନ୍ନୟନ ଅଧିକାରୀ ଏବଂ ଏଇଆରଓ ତଥା ତହସିଲଦାର କୋମନା ଉପସ୍ଥିତ ରହିଥିଲେ । ପ୍ରଶିକ୍ଷଣରେ ଗଣନା ଫର୍ମ ବଂଟନ, ସଂଗ୍ରହ ପ୍ରକ୍ରିୟା, ଫର୍ମ ପୂରଣ ପଦ୍ଧତି ଏବଂ ଘରକୁ ଘର ସର୍ଭେ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଦିଗଦର୍ଶନ ପ୍ରଦାନ କରାଯାଇଥିଲା । ସୁସ୍ଥ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ଲକ୍ଷ୍ୟରେ ଆସନ୍ତା ମେ ୩୦ ତାରିଖରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ଘରକୁ ଘର ସର୍ଭେ କାର୍ଯ୍ୟକ୍ରମ ପରିଚାଳିତ ହେବ ବୋଲି ସୂଚନା ଦିଆଯାଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ନିର୍ବାଚନମଣ୍ଡଳୀର ସମସ୍ତ ବୁଥ ସ୍ତରୀୟ ଅଧିକାରୀ ଓ ବିଏଲଓ ସୁପରଭାଇଜରମାନେ ଅଂଶଗ୍ରହଣ କରିଥିଲେ ।

ବିଜୁ ମହିଳା ଦଳ ପକ୍ଷରୁ ବିଶାଳ ମହିଳା ସମାବେଶ

ଜଗତସିଂହପୁର, ୨୭/୦୫(ଆ.ପ୍ର) : ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ବିଜୁ ମହିଳା ଜନତା ଦଳ ତରଫରୁ ବିଶାଳ ମହିଳା ସମାବେଶ ଆଜି ଆୟୋଜିତ ହୋଇଯାଇଛି । ରାଜ୍ୟରେ ନାରୀ ମାନଙ୍କ ପ୍ରତି ଅତ୍ୟାଚାର ଓ ବିପର୍ଯ୍ୟସ୍ତ ଆଇନ ବ୍ୟବସ୍ଥାରେ ନାରୀ ମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ବିଜୁ ମହିଳା ଜନତା ଦଳ ତରଫରୁ ଆୟୋଜିତ ଏହି ସମାବେଶରେ ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ଲୋପା ମହାପାତ୍ର ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ପ୍ରଶାନ୍ତ କୁମାର ମୁଦୁଲି, ରାଜ୍ୟ ମହିଳା ବିଜେଡି ସଭାପତି ସ୍ନେହାଙ୍ଗିନୀ ଛୁରିଆ, ପ୍ରୀତିନନ୍ଦା ରାଉତରାୟ, ପୂର୍ବତନ ସାଂସଦ ଡକ୍ଟର ରାଜଶ୍ରୀ ମଲ୍ଲିକ, ଉଭୟ ବ୍ଲକ ମହିଳା ବିଜେଡି ସଭାପତି, ସମସ୍ତ କାଉନସିଲର, ଜିଲ୍ଲାପରିଷଦ ସଭ୍ୟା, ସମସ୍ତ ପଂଚାୟତର ମହିଳା ବିଜେଡି ସଭାପତି, ସରପଂଚ ଓ ସମିତି ସଭ୍ୟା ଓ ସମସ୍ତ ମାନ୍ୟଗଣ୍ୟ ମହିଳା ବିଜେଡିର ନେତୃତ୍ୱ ମାନେ ସାମିଲ ହୋଇଥିଲେ ।

କୋଲକାତାଠାରେ ଅନୁଷ୍ଠିତ ହେବ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ର ମୁଖ୍ୟ କାର୍ଯ୍ୟକ୍ରମ; ବିଷୟବସ୍ତୁ 'ସ୍ୱାସ୍ଥ୍ୟକର ବାର୍ଦ୍ଧକ୍ୟ ପାଇଁ ଯୋଗ'

କୋଲକାତା, ୨୭/୦୫(ଆ.ପ୍ର) : ଅନ୍ତର୍ଜାତୀୟ ଯୋଗ ଦିବସ (ଆଇଡିୱାଇ) ୨୦୨୬ର ମୁଖ୍ୟ ଉତ୍ସବ ୨୧ ଜୁନରେ କୋଲକାତାଠାରେ ଅନୁଷ୍ଠିତ ହେବ ବୋଲି କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରତାପରାଓ ଯାଧବ ଆଜି ଘୋଷଣା କରିଛନ୍ତି । ସେ ଆହୁରି କହିଛନ୍ତି ଯେ ଏହି ବର୍ଷର କାର୍ଯ୍ୟକ୍ରମର ବିଷୟବସ୍ତୁ ହେଉଛି 'ସ୍ୱାସ୍ଥ୍ୟକର ବାର୍ଦ୍ଧକ୍ୟ ପାଇଁ ଯୋଗ', ଯାହା ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଏବଂ ସୁସ୍ଥ ବାର୍ଦ୍ଧକ୍ୟକୁ ପ୍ରୋତ୍ସାହିତ କରିବା ଭୂମିକା ଉପରେ ଆଲୋକପାତ କରେ । ୟୁନେସ୍କୋ ବିଶ୍ୱ ଐତିହ୍ୟସ୍ଥଳ ଖଜୁରାହୋର ପଶ୍ଚିମ ମନ୍ଦିର ସମୂହରେ ଆୟୋଜିତ 'ଯୋଗ ମହୋତ୍ସବ ୨୦୨୬' ସମୟରେ ଏହି ଘୋଷଣା କରାଯାଇଥିଲା । ଏହା ସହିତ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପାଇଁ ୨୫ ଦିନିଆ କାଉଂଟଡାଉନ୍ ମଧ୍ୟ ଆରମ୍ଭ ହୋଇଥିଲା । ଆୟୁଷ ମନ୍ତ୍ରଣାଳୟ ଅଧୀନରେ ମୋରାରଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ (ଏମଡିଏନଆଇୱାଇ) ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ, ହଜାର ହଜାର ଯୋଗ ଉତ୍ସାହୀ ବ୍ୟକ୍ତି 'ସାଧାରଣ ଯୋଗ ପ୍ରୋଟୋକଲ୍'ର ଏକ ସାମୂହିକ ପ୍ରଦର୍ଶନରେ ଅଂଶଗ୍ରହଣ କରିଥିଲେ । ସମାବେଶକୁ ସମ୍ବୋଧିତ କରି ଶ୍ରୀ ଯାଧବ କହିଛନ୍ତି ଯେ ଭାରତର ପାରମ୍ପରିକ ଐତିହ୍ୟ ଏବଂ ଆଧ୍ୟାତ୍ମିକ ଚେତନାରେ ବୃଦ୍ଧି ରହିଥିବା କୋଲକାତା ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ର ମୁଖ୍ୟ ଉତ୍ସବ ଆୟୋଜନ କରିବ । 'ସ୍ୱାସ୍ଥ୍ୟକର ବାର୍ଦ୍ଧକ୍ୟ ପାଇଁ ଯୋଗ' ବିଷୟବସ୍ତୁ ବୟସ ବୃଦ୍ଧି ସମୟରେ ସାମଗ୍ରିକ କଲ୍ୟାଣକୁ ପ୍ରୋତ୍ସାହିତ କରିବାରେ ଯୋଗର ବର୍ଦ୍ଧିତ ଗୁରୁତ୍ୱକୁ ପ୍ରତିଫଳିତ କରେ । ଯୋଗ ଭାରତର ପ୍ରାଚୀନ ଜ୍ଞାନକୁ ପ୍ରତିନିଧିତ୍ୱ କରେ ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଏବଂ ସନ୍ତୁଳିତ ଜୀବନଯାପନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଖଜୁରାହୋ, ଏହାର ସମୃଦ୍ଧ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଐତିହ୍ୟ ସହିତ, ଭାରତର ପ୍ରାଚୀନ ପରମ୍ପରା ଏବଂ ସୁସ୍ଥତା ଅଭ୍ୟାସ ମଧ୍ୟରେ ସମନ୍ୱୟକୁ ପ୍ରତିନିଧିତ୍ୱ କରେ ବୋଲି ଶ୍ରୀ ଯାଧବ ଉଲ୍ଲେଖ କରିଥିଲେ । ସେ ଏହା ମଧ୍ୟ କହିଥିଲେ ଯେ, ଏହି ସହର ଯୋଗ ଏବଂ ସୁସ୍ଥତା ପାଇଁ ଏକ ବିଶ୍ୱ କେନ୍ଦ୍ର ଭାବରେ ଉଭା ହେବାର ସମ୍ଭାବନା ରଖିଛି । ଯୋଗ ଦୈନନ୍ଦିନ ଜୀବନର ଏକ ଅଂଶ ହେବା ଉଚିତ ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଅନୁଯାୟୀ ଆୟୁଷ ମନ୍ତ୍ରଣାଳୟ ନିରନ୍ତର ଯୋଗାଯୋଗ ଏବଂ ଜନଭାଗୀଦାରୀ ମାଧ୍ୟମରେ ଯୋଗକୁ ପ୍ରତ୍ୟେକ ଗ୍ରାମ, ପରିବାର, ବିଦ୍ୟାଳୟ, କାର୍ଯ୍ୟାଳୟ ଏବଂ ସମ୍ପ୍ରଦାୟକୁ ପହଂଚେଇବା ପାଇଁ କାର୍ଯ୍ୟ କରୁଛି । ପ୍ରତିରୋଧକ ସ୍ୱାସ୍ଥ୍ୟସେବାର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ଯାଧବ ଉଲ୍ଲେଖ କରିଥିଲେ ଯେ, ଯୋଗ ଏବଂ ଆୟୁଷ ଆହାର ଭଳି ପଦକ୍ଷେପ ସନ୍ତୁଳିତ ପୁଷ୍ଟିସାର, ଶୃଙ୍ଖଳିତ ଜୀବନଯାପନ ଏବଂ ସାମଗ୍ରିକ କଲ୍ୟାଣକୁ ପ୍ରୋତ୍ସାହିତ କରେ । ଏହି ଅବସରରେ, କେନ୍ଦ୍ରମନ୍ତ୍ରୀ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପାଇଁ ଅନଲାଇନ୍ ପଞ୍ଜୀକରଣକୁ ସହଜ କରିବା ଏବଂ ଜନ ଅଂଶଗ୍ରହଣକୁ ସୁଦୃଢ଼ କରିବା ପାଇଁ ଯୋଗ ସଙ୍ଗମ ପୋର୍ଟାଲ୍ ପୁନଃଉନ୍ମୋଚନ କରିଥିଲେ । ରାଜ୍ୟ ଏବଂ ଅନୁଷ୍ଠାନଗୁଡ଼ିକରେ ସମର୍ପିତ ଯୋଗ ସ୍ଥାନଗୁଡ଼ିକର ବିକାଶକୁ ସମର୍ଥନ କରିବା ପାଇଁ ଯୋଗ ପାର୍କ ପୋର୍ଟାଲ୍ ମଧ୍ୟ ଉନ୍ମୋଚନ କରିଥିଲେ । ସେ ଯୋଗ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତାର ବାର୍ତ୍ତାକୁ ପ୍ରୋତ୍ସାହିତ କରୁଥିବା ଏକ ନୂତନ ଡିଜାଇନ୍ କରାଯାଇଥିବା ଯୋଗ ଟି-ସାର୍ଟ ମଧ୍ୟ ଉନ୍ମୋଚନ କରିଥିଲେ । ଯୋଗ ୩୬୫ ଅଭିଯାନ ଅଧୀନରେ ୧୦୦ ଦିନିଆ ମାଗଣା ଯୋଗ ତାଲିମ କାର୍ଯ୍ୟକ୍ରମରେ ଦୁଇ ଲକ୍ଷରୁ ଅଧିକ ବ୍ୟକ୍ତି ଅଂଶଗ୍ରହଣ କରି ଯୋଗ ମିତ୍ର ପ୍ରମାଣପତ୍ର ପାଇଛନ୍ତି ବୋଲି ସୂଚନା ଦେଇଥିଲେ । ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ କାର୍ଯ୍ୟକ୍ରମରେ ଭର୍ଚୁଆଲ୍ ଭାବରେ ଯୋଗ ଦେଇଥିଲେ । ସେ ତାଙ୍କ ଭିଡିଓ ବାର୍ତ୍ତାରେ କହିଥିଲେ ଯେ ଯୋଗ ଏବଂ ଖଜୁରାହୋ ଭାରତର ସାଂସ୍କୃତିକ ଐତିହ୍ୟର ଅବିଚ୍ଛେଦ୍ୟ ପ୍ରତୀକ ।

ନାହିଁ ନାହିଁରେ ଚାଲିଛି ଏରକଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର : ରୋଗୀ ସେବା ବିପର୍ଯ୍ୟସ୍ତ

ମାହାଙ୍ଗା, ୨୭/୦୫(ଆ.ପ୍ର) : ମାହାଙ୍ଗା ବ୍ଲକର ଏରକଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ଫାର୍ମାସିଷ୍ଟ, ଷ୍ଟାଫ୍ ନର୍ସ ପଦବୀ ଖାଲିପଡିଥିଲା ବେଳେ ସିକ୍ୟୁରିଟି ରାତ୍ରକାଳୀନ ଦାୟିତ୍ୱରେ ଅଛନ୍ତି । ଜଣେ ସାନିଟାଇଜର୍ ୱାର୍କର ଉପରେ କାର୍ଯ୍ୟଭାର ଲଦି ହୋଇପଡୁଛି । ଡାକ୍ତର ନଥିବାରୁ ରୋଗୀଙ୍କ ଭରସା ଦିନକୁ ଦିନ ତୁଟିବାକୁ ବସିଲାଣି । ଡବଲ ଇଞ୍ଜିନ୍ ସରକାର ସମୟରେ ମାହାଙ୍ଗାରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି । ଭଦ୍ରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଭଳି ଏରକଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ପାଲଟିଛି । ଖୋଦ୍ ସ୍ୱାଧୀନ ବିଧାୟକଙ୍କ ପଂଚାୟତରେ ଯଦି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ତେବେ ଅନ୍ୟ ଅଂଚଳ କଥା ପଚାରେ କିଏ । ରାସ୍ତାଘାଟ କରିଦେଲେ, ଏପରିକି କେନାଲ ଭିତର ଦ୍ୱ କେଇ କରିଦେଲେ ସାଧାରଣ ଲୋକଙ୍କ ସମସ୍ୟା ଦୂର ହେବ ନାହିଁ । ମାହାଙ୍ଗାରେ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି । ମାହାଙ୍ଗା ଅଂଚଳର ଅଧିକାଂଶ ସରକାରୀ ଡାକ୍ତରଖାନାରେ ଆୟୁଷ ଆୟୁର୍ବେଦିକ୍ ଡାକ୍ତରାଣୀ ଏଲୋପାଥିକ ଔଷଧ ଲେଖୁଛନ୍ତି । ରୋଗୀଙ୍କ ପାଇଁ ଆସୁଥିବା ଆୟୁର୍ବେଦିକ୍ ଔଷଧ କୁଆଡେ ଯାଏ ତାହାର ହିସାବ ମିଳେନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି । ଯେଉଁ ଡାକ୍ତରଖାନାରେ ଦିନେ ରୋଗୀଙ୍କର ଲମ୍ବାଧାଡି ଲାଗୁଥିଲା ଡାକ୍ତର ଜ୍ଞାନ ରଂଜନ ନାୟକ ଦିନ ୧୦ଟାରୁ ସନ୍ଧ୍ୟା ୫ଟା ଯାଏଁ ରୋଗୀ ସେବା କରୁଥିଲେ ସେହି ଡାକ୍ତରଖାନା ଏବେ ରୋଗୀ ଆସୁନାହାନ୍ତି । ସ୍ୱାସ୍ଥ୍ୟବିଭାଗୀୟ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସର୍ବସାଧାରଣରେ ଦାବି ହେଉଛି ।

ବଦଳିଲେ ଦୁଇ ଏନଏସି କର୍ମଚାରୀ

ଦଶପଲ୍ଲା, ୨୭/୦୫(ଆ.ପ୍ର) : ଦଶପଲ୍ଲା ବିଜ୍ଞାପିତ ଅଂଚଳ ପରିଷଦରେ କାର୍ଯ୍ୟ କରି ଆସୁଥିବା ଦୁଇ କର୍ମଚାରୀ ମାନସ କୁମାର ପତି ଏବଂ ବିପିନି ବିହାରୀ ପଣ୍ଡାଙ୍କ ବଦଳି ହୋଇଛି । ଶ୍ରୀପତିଙ୍କର ବଉଦଗଡ ମୁନିସିପାଲିଟିକୁ ବଦଳି ହୋଇଥିବା ବେଳେ ଶ୍ରୀ ପଣ୍ଡାଙ୍କୁ ସୋନପୁର ମୁନିସିପାଲିଟିକୁ ବଦଳି ହୋଇଛି । ଅନ୍ୟ ପକ୍ଷରେ ତାଙ୍କ ସ୍ଥାନରେ ଖଣ୍ଡପଡ଼ା ଏନ୍ଏସିର ସିନିଅର ଆସିଷ୍ଟାଂଟ ବିପିନି ବିହାରୀ ପଟ୍ଟନାୟକ ଏବଂ ଭୁବନେଶ୍ୱର ବିଏମସିର ଜୁନିଅର ଆସିଷ୍ଟାଂଟ ସନ୍ତୋଷ କୁମାର ପ୍ରହରାଜଙ୍କୁ ଦଶପଲ୍ଲା ବିଜ୍ଞାପିତ ଅଂଚଳ ପରିଷଦକୁ ବଦଳି ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି ।

ବିଧାୟକଙ୍କ ଦ୍ୱାର ୩ ଟି ମୁଖ୍ୟମନ୍ତ୍ରୀ ବସ ସେବା ଆରମ୍ଭ

ଖଣ୍ଡପଡ଼ା, ୨୭/୦୫(ଆ.ପ୍ର) : ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଂଚଳବାସୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଯାତାୟତ ନିମନ୍ତେ ୩ ଟି ମୁଖ୍ୟମନ୍ତ୍ରୀ ବସ ସେବା ବୁଧବାର ଠାରୁ ଆରମ୍ଭ ହୋଇଛି । ଭାପୁର ଠାରେ ପୂଜାର୍ଚ୍ଚନା ପରେ ପତାକା ଦେଖାଇ ପ୍ରଥମେ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟମନ୍ତ୍ରୀ ବସ ସେବାର ଶୁଭାରମ୍ଭ କରିଥିବା ବେଳେ ପରବର୍ତ୍ତୀ ସମୟରେ ଅପରାହ୍ନରେ ଖଣ୍ଡପଡ଼ା ଠାରେ ବସ ସେବାର ଶୁଭାରମ୍ଭ କରାଯାଇଥିବା ଜଣାପଡିଛି । ଏ ଅବସରରେ ରାଜ୍ୟ ସଡ଼କ ପରିବହନ ନିଗମ କର୍ମଚାରୀଙ୍କ ସମେତ ପଂଚାୟତ ଲୋକପ୍ରତିନିଧି ଓ ଦଳୀୟ କର୍ମକର୍ତ୍ତା ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ବସ ସେବା ଦ୍ୱାରା ଜଗନ୍ନାଥପ୍ରସାଦ, ଗଡିଆସାହି, ସିଂଘାପଡା ପଂଚାୟତ ସମେତ ଭାପୁର ବ୍ଲକର ବାଘୁଆପଲ୍ଲୀ, ବାଇରୁଣିଆ ସମେତ ଏକାଧିକ ପଂଚାୟତର ବାସିନ୍ଦା ବିଶେଷ ଉପକୃତ ହେବେ ବୋଲି ଜଣାପଡିଛି । ଗ୍ରାମାଂଚଳକୁ ଯାତାୟତ ନିମନ୍ତେ ଏହି ମୁଖ୍ୟମନ୍ତ୍ରୀ ବସ ସେବା ବେଶ ସହାୟକ ହେବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି ।

୧୪୮ଟି ପରିବାରକୁ ୬ କୋଟିରୁ ଅଧିକ ଟଙ୍କା ପ୍ରଦାନ ଏବଂ ୪୧ ଜଣଙ୍କୁ ଚୁକ୍ତିଭିତିକ ନିଯୁକ୍ତି

ରାଉରକେଲା, ୨୭/୦୫(ଆ.ପ୍ର) : ସେଲ୍ ଅନ୍ତର୍ଗତ ରାଉରକେଲା ଇସ୍ପାତ କାରଖାନା ଏହାର ସମ୍ପ୍ରସାରଣ କାର୍ଯ୍ୟକୁ ସହଜ କରିବା ପାଇଁ ସ୍ଥାନାନ୍ତରିତ ହୋଇଥିବା ୧୪୬ଟି ପରିବାରକୁ ଏପର୍ଯ୍ୟନ୍ତ ୬ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିସାରିଛି, ସୂଚନାଯୋଗ୍ୟ ଯେ ସମ୍ପ୍ରସାରଣ ପରେ କାରଖାନାର ଉତ୍ପାଦନ କ୍ଷମତା ଦ୍ୱିଗୁଣିତ ହେବାକୁ ଯାଉଛି । ଆର୍ଥିକ ସହାୟତା ବ୍ୟତୀତ, କାରଖାନା ଏହି ପରିବାରଗୁଡ଼ିକର ଦୀର୍ଘକାଳୀନ ସ୍ଥିରତାକୁ ପ୍ରାଥମିକତା ଦେଉଛି । ଆରଏସପି ଏପର୍ଯ୍ୟନ୍ତ ୪୧ ଜଣ ବ୍ୟକ୍ତିଙ୍କୁ ଚୁକ୍ତିଭିତିକ ଚାକିରି ମାଧ୍ୟମରେ ଅନ୍ତର୍ଭୁକ୍ତ କରିଛି, ଯାହା ପ୍ରଭାବିତ ପରିବାରଗୁଡ଼ିକୁ ସ୍ଥିର ରୋଜଗାରର ସୁଯୋଗ ଯୋଗାଇ ଦେଉଛି । ଦେଓଗାଁ ନିକଟସ୍ଥ ଏକ ପ୍ରମୁଖ ସ୍ଥାନରେ ବିକାଶମୂଳକ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । କାରଖାନା ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଥାଇ ପ୍ଲଟ୍ ଗୁଡ଼ିକୁ ପ୍ରସ୍ତୁତ କରାଯାଉଛି, ଯେଉଁଥିରେ ସଡ଼କ ସଂଯୋଗୀକରଣ, ଡ୍ରେନେଜ୍ ବ୍ୟବସ୍ଥା, ବିଦ୍ୟୁତ ଏବଂ ଜଳ ଯୋଗାଣ ଭଳି ଅତ୍ୟାବଶ୍ୟକ ଭିତିଭୂମି ସାମିଲ ରହିଛି । ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ, ମାଲିକାନା ଦସ୍ତାବିଜ ସହିତ ଏହି ପ୍ଲଟ୍ ଗୁଡ଼ିକୁ ଆନୁଷ୍ଠାନିକ ଭାବେ ପରିବାରଗୁଡ଼ିକୁ ହସ୍ତାନ୍ତର କରାଯିବ । ସ୍ଥାନାନ୍ତର ପ୍ରକ୍ରିୟାକୁ ସୁଗମ କରିବା ପାଇଁ, ୮୩ ଟି କୁଡ଼ିଆରେ ରହୁଥିବା ବ୍ୟକ୍ତିଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯାଇଛି । ସ୍ଥାନୀୟ ସମୁଦାୟର କଲ୍ୟାଣକୁ ସାଙ୍ଗରେ ନେଇ ଯେପରି ସମ୍ପ୍ରସାରଣ ପ୍ରକଳ୍ପ ଆଗକୁ ବଢ଼ିବ, ସେଥିପାଇଁ ରାଉରକେଲା ଇସ୍ପାତ କାରଖାନା ସମସ୍ତ ପ୍ରକାର ପ୍ରଚେଷ୍ଟା କରୁଛି । ତତ୍କାଳ ଆର୍ଥିକ ସହାୟତା ଏବଂ ସ୍ଥାୟୀ ଦୀର୍ଘକାଳୀନ ଭିତିଭୂମି ଉଭୟ ଯୋଗାଇଦେଇ, କାରଖାନା ଏଥିରେ ସାମିଲ ଥିବା ପ୍ରତ୍ୟେକ ପରିବାର ପାଇଁ ଏକ ସକାରାତ୍ମକ ଏବଂ ସୁରକ୍ଷିତ ସ୍ଥାନାନ୍ତରଣ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି ।

ବରିଷ୍ଠ ନାଗରିକ ସଂଘ ସମ୍ପାଦକଙ୍କ ଅକାଳ ବିୟୋଗ

ଜି.ଉଦୟଗିରି, ୨୭/୦୫(ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବିଜ୍ଞାପିତ ଅଂଚଳ ପରିଷଦ କ୍ଲବ ସାହି ରେ ରହୁଥିବା ବରିଷ୍ଠ ନାଗରିକ ସଂଘ ସମ୍ପାଦକ ପ୍ରଫୁଲ୍ଲ ସାହୁ ଙ୍କ ଅକାଳ ବିୟୋଗ ହୋଇଛି । ମୃତକଙ୍କ ବୟସ ୭୨ ବର୍ଷ ହୋଇଥିବା ବେଳେ ହଠାତ୍ ଦେହ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ଫେରିଥିଲେ । ସୋମବାର ଅପରାହ୍ନ ୩ ଘଂଟା ସମୟରେ ହଠାତ୍ ଅସୁସ୍ଥତା ଅନୁଭବ କରିଥିଲେ ସଙ୍ଗେ ସଙ୍ଗେ ତାଙ୍କ ପୁଅ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ଅକାଳ ବିୟୋଗରେ କ୍ଲବ ସାହି ତଥା ଜି.ଉଦୟଗିରି ଅଂଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା । ସେ ଗ୍ରାମ୍ୟ ଜଳ ଯୋଗାଣ କାର୍ଯ୍ୟାଳୟରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ । ସ୍ୱର୍ଗତ ସାହୁ ଧର୍ମପରାୟଣ, ମେଳାପି, ସ୍ନେହୀ ଓ ପରୋପକାରୀ ଥିଲେ । ବିଗତ ଦେଢ଼ ବର୍ଷ ପୂର୍ବରୁ ତାଙ୍କ ଧର୍ମ ପତ୍ନୀ ମୃତ୍ୟୁ ବରଣ କରିଥିଲେ । ତାଙ୍କ ମୃତ୍ୟୁ ବେଳେ ତାଙ୍କ ପୁଅ ବହୁ, ଦୁଇ ଝିଅ, ନାତିନାତୁଣୀ ଉପସ୍ଥିତ ଥିଲେ । ମୃତ୍ୟୁ ଖବର ପାଇ ପରିବାର, ବନ୍ଧୁ ବର୍ଗ, ବରିଷ୍ଠ ନାଗରିକ ସଂଘ ସଦସ୍ୟ, ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ । ବନ୍ଧୁ ପରିଜନଙ୍କ ଉପସ୍ଥିତିରେ ଶ୍ମଶାନରେ ତାଙ୍କ ପାର୍ଥିବ ଶରୀରକୁ ପୁଅ ମୁଖାଗ୍ନି ଦେବା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

ଘରବାଡି ପାଇଁ ଆବେଦନ କାରି ତତହସିଲ ଏବଂ ଆରଆଇ ଅଫିସକୁ ଦୌଡି ଦୌଡି କାର୍ଯ୍ୟ ଶୂନ ହନ୍ତସନ୍ତ ମହିଳା

ଧାମନଗର, ୨୭/୦୫(ଆ.ପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ମିରଘାଟକୁଳ ଗ୍ରାମର ଅନୁରାଧା ମଲ୍ଲିକ ଘରବାଡି କରିବା ପାଇଁ ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ । ଏହି ସମ୍ବନ୍ଧରେ କେସ ନଂ-୨୧୯୧/୨୦୨୬,ତାରିଖ ୧୧/୦୩/୨୦୨୬ରେ ତହସିଲ କାର୍ଯ୍ୟାଳୟରୁ ଅର୍ଡର ସିଟ କୋଠାର ଆରଆଇଙ୍କ ପାଖକୁ ଯାଇଥିଲା । କିନ୍ତୁ ଦୁଃଖର ବିଷୟ ପୂର୍ବରୁ ୨୬/୦୩/୨୬ରେ ଜିଲ୍ଲାପାଳ ନିକଟରେ ଲିଖିତ ଅଭିଯୋଗ କଲେ ମଧ୍ୟ ଆଜିଯାଏ ତଥା ୭୬ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଘଟଣାସ୍ଥଳରେ ପହଂଚି ତଦନ୍ତ କରି ରିପୋର୍ଟ ତହସିଲ କାର୍ଯ୍ୟାଳୟକୁ ପଠାଯାଇନାହିଁ ବୋଲି ଅନୁରାଧା ମଲ୍ଲିକ ଅଭିଯୋଗ କରିଛନ୍ତି ।ସରକାରୀ ନିୟମ ସୀମା ଅନୁଯାୟୀ ରେଭେନ୍ୟୁ ଇନ୍ସପେକ୍ଟରଙ୍କ କ୍ଷେତ୍ର ପରିଦର୍ଶନ କରି ତଦନ୍ତ ଏବଂ ରିପୋର୍ଟ ଦାଖଲ କରିବା କଥା କିନ୍ତୁ ଦୀର୍ଘ ଦିନ ବିଳମ୍ବ ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି । ଅଭିଯୋଗକାରୀଙ୍କ କହିବା ଅନୁଯାୟୀ ଏନେଇ ଆମ ପ୍ରତିନିଧି କୋଠାର ଆର ଆଇଙ୍କୁ ପଚାରିବାରୁ "ହଁ ମୁଁ କାମ କରିଦେବି" ବୋଲି କହୁଥିବା ସତ୍ୱେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନାହାନ୍ତି । ଫଳରେ ଜଣେ ମହିଳା ଘରବାଡି କାମ ପାଇଁ ତହସିଲ କାର୍ଯ୍ୟାଳୟ ଏବଂ ଆର ଆଇ ଅଫିସକୁ ଦୌଡି ଦୌଡି ହନ୍ତସନ୍ତ ହୋଇ ବାଧ୍ୟ ହୋଇ ଗଣମାଧ୍ୟମ ଆଗରେ ଅନୁରାଧା ମଲ୍ଲିକ ଅଭିଯୋଗ କରିଛନ୍ତି । ସ୍ଥାନୀୟ ସାଧାରଣ ଜନତାଙ୍କ କହିଛନ୍ତି ଯେ' କୋଠାର ଆର ଆଇ ମନମୁଖୀ ଭାବେ କାର୍ଯ୍ୟ କରୁଥିବାରୁ ସାଧାରଣ ଲୋକ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଜିଲ୍ଲା ଓ ବ୍ଲକ ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ତଦନ୍ତ କରି ଆର ଆଇଙ୍କ ମନମୁଖୀ କାର୍ଯ୍ୟ ଉପରେ ତାଗିଦ ସହିତ ଆବେଦନ କାରି ଅନୁରାଧା ମଲ୍ଲିକ ଜଣେ ମହିଳାଙ୍କୁ ସରକାରୀ ନିୟମ ଅନୁସାରେ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି ।

ସ୍ୱର୍ଗତ ଭିକାରୀ ଚରଣ ବାରିକଙ୍କ ଦ୍ୱାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା

ମାହାଙ୍ଗା, ୨୭/୦୫(ଆ.ପ୍ର) : ମାହାଙ୍ଗା ବ୍ଲକ ନାହାଙ୍ଗ ପଂଚାୟତ ଅର୍ନ୍ତଗତ ବାଲିପଡ଼ା ଠାରେ ପଦ୍ମଜା ସାହିତ୍ୟ ସଂସଦ ଓ ଏସ୍ ଭଇ କ୍ୟାନ୍ ଗୋପାଳପୁର ଆନୁକୂଲ୍ୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ ଭିକାରୀ ଚରଣ ବାରିକଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତି ଚାରଣ ସଭାରେ ପଦ୍ମଜା ସାହିତ୍ୟ ସଂସଦ ସଂପାଦକ ପ୍ରକାଶ ଚନ୍ଦ୍ର ପ୍ରଧାନ, ଗବେଷକ ଡଃ ଏକାଦଶୀ ପ୍ରଧାନ, ଡଃ ରାବଗ୍ରାହୀ ରାଉତ, ଶିକ୍ଷକ ବିଶ୍ୱଭୂଷଣ ପ୍ରଧାନ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ଭିକାରୀ ଚରଣ ବାରିକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ବରାଳ ଗୀତା ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଦିପ୍ତ ନାଥଶର୍ମା, ରାମଚନ୍ଦ୍ରପ୍ରଧାନ, କବି ପ୍ରଫୁଲ୍ଲ କୁମାର ସିଂ, ଚୌଧୁରୀ ପ୍ରସନ୍ନ ପ୍ରହରାଜ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ବୃତି ନୀଳମଣି ବରାଳ, କୃଷକ ନେତା ରାମଚନ୍ଦ୍ର ସ୍ୱାଇଁ, ରମେଶ ଚନ୍ଦ୍ର ସାହୁ, ପବିତ୍ର ମୋହନ ପ୍ରଧାନ, ସୁନିଲ ପ୍ରଧାନ, ବିଜୟ କୁଅଁର, ଗ୍ରନ୍ଥକାର ବିବେକାନନ୍ଦ ଦାସ , ରମେଶ ଚନ୍ଦ୍ର ସାହୁ, ପୂର୍ବତନ ସରପଂଚ ସୁବାଷ ଚନ୍ଦ୍ର ମହାନ୍ତି ପ୍ରମୁଖ ସ୍ମୃତିଚାରଣ କରିବା ସହିତ ସ୍ୱର୍ଗତ ବାରିକ ଜଣେ ଆଦର୍ଶ, ଛାତ୍ରବତ୍ସଳ, ପରିବେଶ ବିତ୍ ଭାବରେ ସ୍ଥାନୀୟ ଅଂଚଳରେ ଜଣାଶୁଣା ଥିଲେ । ସେ ଜଣେ ଭଲ ମଣିଷ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଏହି ସ୍ମୃତିଚାରଣ ସଭାରେ କବି ରାଜକିଶୋର ମିଶ୍ର, କୁଞ୍ଜ ବିହାରୀ ମହାପାତ୍ର, ଯତିନ୍ଦ୍ର କୁମାର ଦାସ, ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ନାହାଙ୍ଗ ପଂଚାୟତର ସରପଂଚଙ୍କ ପ୍ରତିନିଧି ଦେବରଂଜନ ମହାନ୍ତି, ପୂର୍ବତନ ସରପଂଚ ଭାଗବତ ସେଠୀ, ପ୍ରସନ୍ନ କୁମାର ସାହୁ, ଇଂ.ଶତ୍ରୁଘ୍ନ ସାହୁ ରାୟଗୁରୁ ସନ୍ତୋଷ କୁମାର ମହାପାତ୍ର, ସୁବଳ ଚରଣ ସାହୁଙ୍କ ସମେତ ବିଭିନ୍ନ ଅଂଚଳରୁ ଆସିଥିବା ଶିକ୍ଷକ,ଶିକ୍ଷାବିତ୍ ଓ ବୁଦ୍ଧିଜୀବିମାନେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସୌଭାଗ୍ୟ ବାରିକ,ରୋହାଲିନ୍ ବାରିକ, ସ୍ୱରଣୀକା ସାହାଣୀ, ଅପରୂପା ନାୟକ, ବିନାୟକ ବଳ ସହଯୋଗ କରିଥିଲା ବେଳେ ସାନପୁଅ ରାଜିବ୍ ଲୋଚନ ବାରିକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

ଚୌଦ୍ୱାର ପୋଲିସ ପଞ୍ଜାରେ ଲୁଟେରା ଗ୍ୟାଙ୍ଗ, ଛୁରି,ଟଙ୍କା,କାର ସହିତ ଛଅ ଜଣ ଗିରଫ

ଟାଙ୍ଗୀ ଚୌଦ୍ୱାର, ୨୭/୦୫(ଆ.ପ୍ର) : ପୋଲିସ ସୂଚନା ଅନୁଯାଇ ୧୧ତାରିଖ ବଣାଇରୁ ଭୁବନେଶ୍ୱର ପରିବାର ସହ ଏକ କାରରେ (ଓଡି -୧୪ଭି -୫୦୫୦)ଚିକିତ୍ସା ହେବା ପାଇଁ ଯାଉଥିବା ସମୟରେ ଚୌଦ୍ୱାର ମୁଣ୍ଡମାଳ ଛକ ଟ୍ରେନ ଫାଟକ ପାଖରେ ୬ଜଣ ଦୁର୍ବୃତ୍ତ ଗାଡିକୁ ଭାଙ୍ଗିବା ସହ ଚିକିତ୍ସା ପାଇଁ ସାଥିରେ ନେଇଥିବା ୬୫ହଜାର ଟଙ୍କା ଛଡାଇ ନେଇ ପଳାଇଥିବା ଏକ ଅଭିଯୋଗ ଚୌଦ୍ୱାର ଥାନାରେ ହୋଇଥିଲା । ଏହି ଅଭିଯୋଗକୁ ଭିତିକରି(ଡି ସି ପି)ଙ୍କ ନିର୍ଦ୍ଦେଶରେ ଚୌଦ୍ୱାର ଥାନାର (ଆଇ ଆଇ ସି) ରଜନୀକାନ୍ତଙ୍କ ନେତୃତ୍ୱରେ ଗଠିତ ଏକ ସ୍ପେଶାଲ ଟିମ ଚୌଦ୍ୱାର ଅଂଚଳର ପ୍ରତିଟି କ୍ୟାମେରା ଚେକ କରିବା ସହିତ ଅପରାଧୀ ମାନଙ୍କର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖି ତୁରନ୍ତ ଛଅ ଜଣକୁ ଗିରଫ କରିବା ସହିତ ଗୋଟିଏ ଛୁରୀ ୧୧୯୦୦ ଟଙ୍କା ଓ କାର ଜବତ କରିବା ସହ ଆସାମୀ ମାନଙ୍କୁ ଜେଲ ହାଜତକୁ ପଠାଇଥିବାର ଚୌଦ୍ୱାର ପୋଲିସ ଠାରୁ ସୂଚନା ମିଳିଛି ଆସାମୀ ମାନେ ସମସ୍ତେ ଜଗତପୁର ପଦ୍ମପୁର ଅଂଚଳର, ଆସାମୀ ମାନଙ୍କର ନାମ ଯଥାକ୍ରମେ ନିଜ୍ରାମୁଦିନ ଖାନ (୪୦)ଏ ସ. କେ. ଅମିରୁଦିନ. (୧୮)ଜବିରୁଦିନ(୨୭) ଏ ସ. କେ ଜାମୁରୁଦିନ (୨୦)ଏ ସ. କେ ଜବାରୁଦିନ (୧୯)ଏ ସ. କେ ସାମ ସୁଦିନ(୨୯) ।

ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡ଼ର ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ୧ ଜୁନ୍‌ରୁ ୧୨ ଜୁନ୍ ପର୍ଯ୍ୟନ୍ତ

ନବରଙ୍ଗପୁର, ୨୭/୦୫(ଆ.ପ୍ର) : ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ସକାଶେ ଭାରତୀୟ ସେନାରେ ନିଯୁକ୍ତି ବର୍ଷ ୨୦୨୬-୨୭ପାଇଁ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ୧ ଜୁନ୍ ୨୦୨୬ରୁ ୧୨ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । କୋଲକାତାର ନିଯୁକ୍ତି ଜୋନରେ ପରୀକ୍ଷା ସିକିମ୍, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ରାଜ୍ୟର ମୋଟ ୧୬ଟି ସହରର ୨୬ ଟି କେନ୍ଦ୍ରରେ ଅନୁଷ୍ଠିତ ହେବ । ଓଡ଼ିଶା ରାଜ୍ୟର ପରୀକ୍ଷା ସାତଟି ସହରରେ ଅନୁଷ୍ଠିତ ହେବ – ବାଲେଶ୍ୱର, ବ୍ରହ୍ମପୁର (ଗଞ୍ଜାମ), ଭୁବନେଶ୍ୱର, କଟକ, ଢେଙ୍କାନାଳ, ରାଉରକେଲା, ସମ୍ବଲପୁର ରେ ଅନୁଷ୍ଠିତ ହେବ । ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିବା ପାଇଁ ପଞ୍ଜୀକରଣ ସମୟ ୧୦ ଏପ୍ରିଲ ୨୦୨୬ ରେ ବନ୍ଦ ହୋଇଯାଇଛି । ନବରଙ୍ଗପୁର ଜିଲ୍ଲାର ପ୍ରାର୍ଥୀମାନେ www.joinindianarmy.nic.in ରୁ ସେମାନଙ୍କର ଆଡମିଟ୍ କାର୍ଡ ଯାଂଚ ଏବଂ ଡାଉନଲୋଡ୍ କରିପାରିବେ । ସଫଳତାର ସହ ପଞ୍ଜିକୃତ ପ୍ରାର୍ଥୀ ଯେଉଁମାନେ ସେମାନଙ୍କର ଆଡମିଟ୍ କାର୍ଡ ପାଇ ନାହାଁନ୍ତି, ସେମାନେ ସେମାନଙ୍କର ସମ୍ପୃକ୍ତ ସେନା ନିଯୁକ୍ତି କାର୍ଯ୍ୟାଳୟକୁ ପାଇପାରିବେ । କମ୍ପ୍ୟୁଟର ଆଧାରିତ ଅନଲାଇନ୍ ପରୀକ୍ଷାକୁ ବୁଝିବା ଏବଂ ଅଭ୍ୟାସ କରିବା ପାଇଁ ପ୍ରାର୍ଥୀମାନଙ୍କୁ www.joinindianarmy.nic.in ୱେବସାଇଟ୍ ପରିଦର୍ଶନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପରେ, ମନୋନୀତ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ରାଲି ବିଷୟରେ ସୂଚିତ କରାଯିବ । ପ୍ରାର୍ଥୀମାନଙ୍କୁ କୌଣସି ଦଲାଲଙ୍କ ଶିକାର ନ ହେବାକୁ ପରାମର୍ଶ ଦିଆଯାଇଛି । ଯେକୌଣସି ପ୍ରଶ୍ନ ପାଇଁ ପ୍ରାର୍ଥୀମାନେ ନିକଟସ୍ଥ ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ଉଚିତ ବୋଲି ସବ୍ ମେଜର,ଆସିଷ୍ଟାଂଟ ରି କ୍ରୁଟିଂ ଅଫିସର, ଆର୍ମି ରିକ୍ରୁଟିଂ ଅଫିସ,ଗୋପାଳପୁର ଜଣାଉଛନ୍ତି ।

ସେଇଠୁ ଆରମ୍ଭ
SEITHO ARAMBHA

ଗୁରୁବାର, ୨୮ ମଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଟେଷ୍ଟ କ୍ରିକେଟ୍ ପାଇଁ ବୈଭବଙ୍କୁ ଅପେକ୍ଷା କରିବାକୁ ହେବ: ଗାଙ୍ଗୁଲି

ନୂଆଦିଲ୍ଲୀ, ୨୭/୫(ନ୍ୟୁ.ଏ): ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ ଯୁବ କ୍ରିକେଟ୍‌ରଙ୍କ ମଧ୍ୟରେ ଚର୍ଚ୍ଚା ଧରିଛି । ୧୫ ବର୍ଷୀୟ ଏହି ଖେଳାଳି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଏଭଳି ଖେଳିଛନ୍ତି, ଯାହା ଦ୍ୱାରା ଅନେକଗୁଡ଼ିଏ ରେକର୍ଡ ଭାଙ୍ଗିଯାଇଛି । ବୈଭବ ସୂର୍ଯ୍ୟବଂଶୀ ଅଧିକାଂଶ ମ୍ୟାଚ୍‌ରେ କିଛି ନୂଆ କରି ଦେଖାଉଛନ୍ତି । ଏବେ ତାଙ୍କୁ ଭାରତୀୟ ଟିମ୍‌ରେ ସାମିଲ କରାଯିବାକୁ ନେଇ ବିଭିନ୍ନ ମହଲରେ ଦାବି ହେଉଛି । ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଏବେ ବୈଭବଙ୍କୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି । ଜାତୀୟ ଗଣମାଧ୍ୟମକୁ ଏକ ସାକ୍ଷାତକାରରେ ବୈଭବଙ୍କୁ ପ୍ରଶଂସା କରି ଗାଙ୍ଗୁଲି କହିଛନ୍ତି,

ବିସ୍ମୟ ବାଳକ ଜଣେ ପ୍ରତିଭାସମ୍ପନ୍ନ ଖେଳାଳି । ବିହାରର ଏହି ଯୁବ ପ୍ରତିଭାଙ୍କ ପାଖରେ ଖେଳିବାର କଳା ଥିଲେ ମଧ୍ୟ ଟେଷ୍ଟ କ୍ରିକେଟ୍ ପାଇଁ ଆଉ କିଛି ସମୟ ଅପେକ୍ଷା କରିବାକୁ ହେବ । ଗାଙ୍ଗୁଲି କହିଛନ୍ତି, ବୈଭବଙ୍କୁ ତୁରନ୍ତ ଟି୨୦ରେ ସାମିଲ କରାଯିବା ଉଚିତ । କିନ୍ତୁ ଟେଷ୍ଟରେ ନାହିଁ । ଟେଷ୍ଟରେ ସ୍ଥାନ ରଖିବା ପାଇଁ ତାଙ୍କୁ ଘରୋଇ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ରନ୍ ସଂଗ୍ରହ କରିବାକୁ ହେବ । ମାତ୍ର ବୈଭବ ଜଣେ ପ୍ରତିଭାଶାଳୀ ଖେଳାଳି । ୧୫ ବର୍ଷୀୟ ବାଳକ ବିଶ୍ୱର ପ୍ରସିଦ୍ଧ ବୋଲରଙ୍କୁ ମୁକାବିଲା କରିବା ସହିତ ସାହସର ସହିତ ବ୍ୟାଟିଂ କରିବା ଅଦ୍ଭୁତ । ସେ ହେଉଛନ୍ତି ଭାରତର ଭବିଷ୍ୟତ । ସାକ୍ଷାତକାର ସମୟରେ ଗାଙ୍ଗୁଲିଙ୍କୁ ରଣଜୀ ଟ୍ରଫିରେ ଦମଦାର ପ୍ରଦର୍ଶନ କରିଥିବା ଅକିବ ନବୀ ଏବଂ ପ୍ରିନ୍ସ ଯାଦବଙ୍କୁ ଟିମ୍‌ରେ ସାମିଲ କରାଯିବା ନେଇ ପ୍ରଶ୍ନ ପଚରାଯାଇଥିଲା । ଜବାବରେ ସେ ଉଭୟ ଖେଳାଳିଙ୍କ ସପକ୍ଷରେ କହିଥିଲେ । ଚୟନକର୍ତ୍ତାଙ୍କ ସପକ୍ଷରେ ପୂର୍ବତନ ଅଧିନାୟକ କହିଥିଲେ, ଆକିବ ନବୀଙ୍କୁ ଟିମ୍ ଦରକାର କରୁଥିଲା । ସେ ରଣଜୀ ଟ୍ରଫିରେ ଭଲ ବୋଲିଂ କରିଛନ୍ତି । ପ୍ରିନ୍ସ ଯାଦବ ଜଣେ ପ୍ରତିଭାସମ୍ପନ୍ନ ଖେଳାଳି । ମୋ ମତରେ ପ୍ରିନ୍ସ ଯାଦବଙ୍କୁ ସୁଯୋଗ ଦେଇ ଚୟନକର୍ତ୍ତାମାନେ ବହୁତ ଭଲ କାମ କରିଛନ୍ତି । ମୋର ହିସାବରେ ଉଭୟ ଖେଳାଳିଙ୍କୁ ଟିମ୍‌ରେ ଚୟନ କରାଯିବାର ଥିଲା ।

ପାଟିଦାର ସେନାକୁ ଫାଇନାଲ ଟିକେଟ୍

ଧର୍ମଶାଳା, ୨୭/୫(ନ୍ୟୁ.ଏ): ବାଜିମାରି ନେଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ । ଗୁଜରାଟ ଆଗରେ ରନର ପାହାଡ଼ ଠିଆ କରାଇ ବିଜୟ ଲକ୍ଷ୍ୟକୁ ଅସମ୍ଭବ କରି ଦେଇଥିଲା । ଗୁଜରାଟ ଟାଇଟନ୍ସ ୨୫୫ରନର ପିଛା କରି ୧୯.୩ ଓଭରରେ ସବୁ ୱିକେଟ ହରାଇ ୧୬୨ ରନରେ ଅଟକିଲା । ଅନ୍ୟପଟେ ଆଜିର କ୍ୱାଲିଫାୟର ମ୍ୟାଚକୁ ଜିତି ଫାଇନାଲରେ ପହଂଚିଲା ବେଙ୍ଗାଲୁରୁ । ଆଜି (ମଙ୍ଗଳବାର)ଆଇପିଏଲ ୨୦୨୬ର ପ୍ରଥମ କ୍ୱାଲିଫାୟର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ଖେଳା ଯାଇଥିଲା । GT (ଗୁଜରାଟ ଟାଇଟନ୍ସ) ଧର୍ମଶାଳା ମୈଦାନରେ ଟସ୍ ଜିତି ଆରସିବିକୁ ବ୍ୟାଟ୍ ନିୟନ୍ତ୍ରଣ ଦେଇଥିଲା । ପ୍ରଥମେ ବ୍ୟାଟିଂ କରି ବେଙ୍ଗାଲୁରୁ ୨୫୫ରନର ଏକ ଐତିହାସିକ ଟାର୍ଗେଟ୍ ଦେଇଥିଲା । ଆରସିବି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୨୫୪ ରନ କରି ପାରିଥିଲା । ଏହି ଆଇପିଏଲ ପ୍ଲେଅଫ୍ ଇତିହାସର ସବୁଠୁ ବଡ଼ ସ୍କୋର । ଅଧିନାୟକ ରଜତ ପାଟିଦାର ଅପରାଜେୟ ୯୩ ରନର ଏକ ଧମାକାଦାର ଇନିଂସ ଖେଳି ଥିଲେ । ସେ ୩୩ ଟି ବଲରେ ପାଂଚଟି ଚୌକା ଓ ୯ଟି ଛକା ମାରିଥିଲେ ।

ଆରସିବିର ପ୍ରାରମ୍ଭିକ ବ୍ୟାଟିଂ ଭଲ ନଥିଲା । ଭେଙ୍କଟେଶ ଆୟର କିଛି ଭଲ ସଟ୍ ଖେଳିଥିଲେ ମଧ୍ୟ ବଡ଼ ଇନିଂସ ଖେଳିପାରି ନଥିଲେ । ସେ ୭ଟି ବଲରୁ ୧୯ ରନ୍ କରି ଥିଲେ, ଯେଉଁଥିରେ ତିନୋଟି ଚୌକା ଏବଂ ଗୋଟିଏ ଛକା ଥିଲା । ଦ୍ୱିତୀୟ ଓଭରରେ କାଗିସୋ ରବାଡା ତାଙ୍କୁ ଆଉଟ୍ କରିଥିଲେ । ଭେଙ୍କଟେଶ ,ବିରାଟ କୋହଲିଙ୍କ ସହ ୨୧ ରନର ପାର୍ଟନରସିପ୍ କରିଥିଲେ । ଏହାପରେ, ଦେବଦତ୍ତ ପାଡ଼ିକ୍କଲଙ୍କ ସହ ମିଶି କୋହଲି ଦାୟିତ୍ୱ ସମ୍ଭାଳି ଥିଲେ । ଏହି ଯୋଡ଼ି ଦ୍ୱିତୀୟ ୱିକେଟ ପାଇଁ ୭୨ ରନର ପାର୍ଟନରସିପ୍ କରିଥିଲେ । ଜାସନ ହୋଲ୍ଡର ନବମ ଓଭରରେ କୋହଲି ଏବଂ ପାଡିକ୍କଲଙ୍କ ଉଭୟଙ୍କୁ ପାଭିଲିୟନ ଫେରାଇ ଦେଇଥିଲେ । କୋହଲି ୨୫ଟି ବଲରୁ ୪୩ ରନ ଯୋଡ଼ିଥିଲେ । ଯେଉଁଥିରେ ପାଂଚଟି ଚୌକା ଏବଂ ଗୋଟିଏ ଛକା ଥିଲା, ଅନ୍ୟପଟେ ପାଡିକ୍କଲ ୧୯ଟି ବଲରୁ ୩୦ ରନ ସଂଗ୍ରହ କରି ଥିଲେ । ତାଙ୍କ ବ୍ୟାଟରୁ ପାଂଚଟି ଚୌକା ଆସିଥିଲା । ଅଧିନାୟକ ରଜତ ପଟିଦାର ଏବଂ କୃଣାଲ ପାଣ୍ଡ୍ୟା ଚତୁର୍ଥ ୱିକେଟ ପାଇଁ ୯୫ ରନର ପାର୍ଟନରସିପ୍ କରିଥିଲେ, ଯାହା RCBକୁ ଏକ ମଜବୁତ ସ୍ଥିତିକୁ ନେଇଥିଲା । ରବାଡା ୧୭ ତମ ଓଭରରେ କୃଣାଲଙ୍କୁ ନିଜ ଜାଲରେ ଫସାଇ ଥିଲେ । ସେ ୨୮ ବଲରୁ ୨୩ ରନର ଇନିଂସ ଖେଳି ଥିଲେ , ଯେଉଁଥିରେ ପାଂଚଟି ଚୌକା ଏବଂ ଦୁଇଟି ଛକା ଥିଲା । ପ୍ରସିଦ୍ଧ କୃଷ୍ଣା ୧୮ତମ ଓଭରରେ ଟିମ୍ ଡେଭିଡ୍(୫ଟି ବଲରୁ ୪ ରନ)ଙ୍କ ୱିକେଟ୍ ନେଇ ଥିଲେ । ପାଟିଦାର ଜିତେଶ ଶର୍ମାଙ୍କ ସହ ଷଷ୍ଠ ୱିକେଟ ପାଇଁ ୪୦ ରନର ପାର୍ଟନରସିପ୍ କରି ଥିଲେ । ଜିତେଶ ୫ଟି ବଲରୁ ଅପରାଜିତ ୧୫ ରନ କରିଥିଲେ । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ଲେଇଂ ୧୧ : ବିରାଟ କୋହଲି, ଭେଙ୍କଟେଶ ଆୟର, ଦେବଦତ୍ତ ପାଡ଼ିକଲ, ରଜତ ପାଟିଦାର (ଅଧିନାୟକ), ଜିତେଶ ଶର୍ମା (ୱିକେଟ କିପର), ଟିମ ଡେଭିଡ୍, କୃନାଲ୍ ପାଣ୍ଡ୍ୟା, ଭୁବନେଶ୍ୱର କୁମାର, ଜାକବ ଡଫି, ଜୋସ ହାଜେଲଉଡ୍, ରସିଖ ସଲାମ ଦାର । ଗୁଜରାଟ ଟାଇଟନ୍ସ ପ୍ଲେଇଂ ୧୧ : ଶୁଭମନ ଗିଲ୍ (ଅଧିନାୟକ), ସାଇ ସୁଦର୍ଶନ, ଜୋସ ବଟଲର(ୱିକେଟକିପର), ୱାସିଂଟନ ସୁନ୍ଦର, ନିଶାନ୍ତ ସିନ୍ଧୁ, ଜାସନ ହୋଲ୍ଡର, ରସିଦ ଖାନ, କୁଲୱନ୍ତ ଖେଜରୋଲିଆ, କାଗିସୋ ରାବାଡା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ।

ଏସ୍‌ଆଇଆର ପରିଚାଳନା ପାଇଁ ଇସିଆଇର ସମ୍ପୂର୍ଣ୍ଣ କ୍ଷମତା ରହିଛି: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୨୭/୫(ନ୍ୟୁ.ଏ): ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କରିବା ପାଇଁ ଭାରତୀୟ ନିର୍ବାଚନ ଆୟୋଗ(ଇସିଆଇ)ର କ୍ଷମତାକୁ ସୁପ୍ରିମ୍‌କୋର୍ଟ କାଏମ ରଖିଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଜଷ୍ଟିସ୍ ଜଷ୍ଟିସ୍ ଜୟମାଲ୍ୟା ବାଗଚୀ ଓ ଜଷ୍ଟିସ୍ ଭିଏମ୍ ପାଂଚୋଲିଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ବୁଧବାର ବିଭିନ୍ନ ରାଜ୍ୟରେ ଏସ୍‌ଆଇଆରର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଏକ ବ୍ୟାଚ୍ ପିଟିସନ୍ ଉପରେ ରାୟ ଶୁଣାଇଛନ୍ତି । ଜାନୁଆରି ୨୯ରେ ଖଣ୍ଡପୀଠ ଏହାର ରାୟ ସଂରକ୍ଷିତ ରଖିଥିଲେ । ତିନୋଟି ପ୍ରଶ୍ନ ଉପରେ ବିଚାର କରାଯାଇଥିଲା - ଏସ୍‌ଆଇଆର ପରି ଅଭ୍ୟାସ କରିବା ପାଇଁ ନିର୍ବାଚନ କମିସନଙ୍କ ପାଖରେ କ୍ଷମତା ଅଛି କି, ଏସ୍‌ଆଇଆର ଅଧୀନରେ ତଦନ୍ତ ଏକ ବୈଧ ଉଦ୍ଦେଶ୍ୟ ଉପରେ ପ୍ରତିଷ୍ଠିତ କି ନାହିଁ ଏବଂ ଗ୍ରହଣ କରାଯାଇଥିବା ପଦ୍ଧତି ଲୋକ ପ୍ରତିନିଧିତ୍ୱ (ଆରପି) ଆଇନର ବିରୁଦ୍ଧାଚରଣ କରୁଛି କି ନାହିଁ । ଏସ୍‌ଆଇଆର ପାଇଁ ଇସିଙ୍କ ଯୁକ୍ତି ସହିତ ସର୍ବୋଚ୍ଚ ନ୍ୟାୟାଳୟ ସହମତ ହୋଇଥିଲେ । କୋର୍ଟ କହିଛନ୍ତି, ଏସ୍‌ଆଇଆର ପରିଚାଳନା କରିବାର ଅଧିକାର ନିର୍ବାଚନ ଆୟୋଗର ଅଛି ଏବଂ ଏହା କୌଣସି ବୈଧାନିକ କିମ୍ବା ସାମ୍ବିଧାନିକ ବ୍ୟବସ୍ଥାକୁ ଉଲ୍ଲଂଘନ କରୁନାହିଁ । ନିର୍ବାଚନ କମିସନ ବିହାର ଏସ୍‌ଆଇଆର ପାଇଁ ନିର୍ଦ୍ଦେଶ ଦେଇ ଆରପି ଆକ୍ଟକୁ ଉଲ୍ଲଂଘନ କରିନାହାନ୍ତି କାରଣ ଏପରି ଅଭ୍ୟାସ ଭୋଟର ତାଲିକାର ଶୁଦ୍ଧତାକୁ ସୁନିଶ୍ଚିତ କରେ ଏବଂ ମୁକ୍ତ ଓ ନିରପେକ୍ଷ ନିର୍ବାଚନରେ ସାହାଯ୍ୟ କରେ ବୋଲି ଖଣ୍ଡପୀଠ କହିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ଏହା ମଧ୍ୟ କହିଛନ୍ତି ଯେ, ଭୋଟର ତାଲିକାର ଅଖଣ୍ଡତା ନିଶ୍ଚିତ କରିବା ପାଇଁ ଏସ୍‌ଆଇଆର ବ୍ୟାୟାମ ବୈଧ ଉପାୟ ଉପରେ ଆଧାରିତ ଏବଂ ଏଥିରେ ଅନ୍ତର୍ନିହିତ ସୁରକ୍ଷା ରହିଛି । ବେଂଚ ଆହୁରି କହିଛନ୍ତି ଯେ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପାଇଁ ଇସି ଏହା କରୁଛନ୍ତି । ରାୟରେ କୁହାଯାଇଛି

ଯେ, ଏସ୍‌ଆଇଆରର ସମଗ୍ର ପ୍ରକ୍ରିୟା ଏବଂ ଦାବି ଓ ଆପତ୍ତି ପାଇଁ ସୁଯୋଗ ଏହାକୁ ବୈଧ ଓ ଅଣ-ମନମୁଖି କରିଥାଏ । ସମ୍ବିଧାନର ଧାରା ୩୨୪ ସହିତ ଜନପ୍ରତିନିଧି ଆଇନର ଧାରା ୨୧(୩) ଅନୁଯାୟୀ ଏହା ଏକ ଅଭ୍ୟାସ, ଯାହା ସମ୍ବିଧାନର ଭାଗ ୧୫ରେ ସୁରକ୍ଷା ପାଇଁ ପରିକଳ୍ପନା କରାଯାଇଛି । ଖଣ୍ଡପୀଠ ଏହାର ୧୨୪ ପୃଷ୍ଠାର ରାୟରେ କହିଛନ୍ତି ଯେ, ଅପ୍ରତ୍ୟାଶିତ ଏସ୍‌ଆଇଆର ଅଭ୍ୟାସ ଅନୁଯାୟୀ କରାଯାଇଥିବା ବିଲୋପନ ୧୯୬୦ ନିୟମର ଧାରା ୨୧ଏ ଅନୁଯାୟୀ ଧାର୍ଯ୍ୟ ପ୍ରକ୍ରିୟାର ବିରୁଦ୍ଧାଚରଣ ବୋଲି କୁହାଯାଇପାରିବ ନାହିଁ । ଆୟୋଗ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରକ୍ରିୟା ବୈଧାନିକ ସୀମା ମଧ୍ୟରେ ରହିଛି । ବିହାର ଓ ଅନ୍ୟାନ୍ୟ ରାଜ୍ୟରେ ଏସ୍‌ଆଇଆର ପରିଚାଳନା କରିବାକୁ ନିର୍ବାଚନ ଆୟୋଗ ନିଷ୍ପତି ନେବା ପରେ ଗତ ବର୍ଷ ଜୁନ୍ ମାସରେ ଏହା ବିରୋଧରେ ଅନେକ ପିଟିସନ ଦାଖଲ ହୋଇଥିଲା । ଏନ୍‌ଜିଓ ଆସୋସିଏସନ୍ ଅଫ୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍), ପିପୁଲ୍ସ ୟୁନିୟନ ଫର୍ ସିଭିଲ୍ ଲିବର୍ଟିଜ୍ (ପିୟୁସିଏଲ୍), ରାଜନୈତିକ କାର୍ଯ୍ୟକର୍ତ୍ତା ଯୋଗେନ୍ଦ୍ର ଯାଦବ, ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୈତ୍ର, ରାଷ୍ଟ୍ରୀୟ ଜନତା ଦଳର ସାଂସଦ ମନୋଜ ଝା, କଂଗ୍ରେସର କେସି ବେଣୁଗୋପାଳ, ଏନ୍‌ସିପିର ସୁପ୍ରିୟା ସୁଲେ ଓ ଅନ୍ୟମାନେ ଏହିସବୁ ପିଟିସନ ଦାଖଲ କରିଥିଲେ ।

୨୦୨୭ ଏସିଆନ୍ ଇନଡୋର ଆଥଲେଟିକ୍ସ ଚାମ୍ପିଅନସିପ୍ ଆୟୋଜନ କରିବ ଓଡ଼ିଶା

ଭୁବନେଶ୍ୱର, ୨୭/୫ (ଆ.ପ୍ର) : ଏସୀୟ ଇନଡୋର ଆଥଲେଟିକ୍ସ ଚାମ୍ପିଅନସିପ୍-୨୦୨୭ ଆୟୋଜନ କରିବ ଓଡ଼ିଶା । କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ । ଆଜି ହଂକଂରେ ଏସୀୟ ଆଥଲେଟିକ୍ସ କାଉନସିଲ ପକ୍ଷରୁ ଏହି ନିଷ୍ପତି ନିଆଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏନେଇ ଭାରତୀୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହା ଭାରତ ଏବଂ ଓଡ଼ିଶା ପାଇଁ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ । ଓଡ଼ିଶା ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଂଟର ଆୟୋଜକ ଭାବରେ ନିଜର ସ୍ଥିତିକୁ ମଜବୁତ କରିଛି । ବିଶ୍ୱସ୍ତରୀୟ କ୍ରୀଡା କ୍ଷେତ୍ରରେ ଏହା ଓଡ଼ିଶାର ଆଉ ଏକ ଉପଲବ୍ଧି । ସେହିପରି ଚଣ୍ଡିଗଡ଼ ୨୦୨୮ ଏସୀୟ ରିଲେ ଆୟୋଜନ କରିବ ବୋଲି ସୂଚନା ମିଳିଛି । ଏହା ପୂର୍ବରୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ରେ ୨୦୨୮ ବିଶ୍ୱ ଇନଡୁର ଆଥଲେଟିକ୍ସ ପ୍ରତିଯୋଗିତା ଆୟୋଜନ ହେବ ବୋଲି ଘୋଷଣା କରାଯାଇଛି । ଯାହାକି ଓଡ଼ିଶା କ୍ରୀଡ଼ା ଜଗତ ପାଇଁ ଏକ ଗୌରବମୟ ବିଷୟ ।

କଙ୍ଗୋ ଏବଂ ଉଗାଣ୍ଡାରେ ଇବୋଲା ଆତଙ୍କ; ୯ଶହରୁ ଅଧିକ ମାମଲା, ୨ଶହ ମୃତ୍ୟୁ

ନୂଆଦିଲ୍ଲୀ, ୨୭/୫(ନ୍ୟୁ.ଏ): ଆଫ୍ରିକାରେ ଇବୋଲା ଭାଇରସ୍ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ଅନୁଯାୟୀ, ଏପର୍ଯ୍ୟନ୍ତ ୯୦୦ ରୁ ଅଧିକ ସନ୍ଦିଗ୍ଧ ମାମଲା ରିପୋର୍ଟ ହୋଇଥିବା ବେଳେ ୨୨୩ ଜଣଙ୍କର ମୃତ୍ୟୁ ହୋଇଛି । କଙ୍ଗୋରେ ସର୍ବାଧିକ ମାମଲା ରିପୋର୍ଟ ହୋଇଛି । ଏଠାରେ ୧୧୨ ଜଣ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ୧୧ ଜଣଙ୍କର ମୃତ୍ୟୁ ଇବୋଲାରେ ହୋଇଛି । ଏହି ସଂକ୍ରମଣ ପଡ଼ୋଶୀ ଉଗାଣ୍ଡାରେ ମଧ୍ୟ ବ୍ୟାପିବାରେ ଲାଗିଛି, ଯେଉଁଠାରେ ଆଠ ଜଣ ରୋଗୀ ଚିହ୍ନଟ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମୁଖ୍ୟ ଟେଡ୍ରସ୍ କହିଛନ୍ତି ଯେ 'ସ୍ୱାସ୍ଥ୍ୟ ସଂସ୍ଥାଗୁଡ଼ିକ ଏ ଦିଗରେ ଶୀଘ୍ର କାମ କରୁଛନ୍ତି, କିନ୍ତୁ ଭାଇରସ୍ ଦ୍ରୁତ ସଂକ୍ରମଣ ଯୋଗୁଁ ପରିସ୍ଥିତି ଚ୍ୟାଲେଞ୍ଜପୂର୍ଣ୍ଣ ହୋଇଛି ।' ଏଥର, ଇବୋଲାର ବୁଣ୍ଡିବୁଗ୍ୟୋ ଷ୍ଟ୍ରେନ ବ୍ୟାପିବାରେ ଲାଗିଛି । ଏହା ଇବୋଲାର ଏକ ବିରଳ ରୂପ । ବର୍ତ୍ତମାନ ଏହାର କୌଣସି ନିର୍ଦ୍ଦିଷ୍ଟ ଟିକା କିମ୍ବା ଚିକିତ୍ସା ନାହିଁ, ଯାହାଦ୍ୱାରା ଏହାକୁ ନିୟନ୍ତ୍ରଣ କରିବା ଅଧିକ କଷ୍ଟକର ହୋଇପଡ଼ିଛି । ଏହି ଭାଇରସ ପ୍ରଥମେ ୨୦୦୭ ମସିହାରେ ଉଗାଣ୍ଡାର ବୁଣ୍ଡିବୁଗ୍ୟୋ ଅଂଚଳରେ ଚିହ୍ନଟ ହୋଇଥିଲା । WHO ଅନୁଯାୟୀ, ଏହି ଷ୍ଟ୍ରେନର

ମୃତ୍ୟୁହାର ୩୦% ରୁ ୫୦% ମଧ୍ୟରେ ହୋଇପାରେ । ଏହି ଭାଇରସ୍ ପ୍ରଥମେ ମେ ୨୦୨୬ ରେ କଙ୍ଗୋର ଇଟୁରି ପ୍ରଦେଶରେ ରିପୋର୍ଟ ହୋଇଥିଲା । ଏହି ଅଂଚଳ ଦୀର୍ଘ ଦିନ ଧରି ହିଂସା ଏବଂ ସଂଘର୍ଷ ଦ୍ୱାରା ପ୍ରଭାବିତ ହୋଇଛି । ଏହା ବହୁ ସଂଖ୍ୟକ ବିସ୍ଥାପିତ ଲୋକ ଏବଂ ସୁନା ଖଣି ଶ୍ରମିକଙ୍କ ବାସସ୍ଥାନ । ଡବ୍ଲ୍ୟୁଏଚଓ କହିଛି ଯେ ଲୋକଙ୍କ ନିରନ୍ତର ଗତିବିଧି ଯୋଗୁ ଭାଇରସ୍ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି । ଭାଇରସ୍ ବର୍ତ୍ତମାନ ଉତର କିଭୁ ଏବଂ ଦକ୍ଷିଣ କିଭୁ ପ୍ରଦେଶକୁ ବ୍ୟାପିଛି, ଯାହାର କିଛି ଅଂଶ ଏମ୨୩ ବିଦ୍ରୋହୀ ସଂଗଠନ ଦ୍ୱାରା ନିୟନ୍ତ୍ରିତ । ଇବୋଲା ବିରୋଧରେ ଉଦ୍ବେଗ ମଧ୍ୟରେ, କଙ୍ଗୋର ହସ୍ପିଟାଲ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକ ଉପରେ ମଧ୍ୟ ଆକ୍ରମଣ ହେଉଛି । ଗତ ସପ୍ତାହରେ, ଇଟୁରି ପ୍ରଦେଶର ମୋଙ୍ଗବ୍ୱାଲୁ ଜେନେରାଲ ରେଫରାଲ ହସ୍ପିଟାଲ ଉପରେ ଲଗାତାର ଦୁଇ ଦିନ ଧରି ଆକ୍ରମଣ କରାଯାଇଥିଲା । ଆକ୍ରମଣକାରୀମାନେ ଚିକିତ୍ସା ପାଇଁ ଲଗାଯାଇଥିବା ତମ୍ବୁରେ ନିଆଁ ଲଗାଇ ଦେଇଥିଲେ, ଯାହା ଫଳରେ ୧୮ ଜଣ ଇବୋଲା ରୋଗୀ ହସ୍ପିଟାଲରୁ ପଳାଇଯାଇଥିଲେ । ତଦନ୍ତରୁ ଜଣାପଡ଼ିଛି ଯେ ରୋଗୀଙ୍କ ମଧ୍ୟରୁ ଜଣେ ଇବୋଲା ପଜିଟିଭ୍ ଥିଲେ ଏବଂ ସେ ଏବେ ବି ବାହାରେ ବୁଲୁଛନ୍ତି । ପୂର୍ବ କଙ୍ଗୋରେ ସଶସ୍ତ୍ର ସଂଘର୍ଷ ସ୍ୱାସ୍ଥ୍ୟ ଦଳଗୁଡ଼ିକୁ ହସ୍ପିଟାଲରେ ପହଂଚିବାରୁ ବାଧା ଦେଉଛି । ପରଦିନ, ଆଉ ଏକ ଆକ୍ରମଣ ଘଟିଲା, ଏବଂ ଆଉ ସାତ ଜଣ ରୋଗୀ ଖସି ପଳାଇଗଲେ । ଜଣେ ଗୁରୁତର ରୋଗୀ ଖସି ପଳାଇବାକୁ ଚେଷ୍ଟା କରିବା ସମୟରେ ହିଁ ମୃତ୍ୟୁବରଣ କଲେ । ରିପୋର୍ଟ ହୋଇଥିଲା ଯେ କିଛି ଲୋକ ହସ୍ପିଟାଲରୁ ସେମାନଙ୍କ ସମ୍ପର୍କୀୟଙ୍କ ମୃତଦେହକୁ ଅନ୍ତିମ ସଂସ୍କାର ପାଇଁ ନେବାକୁ ଚାହୁଁଥିଲେ । ତଥାପି, ବିଶେଷଜ୍ଞମାନେ କହିଛନ୍ତି ଯେ ଇବୋଲାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ମୃତଦେହ ଅତ୍ୟନ୍ତ ସଂକ୍ରାମକ । ଅସୁରକ୍ଷିତ ଶବଦାହ ଦ୍ୱାରା ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପିପାରେ ।

ସମସ୍ତ ଦଳୀୟ ପଦପଦବୀ ଛାଡ଼ିଲେ ଟିଏମ୍‌ସି ସାଂସଦ କାକଲି

କୋଲକାତା, ୨୭/୫(ନ୍ୟୁ.ଏ): ତୃଣମୂଳ କଂଗ୍ରେସର ବାରସାତ ଜିଲ୍ଲା ସଭାପତି ପଦରୁ ଇସ୍ତଫା ଦେବାର କିଛି ଦିନ ପରେ, ମମତା ବାନାର୍ଜୀଙ୍କ ଘନିଷ୍ଠ ସହଯୋଗୀ ତଥା ବରିଷ୍ଠ ଟିଏମସି ସାଂସଦ କାକଳି ଘୋଷ ଦସ୍ତିଦାର ଦଳର ସମସ୍ତ ସାଂଗଠନିକ ପଦପଦବୀରୁ ଇସ୍ତଫା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ବୈଠକରେ ଯୋଗ ଦେବାର କିଛି ଘଂଟା ପରେ ଏହି ଘଟଣା ଘଟିଛି । କାକଳି ତାଙ୍କ ଇସ୍ତଫା ପତ୍ରରେ ଲେଖିଛନ୍ତି, ସେ ଅତ୍ୟନ୍ତ ଦୁଃଖ ଓ ଚିନ୍ତାର ସହିତ ଟିଏମ୍‌ସି ମହିଳା କଂଗ୍ରେସର ଅଧକ୍ଷା ପଦ ଓ ଦଳର ଅନ୍ୟାନ୍ୟ ସାଂଗଠନିକ ପଦବୀ, କମିଟି ଓ ଦାୟିତ୍ୱରୁ ଇସ୍ତଫା ଦେଉଛନ୍ତି । କାକଳି ଆହୁରି ଲେଖିଛନ୍ତି, ଯେଉଁଠାରେ ଜଣେ ମହିଳା ସାଂସଦଙ୍କ ପ୍ରତି ଅନ୍ୟ ଜଣେ ଅଶିକ୍ଷିତ, ଅଭଦ୍ର ଦଳୀୟ ସାଂସଦଙ୍କ ଅଶୋଭନୀୟ ଆଚରଣକୁ ବନ୍ଦ କରାଯାଇପାରିବ ନାହିଁ, କିମ୍ବା ବରିଷ୍ଠ ନେତୃତ୍ୱଙ୍କ ସହଯୋଗ ଓ ସହାନୁଭୂତି ମିଳିପାରିବ ନାହିଁ, ଏପରି ପଦବୀରେ ରହିବା ଅର୍ଥପୂର୍ଣ୍ଣ ନୁହେଁ । କାକଳି ଆଇନଜୀବୀ-ରାଜନେତା ତଥା ଶ୍ରୀରାମପୁର ଲୋକସଭା ନିର୍ବାଚନମଣ୍ଡଳୀର ତୃଣମୂଳ ସାଂସଦ କଲ୍ୟାଣ ବାନାର୍ଜୀଙ୍କୁ ସମାଲୋଚନା କରି ଏହା ଲେଖିଛନ୍ତି । ସୂଚନାଯୋଗ୍ୟ, ବିଧାନସଭା ନିର୍ବାଚନରେ ଦଳର ପରାଜୟ ପରେ କାକଳିଙ୍କ ସ୍ଥାନରେ କଲ୍ୟାଣ ବାନାର୍ଜୀ ଲୋକସଭାରେ ଟିଏମ୍‌ସିର ମୁଖ୍ୟ ସଚେତକ ଭାବରେ ପୁନଃନିଯୁକ୍ତ ହୋଇଥିଲେ । କାକଳି 'ଏକ୍ସ'ରେ ଏକ ପୋଷ୍ଟ କରି ଆହୁରି ଲେଖିଛନ୍ତି ଯେ, ମୁଁ ମମତା ବାନାର୍ଜୀଙ୍କୁ ୧୯୭୬ ମସିହାରୁ ଜାଣିଛି, ତାଙ୍କ ସହିତ ୧୯୮୪ରୁ କାମ କରୁଛି, ଚାରି ଦଶନ୍ଧିର ମୋ ଆନୁଗତ୍ୟର ପୁରସ୍କାର ପାଇଲି ବୋଲି କାକଳି ଲେଖିଛନ୍ତି । କାକଳିଙ୍କ ଇସ୍ତଫା ଟିଏମ୍‌ସି ପାଇଁ ଶକ୍ତ ଧକ୍କା ହୋଇଛି ।

ଆସାମ ବିଧାନସଭାରେ 'ୟୁସିସି' ବିଲ୍ ପାସ୍

ଗୌହାଟୀ, ୨୭/୫(ନ୍ୟୁ.ଏ): ଦେଶରେ ସମାନ ଆଇନ ବ୍ୟବସ୍ଥା ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ବୁଧବାର ଆସାମ ବିଧାନସଭାରେ ଐତିହାସିକ ''ୟୁନିଫର୍ମ ସିଭିଲ୍ କୋଡ୍'' (ୟୁସିସି) ବା ସମାନ ନାଗରିକ ସଂହିତା ବିଲ୍ ସଫଳତାର ସହ ପାସ୍ ହୋଇଯାଇଛି । ଉତରାଖଣ୍ଡ ଓ ଗୁଜରାଟ ପରେ ଏହି ଗୁରୁତ୍ୱପୂର୍ଣ୍ଣ ଆଇନକୁ ମଞ୍ଜୁରୀ ଦେବାରେ ଆସାମ ଦେଶର ତୃତୀୟ ରାଜ୍ୟ ପାଲଟିଛି । ଚାଲୁ ରହିଥିବା ପାଂଚ ଦିନିଆ ବିଧାନସଭା ଅଧିବେଶନର ଶେଷ ଦିନରେ ଏହି ବିବାଦୀୟ ବିଲ୍ ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା । କଂଗ୍ରେସ, ରାଇଜୋର ଦଳ ଓ ତୃଣମୂଳ କଂଗ୍ରେସ (ଟିଏମସି) ଭଳି ପ୍ରମୁଖ ବିରୋଧୀ ଦଳଗୁଡ଼ିକ ଏହି ଆଇନକୁ ସିଲେକ୍ଟ କମିଟି ନିକଟକୁ ପଠାଇବା ସହ ଅଧିକ ସମୀକ୍ଷା ପାଇଁ ଦାବି କରିଥିଲେ ହେଁ, ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱାଧୀନ ବିଜେପି ସରକାର ଏହାକୁ ଗୃହରେ ଗୃହୀତ କରାଇଛନ୍ତି । ଯଦିଓ ଏହି ଆଇନ ଆସାମରେ ବସବାସ କରୁଥିବା କୌଣସି ଅନୁସୂଚିତ ଜନଜାତି (ଏସଟି) ବା ଆଦିବାସୀ ସମ୍ପ୍ରଦାୟ ପାଇଁ ଲାଗୁ ହେବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ବିଲର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଏହି

କୋଡର ମୁଖ୍ୟ ଲକ୍ଷ୍ୟ ହେଉଛି ବିବାହ, ଛାଡ଼ପତ୍ର, ସମ୍ପତି ଉତରାଧିକାର ଓ ଲିଭ୍-ଇନ୍ ସମ୍ପର୍କ ସହିତ ଜଡ଼ିତ ବ୍ୟକ୍ତିଗତ ନିୟମଗୁଡ଼ିକୁ ଏକତ୍ରିତ ଓ ସରଳ କରିବା । ନୂତନ ନିୟମ ଅନୁଯାୟୀ, ବିବାହ ପାଇଁ ପୁରୁଷଙ୍କ ସର୍ବନିମ୍ନ ବୟସ ୨୧ ବର୍ଷ ଏବଂ ମହିଳାଙ୍କ ପାଇଁ ୧୮ ବର୍ଷ ସ୍ଥିର କରାଯିବା ସହ ବହୁବିବାହକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ତେବେ ରାଜ୍ୟର ସାଂସ୍କୃତିକ ବିବିଧତାକୁ ସୁରକ୍ଷା ଦେବା ପାଇଁ ପାରମ୍ପରିକ ଧାର୍ମିକ ରୀତିନୀତି ଅନୁସାରେ ବିବାହ କରିବାକୁ ଅନୁମତି ମିଳିବ । ଏହି ବିଲ୍ ମାଧ୍ୟମରେ ପ୍ରଥମ ଥର ପାଇଁ ଲିଭ୍-ଇନ୍ ସମ୍ପର୍କକୁ ଏକ ଆଇନଗତ ମାନ୍ୟତା ଦିଆଯାଇଛି, ଯେଉଁଥିରେ ସମ୍ପୃକ୍ତ ସହଭାଗୀ ଏବଂ ସେମାନଙ୍କଠାରୁ ଜନ୍ମିତ ସନ୍ତାନମାନଙ୍କର ଅଧିକାରକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖାଯିବ । ଏହା ସହିତ ସମ୍ପତି ବଂଟନ କ୍ଷେତ୍ରରେ ଲିଙ୍ଗଗତ ସମାନତା ଆଣିବା ପାଇଁ ଶ୍ରେଣୀ-୧ ର ସମସ୍ତ ଉତରାଧିକାରୀ ଯଥା ପତ୍ନୀ, ସନ୍ତାନ ଓ ପିତାମାତାଙ୍କୁ ସମାନ ଭାଗ ମିଳିବାର ପ୍ରାବଧାନ ରହିଛି, ଯାହା ସମ୍ବିଧାନର ଧାରା ୪୪ର ନିର୍ଦ୍ଦେଶକୁ ପ୍ରତିପାଦିତ କରୁଛି । ଏହି ନୂଆ ୟୁସିସି ଆଇନରେ ନିୟମ ଉଲ୍ଲଂଘନକାରୀଙ୍କ ପାଇଁ ଅତି କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି । ଭାରତୀୟ ନ୍ୟାୟ ସଂହିତା (ବିଏନଏସ୍), ୨୦୨୩ ର ଧାରା ୮୨ ଅନୁଯାୟୀ ବେଆଇନ ଭାବେ ଦ୍ୱିତୀୟ ବିବାହ ବା ବହୁବିବାହ କଲେ ସର୍ବାଧିକ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ମିଳିବ । ସେହିପରି ଲିଭ୍-ଇନ୍ ସମ୍ପର୍କକୁ ଏକ ମାସ ମଧ୍ୟରେ ପଞ୍ଜୀକରଣ ନକଲେ ୩ ମାସ ଜେଲ୍ କିମ୍ବା ୧୦,୦୦୦ ଟଙ୍କା ଜରିମାନା ଏବଂ ମିଥ୍ୟା ସୂଚନା ଦେଲେ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ । ବଳପୂର୍ବକ ବା ପ୍ରତାରଣାମୂଳକ ବିବାହ ପାଇଁ ୭ ବର୍ଷ ଜେଲ୍, ବେଆଇନ ଛାଡ଼ପତ୍ର ପାଇଁ ୩ ବର୍ଷ ଜେଲ୍ ଏବଂ ବିବାହ କିମ୍ବା ଛାଡ଼ପତ୍ରର ୬୦ ଦିନ ମଧ୍ୟରେ ପଞ୍ଜୀକରଣ ନକଲେ ୧୦,୦୦୦ ଟଙ୍କାର ଆର୍ଥିକ ଦଣ୍ଡ ଲାଗୁ ହେବ । ଆସାମ ସରକାରଙ୍କ ଅନୁଯାୟୀ, ଏହି ଆଇନ କେବଳ ଏକ ନୀତି ନୁହେଁ, ବରଂ ରାଜ୍ୟରେ ସାମାଜିକ ନ୍ୟାୟ, ସୁରକ୍ଷା ଏବଂ ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ସାଜିବ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com

ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das